# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-173 ♦FRIDAY ♦19 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୭୩ ♦ଶୁକ୍ରବାର ♦୧୯ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




'ଅବତାର ୩'ରେ 'ରାମାୟଣ' ପ୍ରୋମୋ

▶ପୃଷ୍ଠା ୧୨ ଦେଖନ୍ତୁ...


TETRAHEDRON GROUP OF INSTITUTIONS, TANGI, CUTTACK

# TETRAHEDRON GROUP OF INSTITUTIONS

## TETRAHEDRON HIGHER SECONDARY SCHOOL
## TETRAHEDRON WOMEN'S HIGHER SECONDARY SCHOOL
## TETRAHEDRON RESIDENTIAL COACHING FOR NEET, JEE & CBSE (XI)
## TETRAHEDRON KIND INTERNATIONAL SCHOOL

TANGI, CUTTACK -754022, Mob. : 8093064522, 8093064525

2025 : 126 MBBS ADMISSIONS 2024 : 71 MBBS ADMISSIONS 2023 : 54 MBBS ADMISSIONS

## OUR CHSE RESULTS - 2025

100% RESULT

| | |
|---|---|
| Above 95% 14 STUDENTS | Above 560 51 STUDENTS |
| Above 90% 199 STUDENTS | Above 89% 236 STUDENTS |
| Above 88% 285 STUDENTS | Above 500 536 STUDENTS |
| Above 80% 714 STUDENTS | Above 75% 902 STUDENTS |
| Above 70% 1023 STUDENTS | Above 60% 1120 STUDENTS |

581 ABINASH PANDA R. NO. : 312CZ142 MOB. : 8926374475

580 ANANYA ANUPRITA R.NO. : 321CZ001 M. : 6372522094

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPARNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
572 SAI ARPIT R.NO. : 312CZ118 M. : 8917543238
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
567 PRAGYNA PARMITA R.NO. : 321CZ065 M. : 9937431840
566 RUMITA R.NO. : 321CZ024 M. : 9178152840
565 SUBHAM HARAPRIYA R.NO. : 312CZ033 M. : 9668325122
564 BABUL R.NO. : 312CZ093 M. : 7381834918

564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
564 MOHIT R.NO. : 312CZ003 M. : 7042591220
564 SHUBHAM R.NO. : 312CZ007 M. : 9937533036
564 SUBHASMITA R.NO. : 321CZ011 M. : 8338816946
564 SUBHANKAR R.NO. : 312CZ026 M. : 7064837405
563 ANANYA R.NO. : 321CZ063 M. : 7894879290
563 CHINMAYA R.NO. : 312CZ097 M. : 7750985855
563 PRIYANKA R.NO. : 321CZ039 M. : 9883320962
563 RAJESH R.NO. : 312CZ008 M. : 9437824159
563 RASHMITA R.NO. : 321CZ122 M. : 8249824883
563 RUTENDRA R.NO. : 312CZ005 M. : 8376946436
563 RUDRA NARAYAN R.NO. : 312CZ104 M. : 7908558686
562 DIBYAJYOTI R.NO. : 312CZ086 M. : 9692268696

## 127 MBBS ADMISSIONS IN -2025

AIIMS, KALYANI — SOURAV RANJAN, JAJPUR, M. : 9337135920
AIIMS, KALYANI — AMIT ANSUMAN, JAJPUR, M : 8260552053
AIIMS, KALYANI — G.S TANISHA, BHADRAK, M : 6370203229
AIIMS, DEOGRAH — SOUMYA RANJAN, KENDRAPARA, M: 9853490176
AIIMS, BBSR — ASHUTOSH (SC), SAMBALPUR, M : 9438110102
SCB, CUTTACK — PRANAB KUMAR, CUTTACK, M : 9348405006
SCB, CUTTACK — SUBHASANKAR, BALASORE, M. : 9556941413
SCB, CUTTACK — ASHUTOSH, KENDRAPARA, M : 7735074814
SCB, CUTTACK — SOMESH PRASAD, TALCHER, ANGUL, M. : 7849035336
SCB, CUTTACK — SWARAJ, JAGATSINGHPUR, M. : 6372296215
SCB, CUTTACK — MONALISHA, KEONJHAR, M. : 9938758948
SCB, CUTTACK — ANSUMAN, CUTTACK, M. :6372343040
SCB, CUTTACK — PRASANTA KU., JAJPUR, M : 7894331492

SCB, CUTTACK — ARCHITA, CUTTACK, M. : 7978178553
SCB, CUTTACK — ASIS KUMAR, KEONJHAR, M : 9827856657
SCB, CUTTACK — SASWAT (SC), BHADRAK, M. : 7205636020
MKCG, BERHAMPUR — SUBHASHISH, JAJPUR, M. : 9040499246
MKCG, BERHAMPUR — SOVNA, JAJPUR, M : 7978917103
MKCG, BERHAMPUR — SATYARANJAN, CUTTACK, M. : 8249555100
MKCG, BERHAMPUR — KABIR, CUTTACK, M. :8917235240
MKCG, BERHAMPUR — IRA MOHANTY, JAJPUR, M. :9438174925
MKCG, BERHAMPUR — SWATI SNIGHDA, BARIPADA, M. : 9337135920
MKCG, BERHAMPUR — SURYASNATA, SALIPUR, CUTTACK, M. : 9439942163
MKCG, BERHAMPUR — SOUBHAGYA RANJAN, JAJPUR, M. : 9692767335
MKCG, BERHAMPUR — JAYASHREE, JAJPUR, M. : 7077298174
MKCG, BERHAMPUR — R.S. BHAKTI SWARUPA, CUTTACK, M. : 9777746799
MKCG, BERHAMPUR — PRADIP KUMAR, CUTTACK, M. : 8338869928

MKCG, BERHAMPUR — ROHIT RASHMI, KHURDA, M. : 9090478270
MKCG, BERHAMPUR — ASISH, KENDRAPARA, M. : 8093906398
MKCG, BERHAMPUR — RUDRA NARAYAN, JAJPUR, M. : 8908938985
MKCG, BERHAMPUR — SWADHIN(SGS), M. :7854314982
MKCG, BERHAMPUR — SUSHREE SUHANI(SC), CUTTACK, M. : 9178426437
MKCG, BERHAMPUR — SANJIB KUMAR, CUTTACK, M. : 8658284937
VIMSAR,BURLA — RAJ KUMAR, BHUBANESWAR, M. : 9937125766
VIMSAR, BURLA — RAJENDRA, KENDRAPARA, M. : 8249757722
VIMSAR, BURLA — SAIEED, JAJPUR, M. : 8984303637

VIMSAR, BURLA — RESHMA RANI (SC), M. : 9937096914
VIMSAR, BURLA — GOURAV, M. : 8895425628
VIMSAR, BURLA — RATISH (SC), KENDRAPARA, M. : 7978517118
SJMCH, PURI — GYANA RANJAN, JAJPUR, M. : 8984012686
SJMCH, PURI — AMIT KUMAR, CUTTACK, M. : 9692868645
SJMCH, PURI — RITIK NARENDRA, NAYAGARH, M. : 7855924761
SJMCH, PURI — ANUPAMA, JAJPUR, M. : 8260543757
SJMCH, PURI — JYOTIRANJAN, JAGATSINGHPUR, M. : 9090317675
SJMCH, PURI — SONALI (SC), CUTTACK, M. : 6371635236

PRM, BARIPADA — BARSHA PRIYADARSHINI(SC), M. : 9439515013
PRM, BARIPADA — RATISH (SGS), CUTTACK, M. :9827478828
PRM, BARIPADA — ABHILIPSA(ST), M. : 8260874913
PRM, BARIPADA — IPSITA, BARIPADA, M. : 7847007731
PRM, BARIPADA — AYUSHMAN, DHENKANAL, M. : 7854804182
SLN, KORAPUT — CHETAS RAJ, CUTTACK, M. : 7978884500
SLN, KORAPUT — JAGURUTIMAYEE, BOLANGIR, M. : 9777510848
SLN, KORAPUT — DIBYARANJAN, BHADRAK, M. :8658710726
SLN,KORAPUT — SUBHASHREE(SGS), M. : 9938624976
FM, BALASORE — AMIT KUMAR, JAJPUR, M. : 9348601405
FM, BALASORE — ASHUTOSH, JAJPUR, M. : 9438213231
FM, BALASORE — DEEPANKAR, JAJPUR, M. : 7750878883
FM, BALASORE — PRATIKSHYA (SGS), CUTTACK, M. : 9875669797
FM, BALASORE — ARUP, ANGUL, M. : 8260114745
FM, BALASORE — SARASWATA, CUTTACK, M. : 9827707252
PRM, BARIPADA — MOUSUMI, MAYURBHANJ, M. : 7008778013

### INTEGRATED STUDENT'S

RIMS, RANCHI — RAJESH, M : 6370895135
SJMCH, PURI — SUBHANKAR, M. : 9310679902
FM, BALASORE — PRIYANSHI, M. : 7735776269
PRM, BARIPADA — SUBHAM, M. : 9937533036
PRM,BARIPADA — LOKANATH, M. : 8084711270
PRM, BARIPADA — SWARNAPRAVA, M. : 9348538749
PMP MCH, TALCHER — ARPIT, MAYURBHANJ

### 127 MBBS ADMISSIONS IN -2025

| | |
|---|---|
| AIIMS 5 STUDENTS | SCB, CUTTACK 11 STUDENTS |
| MKCG, BERHAMPUR 17 STUDENTS | VIMSAR, BURLA 6 STUDENTS |
| PRM, BARIPADA 10 STUDENTS | FM, BALASORE 7 STUDENTS |

9040363480, 8093064522
8093064525, 7008222977

Tetrahedron Tangi  Tetrahedrongroup, www.tetrahedrontangi.com
tetrahedronjuniorcollege@gmail.com / tetrahedronwomenshss@gmail.com

■ ନବୀନଙ୍କୁ ଫେରାଦ ହେଲେ ଶେରଗଡ଼ ବିଜେଡି କର୍ମୀ

# ବିକାଶ କାମରେ ସରକାର ଉଦାସୀନ

■ ଦଳୀୟ ଭିତ୍ତିରେ କାମ କରୁଛି ଜିଲ୍ଲା ପୁଲିସ
■ ଧାନ ସଂଗ୍ରହରେ ଅବ୍ୟବସ୍ଥା କାରଣରୁ ଚାଷୀ ହେଉଛନ୍ତି ହଇରାଣ
■ ପ୍ରଶାସନ ସହ ଆଲୋଚନା କରିବାକୁ ନବୀନ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର,୧୮।୧୨(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅଧୀନ ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଏବଂ କର୍ମୀ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଶେରଗଡ଼ ବ୍ଲକରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀଙ୍କୁ ହଇରାଣ ହରକତ କରୁଥିବା ନେଇ ସେମାନେ ନବୀନଙ୍କ ଆଗରେ ଫେରାଦ ହୋଇଛନ୍ତି। ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ବିଷୟରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଉଦାସୀନତା ଯୋଗୁଁ ନିର୍ବାଚନମଣ୍ଡଳୀରେ ବିକାଶ କାମ ଅଧପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଚ୍ଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରା ନ ଯାଉଥିବାରୁ ସ୍ୱାସ୍ଥ୍ୟ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଏପରିକି କେତେକ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବାରେ ହିତାଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ନ୍ୟାସନାଲ ହେରାଲ୍ଡ ମାମଲା

# ସବୁ ଜିଲ୍ଲାରେ ଗର୍ଜିଲା କଂଗ୍ରେସ



ଭୁବନେଶ୍ୱର,୧୮।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ସାରା ରାଜ୍ୟରେ ପ୍ରତିବାଦକୁ ଜୋରଦାର କରିଛି କଂଗ୍ରେସ। ରାଜ୍ୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଗୁରୁବାର ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି ସରକାର ବିରୋଧରେ ପ୍ରତିବାଦ ରାଲି ଆୟୋଜନ କରାଯାଇଛି। ରାଜ୍ୟର ସବୁ ସାଂଗଠନିକ ଜିଲ୍ଲାରେ କଂଗ୍ରେସ କାର୍ଯ୍ୟାଳୟରୁ ପ୍ରତିବାଦ ରାଲି ବାହାରି କେନ୍ଦ୍ର ସରକାରଙ୍କ ପ୍ରତିଶୋଧ ପରାୟଣ ରାଜନୀତିକୁ ନିନ୍ଦା କରାଯିବା ସହ ନାରାବାଜି କରାଯାଇଛି। କିଛି ଜିଲ୍ଲାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରାଉ ପାଇଁ କଂଗ୍ରେସ କର୍ମୀ ଉଦ୍ୟମ କରିବା ସହ କିଛି ଜିଲ୍ଲାରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରକୁ ବଦ୍‌ନାମ କରିବା ପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା, ସେଥିରେ କୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି। ଆଗାମୀ ଦିନରେ ଜନତା ମଧ୍ୟ ଏହାର ଜବାବ ଦେବେ ବୋଲି ଶ୍ରୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଆଲୋକ ମହାନ୍ତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ଦିନକୁ ଯାଉଛି ୪୭୪ ଜୀବନ

## ବର୍ଷକୁ ୫ ଲକ୍ଷ ସଡ଼କ ଦୁର୍ଘଟଣା: ୧.୮ ଲକ୍ଷ ମୃତ୍ୟୁ

ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଦେଶରେ ପ୍ରତିବର୍ଷ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛଇ। ଏଥିରେ ହାରାହାରି ୧ ଲକ୍ଷ ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି। ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଯେ ମୃତ୍ୟୁସଂଖ୍ୟା ମଧ୍ୟରେ ୬୬ ପ୍ରତିଶତ ହେଉଛନ୍ତି ଯୁବକ/ଯୁବତୀ। ୧୮ ରୁ ୩୪ ବର୍ଷ ବୟସ୍କ ଲୋକ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ସଚେତନତା ସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ବ୍ରେକ ଲାଗୁନି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗତକାଲି ରାଜ୍ୟସଭାରେ ଏଭଳି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି। କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀଙ୍କ ପ୍ରଶ୍ନ ଉତ୍ତର ଦେଇ ଗଡ଼କରୀ ସ୍ୱୀକାର କରିଛନ୍ତି ଯେ ଭିତ୍ତିଭୂମି ନିର୍ମାଣରେ ଉନ୍ନତିଏବଂ ଆଇନ୍ କଡ଼ା କରିବା ସତ୍ତ୍ୱେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମ୍ ହୋଇପାରିନାହିଁ। ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ଅତ୍ୟାଧୁନିକ ଆମ୍ବୁଲାନ୍ସ ଦେବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ଆମ୍ବୁଲାନ୍ସ ଦୁର୍ଘଟଣାସ୍ଥଳରେ ମାତ୍ର ୧୦ ମିନିଟ୍‌ରେ ପହଞ୍ଚିପାରିବ। ଯଦି ଆହତ



### ୧୮ ରୁ ୩୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଅଧିକ

### ୧୦ ମିନିଟ୍‌ରେ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିବେ ସରକାର

ବ୍ୟକ୍ତିଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିବ ତାହାଲେ ୫୦ ହଜାର ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ଆଇଆଇଏମ୍‌ର ଏକ ସର୍ଭେର ଉଲ୍ଲେଖ କରି ସେ ଏହା କହିଛନ୍ତି। ମନ୍ତ୍ରୀ ଆହୁରି ସ୍ୱୀକାର କରିଛନ୍ତି ଯେ ଗତ ୫ ବର୍ଷରେ ସ୍ୱୀକୃତ ୫୭୪ ଜାତୀୟ ରାଜପଥ ଯୋଜନାଗୁଡ଼ିକ ନିର୍ଦ୍ଧାରିତ ସମୟ ଅନୁସାରେ ପଛୁଆ ରହିଛି। ସରକାରୀ ତଥ୍ୟ ଅନୁସାରେ ୨୦୧୮ ରେ ଏକ ଲକ୍ଷ ୫୮ ହଜାର ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୧୯ରେ ୧,୫୬୦୦୦, ୨୦୨୦ରେ ୧,୩୮୦୦୦, ୨୦୨୧ରେ ୧,୫୪୦୦୦ ଏବଂ ୨୦୨୨ରେ ୧,୬୮୦୦୦ ଲୋକ ପ୍ରାଣ ହରାଇଥିଲେ। ୨୦୨୩ର ସରକାରୀ ତଥ୍ୟ ମିଳିନାହିଁ। ତେବେ ବେସରକାରୀ ତଥ୍ୟ ଅନୁଯାୟୀ ୨୦୨୩ରେ ସର୍ବାଧିକ ଏକ ଲକ୍ଷ ୭୨ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସଡ଼କ ଦୁର୍ଘଟଣାରେ ପ୍ରତିଦିନ ୪୭୪ ଜଣଙ୍କ ଜୀବନ ଯାଉଥିବା ବେଳେ ପ୍ରତି ତିନି ମିନିଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଛି। ଏହି ମୃତ୍ୟୁସଂଖ୍ୟା ମଧ୍ୟରେ ୧୦ ହଜାର ହେଉଛନ୍ତି ଶିଶୁ। ପୁଣି ସ୍କୁଲ କଲେଜ ନିକଟରେ ଦୁର୍ଘଟଣା ଯୋଗୁଁ ଆହୁରି ୧୦ ହଜାର ଲୋକ ପ୍ରାଣ ହରାଇଥିଲେ।

ଆସନ୍ତାବର୍ଷ ୨୦୨୬ ସୁଦ୍ଧା ଦେଶବ୍ୟାପୀ ଉପଗ୍ରହ ଆଧାରିତ ଟୋଲ ପ୍ରଣାଳୀ ଲାଗୁ ହେବ। ଏହା ଉପଗ୍ରହ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଆଧାରିତ ହେବ।। ଗାଡ଼ି ତଥା ବାହନଗୁଡ଼ିକରୁ ଫାଷ୍ଟଟ୍ୟାଗ୍ ଓ ନମ୍ବର ପ୍ଲେଟ ଚିହ୍ନଟ କରିବା ଟେକ୍‌ନିକ ଜରିଆରେ ନ ଅଟକାଇ ଟୋଲ୍ ଆପେଆପେ କଟିବ। ଏହାଦ୍ୱାରା ୧, ୫୦୦ କୋଟି ଟଙ୍କାର ଇନ୍ଧନ ବଞ୍ଚିପାରିବ ଓ ୬, ୦୦୦ କୋଟି ଟଙ୍କାର ଅତିରିକ୍ତ ରାଜ୍ୟସ୍ୱ ବୃଦ୍ଧି ପାଇବ। ପ୍ରଥମେ ଟୋଲ ପାର କରିବାକୁ ୩ରୁ ୧୦ ମିନିଟ ସମୟ ଲାଗୁ ଥିବା ବେଳେ ଏବେ ଏହି ସମୟକୁ ଶୂନ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗଡ଼କାରୀ କହିଛନ୍ତି।

# ସମ୍ପର୍କ ସାଜିଲା ବଇରୀ

## ଜମିବାଡ଼ି ପାଇଁ ମା'କୁ ଗାଡ଼ି ମଡ଼ାଇ ହତ୍ୟା

ଯାଜପୁର/ପାଣିକୋଇଲି,୧୮।୧୨(ସମିସ): ଜମିବାଡ଼ି ପାଇଁ ବୁଢ଼ୀ ମା'କୁ ଗାଡ଼ି ମଡ଼ାଇ ହତ୍ୟା। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର ସିଙ୍ଗଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ସ୍ୱର୍ଗତ ଫୋଇନ ସାହୁଙ୍କ ପତ୍ନୀ କୁଲି ସାହୁ। ଏହି ଘଟଣାରେ ପୁଲିସ କୁଲିଙ୍କ ପୁଅ ନାରାୟଣ ସାହୁ ଓ ସାନ ନାତି ଗଣେଶକୁ ଅଟକ ରଖି ପଚରାଉଚରା କରୁଛି। ନାରାୟଣଙ୍କ ବଡ଼ପୁଅ କାର୍ତ୍ତିକ ଫେରାର୍ ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି।

ସୂଚନା ମୁତାବକ, କୁଳି ଓ ପୁଅ ନାରାୟଣ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ନାରାୟଣ ତାଙ୍କ ବାପା ଓ ମାଆଙ୍କୁ ଖାଇବାକୁ ନ ଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନୀତାଙ୍କ ନାମରେ କରିଦେଇଥିଲେ। ବାପାଙ୍କ ମୃତ୍ୟୁ ପରେ କୁଲିଙ୍କ ଉପରେ ନିର୍ଯାତନା ବଢ଼ିବାରୁ ସେ ଝିଅ ଘରେ ରହି ଆସୁଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଥାନାରେ ମାମଲା ମଧ୍ୟ ହୋଇଥିଲା। ଏଥିପାଇଁ ମା', ଝିଅ ଆଜି ଥାନାକୁ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ ପୁଅ କାର୍ତ୍ତିକ ଏକ ପିକ୍-ଅପ୍ (ଓଡି ୦୪ଇ୮ ୫୪୭) ଗାଡ଼ି ସେମାନଙ୍କ ଉପରେ ଚଢ଼ାଇ ଦେଇଥିଲା। ଏଥିରେ ଅନୀତା ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ ଘଟଣାସ୍ଥଳରେ କୁଲିଙ୍କ ମୃତ୍ୟୁ ଘଟିଥିଲା।

**ପୁଅ, ନାତି ଅଟକ**

ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ବାପ-ପୁଅ ମିଶି ସମ୍ପତ୍ତି ଲୋଭରେ ମାଆକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ଅନୀତା। ଅଭିଯୁକ୍ତ ନାରାୟଣଙ୍କ ବଡ଼ପୁଅ ଫେରାର୍ ହୋଇଯାଇଥିବା ବେଳେ ନାରାୟଣ ଓ ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି।

## ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ଚକାପାଦ,୧୮।୧୨(ସମିସ): ସାନ ଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ। କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ସୁନାପାଙ୍ଗା ଗ୍ରାମରେ ଗୁରୁବାର ରାତିରେ ଏହି ଘଟଣାଘଟିଛି। ମୃତକ ହେଲେ, ସନ୍ତୋଷ ପ୍ରଧାନ। ପୁଲିସ ଆଜି ସନ୍ତୋଷଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଭାଇ ନରେଶକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା। କୌଣସି କାରଣକୁ ନେଇ ଗତ ରାତିରେ ଦୁଇ ଭାଇଙ୍କ ମଧ୍ୟରେ ବଚସା, ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନରେଶ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲା। ଗୁରୁତର ସନ୍ତୋଷଙ୍କୁ ୧୦୮ ଆମ୍ବୁଲାନ୍ସରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୁଲିସ ଏଏସ୍‌ଆଇ ଅବନୀ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ସାମାନ୍ୟ କଥାରୁ ଭାଇକୁ ପିଟି ମାରିଦେଲା

ଭୋଗରାଇ, ୧୮।୧୨(ସମିସ): ଘରକୁ ଯିବା ଆସିବା ରାସ୍ତାରେ ବାଇକ୍ ରଖିବାକୁ କେନ୍ଦ୍ର କରି ସାନଭାଇର ମାଡ଼ରେ ବଡ଼ ଭାଇର ମୃତ୍ୟୁ ଘଟିଥିବା ନେଇ ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ମାନକୁଣ୍ଡା ଗ୍ରାମର ବଡ଼ ଭାଇ ସୁଦାମ ମାଝୀ ଓରଫ୍ ସନିଆ। ଏହି ଘଟଣାରେ ପୁଲିସ ସାନଭାଇ ସୁଧାକର ମାଝୀ ଓରଫ୍ ପବନକୁ ଗିରଫ କରିଛି। ରାସ୍ତା ଉପରେ ବାଇକ୍ ରଖିବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହା ଉଗ୍ରରୂପ ନେଇ ଦୁଇଭାଇଙ୍କ ମଧ୍ୟରେ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ରାଗିଯାଇ ସୁଦାମଙ୍କୁ ଠେଲି ରାସ୍ତାରେ ପକାଇ ଦେଇଥିଲେ ସୁଧାକର। ସୁଦାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୁଦାମଙ୍କ ସ୍ତ୍ରୀ ଅଞ୍ଜଳି ଏନେଇ ଭୋଗରାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁଧାକରକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ପଥରରେ ଛେଚି ଶାଶୂକୁ ହତ୍ୟା!



ଅନୁଗୋଳ, ୧୮।୧୨(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ଏକ ଘରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ମହିଳା ହେଲେ, କୁନି ନାୟକ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅନୁମାନ କରାଯାଉଛି। ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କୁନିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

**ବୋହୂ, ସମୁଦ୍ରୁଣୀ ଅଟକ**

ଏହି ଘଟଣାରେ ପୁଲିସ କୁନିଙ୍କ ବୋହୂ ଓ ସମୁଦୁଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, କୁନି ଏଠାରେ ଏକ ଭଡ଼ାଘରେ ରହୁଥିଲେ। ବୁଧବାର ରାତି ପ୍ରାୟ ୧୦ଟାରେ କୁନିଙ୍କ ପୁଅ କାହ୍ନୁ ନାୟକ ତାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିବା ବେଳେ ଘର କବାଟ ବନ୍ଦ ଥିଲା। କବାଟ ଖୋଲି ଦେଖିଲା ବେଳକୁ କୁନି ତଳେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଏ ସଂପର୍କରେ କାହ୍ନୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତରାତିରେ କୁନିଙ୍କ ସହ ବୋହୂଙ୍କର ଝଗଡ଼ା ହୋଇଥିଲା। ଘରେ କୁନିଙ୍କ ସମୁଦୁଣୀ ମଧ୍ୟ ଥିଲେ। ଝଗଡ଼ାକୁ କେନ୍ଦ୍ର କରି ଦୁହେଁ ମିଶି କୁନିଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ଦୁହିଁଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି।

ଧଉଳି ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା ମହିଳା କଂଗ୍ରେସ

# ଡବଲ ଇଞ୍ଜିନ ସରକାରରେ ଡବଲ ମାତ୍ରାରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର,୧୮।୧୨(ସମିସ): ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରୀନିବାସରେ ନାବାଳିକା ଗର୍ଭଧାରଣ ଭଳି ବିଭିନ୍ନ ପ୍ରକାର ମହିଳା ଅତ୍ୟାଚାର ମାମଲା ହୁ ହୁ ହୋଇ ବଢୁଛି। ଏହି ପରିସ୍ଥିତି ଅଣାୟତ୍ତ ଅବସ୍ଥାକୁ ଆସିଗଲାଣି। ସରକାର, ପୁଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନ ଥିବା ଜଣାପଡୁଛି ବୋଲି ରାଜ୍ୟ ମହିଳା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, ଗତ ୧୦ ତାରିଖ ସନ୍ଧ୍ୟାରେ ରାଜଧାନୀ ଉପକଣ୍ଠ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଧଉଳି ଶାନ୍ତିସ୍ତୂପ ନିକଟରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟକୁ ଲଜ୍ଜିତ କରିଛି। ଓଡ଼ିଶା ବିଜେପି ସରକାରର ୧୮ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହିଂସା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିଛି। ସରକାର ଓ ପ୍ରଶାସନ ପୂରାପୂରି ନିର୍ବାକ ଓ ନିଷ୍କ୍ରିୟ ରହିଛି। ଏଭଳି ସ୍ଥିତିରେ ସରକାର ନିଦାବିଷ୍ଟୁ ସାଜି ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଖି ବୁଜି ଦେଇଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

ଦିନକୁ ଦିନ ମହିଳା ନିର୍ଯ୍ୟାତନା ବୃଦ୍ଧି ପାଉଥିବାର ଉଦାହରଣ ଦେଇ ସେ କହିଥିଲେ, ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ନିର୍ମମ ଗଣବଳାତ୍କାର ଘଟଣା, ମାଲକାନଗିରିରେ ଜନୈକ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ତଦନ୍ତର ମନ୍ଥରଗତି, ଏବଂ ହୃଦୟ ଥରେଇଦେବା ଭଳି କଟକ ଏସ୍‌ସିବି ମେଡିକାଲର ଆଇସିୟୁରେ ଜଣେ ମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚରଣ ଘଟଣା ସରକାରଙ୍କ ଅକ୍ଷମତା, ଅବହେଳା ଓ ରାଜ୍ୟ ଆଇନ ବ୍ୟବସ୍ଥା ଧ୍ୱସ୍ତ ହେଉଥିବାକୁ ସ୍ପଷ୍ଟ କରୁଛି। ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି

**୧୮ ମାସରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଅସଦାଚରଣ ମାମଲା**

ସପ୍ତାହରେ ପ୍ରାୟ ମହିଳା ନର୍ଯ୍ୟାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଡବଲ ଇଞ୍ଜିନ ସରକାରରେ ମହିଳା ଡବଲ ମାତ୍ରାରେ ଅସୁରକ୍ଷିତ ବୋଲି କଂଗ୍ରେସ କଡ଼ା ସମାଲୋଚନା କରି କହିଛି।

ବିଜେପି ସରକାର ଆସିବା ପରଠାରୁ ରାଜ୍ୟରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅସଦାଚରଣ, ଗଣଦୁଷ୍କର୍ମ, ଦୁଷ୍କର୍ମ ଆଦି ବିଭିନ୍ନ ନିର୍ଯାତନା, ମହିଳା ଅପହରଣ ଓ ହତ୍ୟା ଭଳି ଘଟଣା ଘଟିଛି। ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରୀ ଓ ମହିଳା ବାଚସ୍ପତି ଥାଇ ମଧ୍ୟ ମହିଳା ନିର୍ଯ୍ୟାତନା ବଢ଼ିଚାଲିଛି। ତେଣୁ ଏସବୁ ମାମଲାର ଫାଷ୍ଟ-ଟ୍ରାକ୍ କୋର୍ଟରେ ତତ୍କାଳ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୁଲିସ୍ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା ପରାମର୍ଶ ଓ ଆଇନ ସହାୟତା ଯୋଗାଇଦେବାକୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ଦୃଢ଼ ଦାବି କରିଛି।

# ଅତିରିକ୍ତ ସୁରକ୍ଷା ଜମା ବୈଧାନିକ ଆବଶ୍ୟକତା: ଟାଟା ପାୱାର

## ସୁରକ୍ଷା ଜମା ଉପରେ ଗତବର୍ଷ ଉପଭୋକ୍ତାଙ୍କୁ ମିଳିଛି ୨୧୭ କୋଟି

ଭୁବନେଶ୍ୱର,୧୮।୧୨(ସମିସ): ଟିପିସିଓଡିଏଲର ଅତିରିକ୍ତ ସୁରକ୍ଷା ଜମା ନୋଟିସକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଗୁରୁବାର ସ୍ପଷ୍ଟୀକରଣ ରଖିଛି ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ। କଂପାନୀ ପକ୍ଷରୁ କୁହାଯାଇଛି, ବିଦ୍ୟୁତ୍ ବିଲ୍ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ (ଏଏସ୍‌ଡି) ଆଦାୟ ଏକ ବୈଧାନିକ ଆବଶ୍ୟକତା। ଏହା ବିଦ୍ୟୁତ୍ ଅଧିନିୟମ, ୨୦୦୩ ଅନୁଯାୟୀ ବାଧ୍ୟତାମୂଳକ ଏବଂ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିୟମାବଳୀକୁ ଅନୁପାଳନ କରୁଛି। ସୁରକ୍ଷା ଜମା ଟଙ୍କାକୁ ବିଲ୍‌ରେ ଭରଣା କରିବା ସହ ଅତିରିକ୍ତ ସୁରକ୍ଷା ଜମା ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଡାଞ୍ଚା ଏବଂ ରାଜ୍ୟରେ ଲାଗୁ ହୋଇଥିବା ବିଦ୍ୟୁତ୍ ଟାରିଫ ସହ ସଂଶ୍ଳିଷ୍ଟ। ଅତିରିକ୍ତ ସୁରକ୍ଷା ଜମା କେବଳ ଓଡ଼ିଶାରେ ଆଦାୟ କରାଯାଉ ନାହିଁ; ଏହା ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ବିତରକ କମ୍ପାନୀମାନେ ପ୍ରତିବର୍ଷ ଆଦାୟ କରୁଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ। ତେବେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଗତ ଆର୍ଥିକ ବର୍ଷରେ ହ୍ରାସ ପାଇଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଅତିରିକ୍ତ ସୁରକ୍ଷା ଜମା ଆଡଜଷ୍ଟମେଣ୍ଟ ପାଇଁ ଯୋଗ୍ୟ ଅଟନ୍ତି। ଅପରପକ୍ଷରେ ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ସେମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା କରିବାକୁ ପଡ଼ିବ ବୋଲି ଟାଟା ପାୱାର ସ୍ପଷ୍ଟ କରିଛି। କମ୍ପାନୀ ଆହୁରି ମଧ୍ୟ କହିଛି ଯେ ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତିବର୍ଷ ସେମାନଙ୍କ ଅତିରିକ୍ତ ଜମାରାଶି ଉପରେ ସୁଧ ଉପାର୍ଜନ ମଧ୍ୟ କରୁଛନ୍ତି, ଯାହା ସେମାନଙ୍କୁ ପ୍ରତିବର୍ଷ ସେମାନଙ୍କ ବିଦ୍ୟୁତ୍ ବିଲ୍‌ରେ ପ୍ରଦାନ କରାଯାଉଛି। ୨୦୨୪-୨୫ରେ ରାଜ୍ୟର ୪ଟି ଯାକ ବିତରକ କମ୍ପାନୀ ସିକ୍ୟୁରିଟି ଜମା ଉପରେ ୬.୫୦ ପ୍ରତିଶତ ସୁଧ ହାରରେ ୨୧୭.୨୯ କୋଟି ଟଙ୍କାର ସୁଧ ରାଶି ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିରେ ଟିପିଡବ୍ଲ୍ୟୁଡିଏଲ୍ ସର୍ବାଧିକ ୭୯.୯୧ କୋଟି ଟଙ୍କା ପ୍ରଦାନ କରିଛି।

ସେହିପରି ଟାଟା ପାୱାର ଯୁକ୍ତି ବାଢ଼ିଛି ଯେ ସୁରକ୍ଷା ଜମା ଏବଂ ଅତିରିକ୍ତ ସୁରକ୍ଷା ଜମା ଢାଞ୍ଚା ନୂଆ କିମ୍ବା ସ୍ୱେଚ୍ଛାକୃତ ନୁହେଁ। ଏହି ବ୍ୟବସ୍ଥା ପୂର୍ବରୁ ଅର୍ଥାତ୍ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋ ସମୟରେ ମଧ୍ୟ ଲାଗୁ ହେଉଥିଲା। ଅତିରିକ୍ତ ସୁରକ୍ଷା ଜମା ପାଇଁ ବିଜ୍ଞପ୍ତି ପାଇଥିବା ଗ୍ରାହକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେୟ ଦେବାକୁ ପଡିବ। ଏଥିରେ ବିଫଳ ହେଲେ ଆଇନ ଅନୁଯାୟୀ ଧାର୍ଯ୍ୟ ତାରିଖ ପରେ କୌଣସି ଅନାଦେୟ ରାଶି ଉପରେ ବାର୍ଷିକ ୧୫ ପ୍ରତିଶତ ସରଚାର୍ଜ ଲାଗୁ ହେବ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଉପସ୍ଥିତ ଥିଲେ।

■ ପୂର୍ବରୁ ମଧ୍ୟ ଓଡ଼ିଶାରେ ଆଦାୟ ହୋଇଛି ଅତିରିକ୍ତ ସୁରକ୍ଷା ରାଶି
■ ଅନ୍ୟ ରାଜ୍ୟରେ ବିତରକ କମ୍ପାନୀ ଅନୁସରଣ କରୁଛନ୍ତି ସମାନ ନିୟମ




ଫିଫା ବିଶ୍ୱକପ୍ ପୁରସ୍କାର ରାଶି ବୃଦ୍ଧି

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-173 ◆FRIDAY ◆19 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୩ ◆ଶୁକ୍ରବାର ◆୧୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ମନ୍ତ୍ରୀ-ବିଧାୟକଙ୍କ ଦରମା ବୃଦ୍ଧି

# ଅକଳରେ ସରକାର

## ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଅନୁରୋଧ

■ ଭୁବନେଶ୍ୱର, ୧୮।୧୨ (ସମିସ): ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ନେଇ ବିଧାନସଭାରେ ବିଲ୍ ପାରିତ ହେବା ପରେ ଏହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା । ଗରିବ ଲୋକମାନଙ୍କ ଭତ୍ତା ୩୦୦୦ ଟଙ୍କା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବା, ସୁଭଦ୍ରାରେ ଦିନକୁ ୨୭ ଟଙ୍କା ସହାୟତା ଦିଆଯାଉଥିବା ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧିକୁ ନେଇ ସବୁଆଡୁ ସରକାର ସମାଲୋଚନାର ଶରବ୍ୟ ହୋଇଥିଲେ। ପୁଣି ଯେଉଁ ସମୟରେ ଶିକ୍ଷକ, ପାଚିକାମାନେ ଦରମା ପାଇଁ ରାଜରାସ୍ତାରେ ଧାରଣା ଦେଉଥିଲେ; ସେହି ସମୟରେ ମନ୍ତ୍ରୀ ଓ ବିଧାୟକଙ୍କ ଦରମା ୩ ଗୁଣ ବୃଦ୍ଧି କରି ଦେଶରେ ସର୍ବାଧିକ କରି ଦିଆଗଲା ତାହାକୁ ନେଇ ମଧ ଜାତୀୟସ୍ତରରେ ଓଡ଼ିଶା ସରକାରଙ୍କୁ ସମାଲୋଚନା ଶାସକ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ଋଣ କରିଥିବା ଓ ରାଜ୍ୟରେ ଲୋକମାନଙ୍କ ମୁଣ୍ଡପିଛା ଋଣଭାର ୨୮ ହଜାର ଟଙ୍କା ଅତିକ୍ରମ କରିଥିବାସ୍ଥଳେ ବିଧାୟକ ଓ ମନ୍ତ୍ରୀଙ୍କୁ ଦିନକୁ ହାରାହାରି ୧୨ ହଜାର ଟଙ୍କା ଦରମା ଭତ୍ତା ପ୍ରଦାନ ମଧ ସାଧାରଣ ଲୋକଙ୍କୁ ହଜମ ହୋଇ ନ ଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି



ସାମାଜିକ ସଂଗଠନ, ବୁଦ୍ଧିଜୀବି ମହଲ ଏପରି ନିଷ୍ପତ୍ତିକୁ ନିନ୍ଦା କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ଓ ଭତ୍ତା ନେବାକୁ ଅସ୍ୱୀକାର କରି ଏହାକୁ ରାଜ୍ୟବାସୀଙ୍କ ପାଇଁ ବ୍ୟୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ମଧ ସରକାରଙ୍କୁ ଅକଳରେ ପକାଇ ଦେଇଥିଲା।

ସାରା ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ଓ ସରକାରଙ୍କ ଭାବମୂର୍ତ୍ତି ଖରାପ ହେଉଥିବା ଅନୁଭବ କରି ଏବେ ଶାସକ ଦଳ ପକ୍ଷରୁ ଲୋକଙ୍କ ରୋଷକୁ ପ୍ରଶମିତ ପାଇଁ ଆରମ୍ଭ ହୋଇଛି ପଦକ୍ଷେପ। ଦରମା ବୃଦ୍ଧି ପୁନର୍ବିଚାର ଅନୁରୋଧ କରିଛନ୍ତି ଶାସକ ଦଳର ବିଧାୟକ। ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଗୁରବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବର୍ଦ୍ଧିତ ଦରମା, ଭତ୍ତା ବୃଦ୍ଧି ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଆଲୋଚନା ପରେ ବିଧାୟକମାନେ ବେତନ, ଭତ୍ତା, ପେନସନ ବୃଦ୍ଧିର ପୁନର୍ବିଚାର ନିମନ୍ତେ ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସଦ୍ୟ ସମାପ୍ତ ଶୀତ ଅଧିବେଶନର ଶେଷ ଦିନ ଅର୍ଥାତ୍ ୯ ତାରିଖ ଦିନ ଏକ ବିଧେୟକ ଗୃହୀତ ହୋଇଥିଲା। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବହୁ ଲୋକେ ଦରମା ବୃଦ୍ଧି ନିଷ୍ପତ୍ତିକୁ ନାପସନ୍ଦ କରିଥିଲେ।

# ଜି-ରାମ-ଜି ବିଲ୍‌କୁ ଲୋକସଭାର ମଞ୍ଜୁରୀ

## ବିରୋଧୀଙ୍କ ହଙ୍ଗାମା, ଗୃହ ମୁଲତବୀ



■ ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି): ଦେଶରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା (ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ବଦଳରେ ଆସିଲା ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ମିସନ (ଭିବି ଜି-ରାମ-ଜି) । ଆଜି ଏସଂକ୍ରାନ୍ତ ବିଲକୁ ଲୋକସଭାରେ ଅନୁମୋଦନ ମିଳିଛି । ଏହି ଯୋଜନାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିବା ସହିତ ଗୃହରେ ପ୍ରବଳ ହଙ୍ଗାମା କରିଛନ୍ତି । ତେବେ ସରକାର ଏହାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି କରିବା ସହିତ ମୋଦୀ ସରକାର ହିଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ।

ଏହି ବିଲ ଉପରେ ଆଜି ୮ ଘଣ୍ଟା ଧରି ହୋଇଥିବା ଆଲୋଚନାର ଉତ୍ତର ଦେଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଯୋଜନାର ନାମ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସେ କହିଲେ ଯେ ୨୦୦୫ରେ ଏହି ଯୋଜନାର ନାମ ନରେଗା ଥିଲା । ତେବେ ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ୟୁପିଏ ସରକାର ଏଥିରେ

### ବିଲ୍ କପି ଚିରିଲେ; ବାଚସ୍ପତିଙ୍କ ଆଡ଼କୁ ଫିଙ୍ଗିଲେ

ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ିଥିଲେ । ତେବେ ମୋଦୀ ସରକାର ହିଁ ମନରେଗା ଯୋଜନାର ସଠିକ କାର୍ଯ୍ୟକାରୀ କରିଥିଲେ । ବାପୁଙ୍କ ଆଦର୍ଶକୁ କଂଗ୍ରେସ ଧ୍ୱଂସ କରିଦେଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିସନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନା ଜରିଆରେ ଏନଡିଏ ସରକାର ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର ▶ପୃଷ୍ଠା-୭

### ମହାନଦୀକୁ ଖସି ପଡ଼ିଲେ ଯୁବତୀ

# ବଞ୍ଚାଇଦେଲା ଜଳମଗ୍ନ ମନ୍ଦିର





■ ଇବ୍‌ଥର୍ମାଲ, ୧୮।୧୨ (ସମିସ): ମହାନଦୀର ଅକାତକାତ ପାଣିକୁ ଖସି ପଡ଼ିଥିବା ଜଣେ ଯୁବତୀ ଏକ ଜଳମଗ୍ନ ମନ୍ଦିରର ପିଢ଼ରେ ଆଶ୍ରୟ ନେଇ ଜୀବନ ବଞ୍ଚାଇବା ଘଟଣା ଆଜି ଝାରସୁଗୁଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବନହରପାଲି ଥାନା ଅଧୀନ ଝାରସୁଗୁଡ଼ା ଓ ସମ୍ବଲପୁରକୁ ସଂଯୋଗ କରୁଥିବା ରମ୍ଭେଲା ସେତୁ ନିକଟରେ ଗୁରୁବାର ଏହି ଘଟଣା ଘଟିଛି। ଯୁବତୀଜଣଙ୍କ ବ୍ରଜରାଜନଗର ଥାନା ଅଧୀନ ଇଟାଭଟା ଗାଁ ଝରଣାପଡ଼ାର ସାବିତ୍ରୀ ଦାସ ଓରଫ୍ ମେହେର (୩୨) ।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ସାଢ଼େ ୧ଟାରେ ସାବିତ୍ରୀ ରମ୍ଭେଲା ସେତୁ ଉପରୁ ଭାରସାମ୍ୟ ହରାଇ ମହାନଦୀକୁ ଖସି ପଡ଼ିଥିଲେ। ପହଁରା ଜାଣିଥିବାରୁ ଅକାତକାତ ପାଣିରେ ପ୍ରାଣ ବିକଳରେ ▶ପୃଷ୍ଠା-୭

### ବିଜୟ ମହାପାତ୍ରଙ୍କ ଘରେ ମହମ୍ମଦ ମୋକିମ୍

# ଦାନା ବାନ୍ଧିଲା ନୂଆ ଦଳ ଗଠନର କଳ୍ପନାଜଳ୍ପନା

■ ଭୁବନେଶ୍ୱର, ୧୮ ।୧୨ (ସମିସ): ଗତକାଲି କଂଗ୍ରେସରୁ ବହିଷ୍କୃତ ହେବା ପରେ ଗୁରୁବାର ପୂର୍ବତନ ବିଜେପି ନେତା ବିଜୟ ମହାପାତ୍ରଙ୍କୁ ଭେଟିଛନ୍ତି ପୂର୍ବତନ କଟକ ବିଧାୟକ ମହମ୍ମଦ ମୋକିମ୍। ଶ୍ରୀ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ମୋକିମ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଛି। ଯଦିଓ ଏହି ସାକ୍ଷାତକୁ ଉଭୟ ସୌଜନ୍ୟମୂଳକ ବୋଲି କହିଛନ୍ତି, ମାତ୍ର ସାମ୍ପ୍ରତିକ ସମୟ ଓ ରାଜନୈତିକ ପାଣିପାଗକୁ ଦେଖିଲେ ଏହାକୁ କେବଳ ସାଧାରଣ ସାକ୍ଷାତ ବା ସୌଜନ୍ୟ ଆଲୋଚନା ରୂପେ କେହି ଗ୍ରହଣ କରିପାରୁ ନାହାନ୍ତି । ଗତ କିଛିଦିନ ହେଲା ରାଜ୍ୟରେ ଏକ ନୂଆ ରାଜନୈତିକ ଦଳ ଗଠନ ଆଲୋଚନା ଚାଲିଥିବା ସମୟରେ ଉଭୟଙ୍କ ସାକ୍ଷାତ ପରେ ଏହି ଚର୍ଚ୍ଚା ଦାନା ବାନ୍ଧିଛି ।



ବିଜୟଙ୍କ ସହ ସାକ୍ଷାତ ପରେ ମହମ୍ମଦ ମୋକିମ କହିଛନ୍ତି, ବିଜୟ ମହାପାତ୍ର ମୋର ବଡ଼ ଭାଇ ସଦୃଶ। ସେ ନୂଆ ଲୋକ ନୁହେଁ କି ବାହାରୁ ଆସି ନାହାନ୍ତି। ଆମେ ବାରମ୍ବାର ଭେଟୁ । ସେଥିପାଇଁ ତାଙ୍କୁ ଭେଟିବାକୁ ଆସିଥିଲି । ଆମେ ବାର୍ତ୍ତାଳାପ କଲୁ। ଏଥିରେ କିଛି ନୂତନତ୍ୱ ନାହିଁ ବୋଲି ମୋକିମ୍ କହିଛନ୍ତି। ସେହିପରି ଏହି ସାକ୍ଷାତ ପରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କହିଛନ୍ତି ଯେ ଆଗାମୀ ୨୦୨୬ ଏକେ ଘଟଣା ବହୁଳ ବର୍ଷ ହେବ ବୋଲି ମୁଁ ପୂର୍ବରୁ କହିଛି। ତେବେ ମୋକିମ୍ ପୂର୍ବରୁ ବହୁଥର ଆସିଛନ୍ତି। ଆମ ଭିତରେ ଆଲୋଚନା ହୁଏ। ଏହି ସାକ୍ଷାତ ସମୟରେ କିଛି ରାଜନୈତିକ ଚର୍ଚ୍ଚା ହୋଇନି। କେବଳ ବ୍ୟକ୍ତିଗତ ଆଲୋଚନା ହୋଇଛି। ତେବେ ନୂଆ ଦଳ ପ୍ରସଙ୍ଗରେ ସେ ଉତ୍ତର ଦେଇ କହିଛନ୍ତି, ଯେ ନୂଆ ଦଳ ବିଷୟରେ ମୁଁ କିଛି ଜାଣି ନାହିଁ। ହେଲେ ଏହି ବୈଠକ ସମୟରେ ବିଜେଡି କିପରି ଗଠନ ହୋଇଥିଲା ବୋଲି ଏଠାରେ ଆଲୋଚନା ହୋଇଛି ଓ ବର୍ତ୍ତମାନ ଓଡ଼ିଶା ରାଜନୀତିର ଚିତ୍ର ଅସ୍ପଷ୍ଟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ▶ପୃଷ୍ଠା-୭






ଧଉଳି ଲଜ୍ଜା

# ବନ୍ଧା ହେଲା ଜୋକର ହାପି

■ ଭୁବନେଶ୍ୱର, ୧୮।୧୨ (ସମିସ): ଧଉଳି ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଓରଫ୍ ସତ୍ୟପ୍ରକାଶ ହାତୀକୁ ଗୁରୁବାର କମିଶନରେଟ୍ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି। ଗିରଫ କରିବା ପରେ ପୁଲିସ ତାଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିସନ୍ କରିଥିଲେ। ସେ ଓ ତା'ର ସହଯୋଗୀ କିଭଳି ଭାବେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ, ସେସବୁ ଗୋଟି ଗୋଟି କରି ବଖାଣିଥଲା। ପୂର୍ବରୁ ୨୦ରୁ ଅଧିକ ଅପରାଧ ସହ ଜଡ଼ିତ ହାପିକୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ପାଖରେ ପୁଲିସ ଏପର୍ଯ୍ୟନ୍ତ ପହଁଞ୍ଚିପାରି ନାହିଁ। ଜୋକର ହାପି ନାମରେ ଲୋକଙ୍କ ବେକ କାଟିବାଠାରୁ ଆରମ୍ଭ କରି ପୁଲିସକୁ ଆକ୍ରମଣ, ଲୁଟ୍‌ପାଟ୍, ନିଶା ସେବନ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବ ଭଳି ▶ପୃଷ୍ଠା-୭



### ସିନ୍ ରିକ୍ରିଏସନ୍ କଲା ପୁଲିସ

### ଏବେ ବି ୨ ଅଭିଯୁକ୍ତ ଫେରାର୍

# ଦହିବରା ଖାଇ ୭୦ରୁ ଅଧିକ ଅସୁସ୍ଥ

■ ଶଗଡା, ୧୮ ।୧୨ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶିମିଳିପଦର ପଞ୍ଚାୟତ ଗବଯୋର ଗ୍ରାମରେ ଦହିବରା ଖାଇ ୭୦ରୁ ଅଧିକ ଅସୁସ୍ଥ ହୋଇଛନ୍ତି। ଅନେକଙ୍କ ମୁଣ୍ଡ ବୁଲାଇବା ସହ ଝାଡ଼ାବାନ୍ତି ହୋଇଛି। ସୂଚନାନୁସାରେ, ବୁଧବାର ସାପ୍ତାହିକ ହାଟରେ ସ୍ଥାନୀୟ ଜଣେ ବ୍ୟବସାୟୀଙ୍କ ନିକଟରୁ ଗବଯୋର ତଥା ଆଖପାଖ ଅଞ୍ଚଳର ଲୋକେ ଦହିବରା ଖାଇଥିଲେ। ପରେ ସମ୍ପୃକ୍ତ ବ୍ୟବସାୟୀଜଣଙ୍କ ଅପରାହ୍ଣରେ ଗବଯୋର ଗ୍ରାମରେ ବୁଲିବୁଲି ଦହିବରା ବିକିଥିଲେ। ଗ୍ରାମରେ ଛୋଟ ଛୁଆଠାରୁ ଆରମ୍ଭ କରି ବୟସ୍କ ଓ ମହିଳାମାନେ ମଧ ଦହିବରା ଖାଇଥିଲେ। ଗୁରୁବାର ସକାଳୁ, ଦହିବରା ଖାଇଥିବା ସମସ୍ତଙ୍କ ମୁଣ୍ଡ ବୁଲାଇବା ସହ ଝାଡ଼ାବାନ୍ତି ହୋଇଥିଲା। ଏପରିକି ଅନେକ ଛୋଟ ଛୁଆ ▶ପୃଷ୍ଠା-୭

ଅନ୍ନଦାତାଙ୍କ ଅନୁରୋଧ

# 'ଆମ ପାଇଁ ଦିନଟିଏ ଦିଅ'

## ଆଜି ସମ୍ବଲପୁର ବନ୍ଦ: ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଷୀଙ୍କ ହରତାଳ

■ ସମ୍ବଲପୁର, ୧୮।୧୨ (ସମିସ): ଆସନ୍ତାକାଲି ୧୯ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଷୀ ସଙ୍ଗଠନ ପକ୍ଷରୁ ଟୋକନ ଇସ୍ୟୁ ନହେବା ସମସ୍ୟାକୁ ନେଇ ସମ୍ବଲପୁର ବନ୍ଦ କରାଯିବ। ଏହାପୂର୍ବରୁ ସମ୍ବଲପୁରର ସମସ୍ତ ଅନୁଷ୍ଠାନ, ସଙ୍ଗଠନ ଓ ସଂସ୍ଥା ମାନଙ୍କୁ ସହଯୋଗ କରିବା ପାଇଁ ପତ୍ର ଦିଆଯାଇଛି। ଏହାସହ ବନ୍ଦ ଅବ୍ୟବହିତ ପୂର୍ବରୁ ଆଜି ପୂର୍ବାହ୍ଣରେ ଏକ ବାଇକ ରାଲି ସହର ପରିକ୍ରମା କରି ଚାଷୀମାନେ 'ଅନ୍ନଦାତାକୁ ଦିନଟିଏ ଦିଅ' ବୋଲି ସମସ୍ତଙ୍କୁ ଅନୁରୋଧ କରୁଥିବା ଦେଖାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମାସେ ବିଳମ୍ବରେ ଗତ ନଭେମ୍ବର ୨୮ ତାରିଖରୁ ସମ୍ବଲପୁର ଜିଲ୍ଲାରେ



ମଣ୍ଡି ଖୋଲିଥିଲେ ହେଁ ଆଜିଯାଏ ଟୋକନ ଆସିନାହିଁ। କେତେକ ଚାଷୀଙ୍କ ପ୍ରଥମ ଟୋକନ ଆସିନଥିବା ବେଳେ ଆଉ କେତେକ ଚାଷୀଙ୍କ ଦ୍ୱିତୀୟ ଓ ତୃତୀୟ ଟୋକନ ଆସିନଥିବାରୁ ଚାଷୀ ଧାନ ଅମଳକରି ଜଗି ବସିରହିଛି। ୧୬ ତାରିଖ ଚାଷୀମାନେ ଅଭିନବ ପ୍ରତିବାଦ କରି ରାସ୍ତାରେ ଧାନ ବିକ୍ରୟ କରିବାପରେ ଚାପଗ୍ରସ୍ତ ହୋଇ ସରକାରଙ୍କ ପକ୍ଷରୁ ପ୍ରାୟ ୧୧ ହଜାର ଟୋକନ ଇସ୍ୟୁ କରାଯାଇଥିଲା। କିନ୍ତୁ ସମସ୍ତ ଚାଷୀର ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଘୋଷଣା କରିବାସହ ଆସନ୍ତାକାଲି 'ସମ୍ବଲପୁର ବନ୍ଦ' ଡାକରା ଦିଆଯାଇଛି।

ଆଜି ପୂର୍ବାହ୍ଣରେ ଚାଷୀମାନେ ମାଇକ୍ ଯୋଗେ ପ୍ରଚାର କରିବାସହ ସମ୍ବଲପୁର ବନ୍ଦ ପୂର୍ବରୁ ଏକ ବାଇକ୍ ରାଲି କରିଥିଲେ। ଏହି ରାଲିରେ ସେମାନେ ▶ପୃଷ୍ଠା-୭


Government of India

ୱାଟରସେଡ୍ ମହୋତ୍ସବ

ସୋସିଆଲ୍ ମିଡିଆ ପ୍ରତିଯୋଗିତା

ୱାଟରସେଡ୍ ଉନ୍ନୟନ ଅଂଶ-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା

ଆସନ୍ତୁ,
ଜଳ ସଂ ସଂରକ୍ଷଣ ଓ ବୃକ୍ଷରୋପଣ କାର୍ଯ୍ୟଗୁଡ଼ିକର ୩୦-୬୦ ସେକେଣ୍ଡର ଛୋଟ ରିଲ୍ସ ଏବଂ ଫଟୋ ପ୍ରସ୍ତୁତ କରି ଆକର୍ଷଣୀୟ ପୁରସ୍କାର ଜିତନ୍ତୁ

ରିଲ୍ସ



ଫଟୋ



ପୁରସ୍କାର ରାଶି
ରିଲ୍ସ : ପ୍ରତ୍ୟେକ ବିଜେତାଙ୍କୁ
₹୫୦,୦୦୦/- ପ୍ରତି ରିଲ
(ପାଞ୍ଚ ଜଣ ବିଜେତା ଚୟନ କରାଯିବ)

ପୁରସ୍କାର ରାଶି
ଫଟୋ : ପ୍ରତ୍ୟେକ ବିଜେତାଙ୍କୁ
₹୧,୦୦୦/- ପ୍ରତି ଫଟୋ
(ଶହେ ଗୋଟି ଫଟୋ ଚୟନ କରାଯିବ)

ପ୍ରତିଯୋଗିତାର ସମୟ ଅବଧି : ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ

ଆବଶ୍ୟକ ହ୍ୟାସଟ୍ୟାଗ: #watershedmahotsavindia #watershedmahotsavODISHA
ପଞ୍ଜିକରଣ ପୋର୍ଟାଲ : https://wdcpmksy.dolr.gov.in/registerMahotsav

ଅଧିକ ବିବରଣୀ ନିମନ୍ତେ : https://agri.odisha.gov.in/sites/default/files/2025-11/Social%20Media%20Competition-2_0.pdf

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଡାଲ୍‌ମିଆ ମହାବିଦ୍ୟାଳୟରେ ଶପଥଗ୍ରହଣ ପର୍ବ



**କୁତ୍ରା, ୧୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ସ୍ୱଦେଶୀ ସଙ୍କଳ୍ପ ପତ୍ର ଶପଥଗ୍ରହଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ମୂଳକ ଅଭିଭାଷଣ ଦେଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ବେହେରା ସଂଯୋଜନା କରିଥିଲେ। ହମିଦ ମହମ୍ମଦଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦନା ହୋଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ।

# ଖାଦ୍ୟ କମିଶନରଙ୍କ ବଣାଇଁ ଗସ୍ତ



**ବଣାଇଁ, ୧୮ ।୧୨ (ସମିସ):** ରାଜ୍ୟ ଖାଦ୍ୟ କମିଶନର ଅକ୍ଷୟ କୁମାର ବେହେରା ଗୁରୁବାର ଦିନିକିଆ ଗସ୍ତରେ ଆସି ବଣାଇଁଗଡ଼ ବ୍ଲକର କିଛି ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଶ୍ରୀ ବେହେରା ପ୍ରଥମେ ବଣାଇଁରେ ପହଞ୍ଚି ବଣାଇଁ -୪, ଥାନାପଡ଼ା, ଦେଓଗାଁ, କିଷାନପଡ଼ା ଅଙ୍ଗନବାଡ଼ି ପରିଦର୍ଶନ କରିଥିଲେ। ଏହାପରେ କମିଶନରଙ୍କ ଟିମ୍ ବଇଦପାଲି ବିଦ୍ୟାଳୟ, ବାବୁ ନୂଆଗାଁ ବିଦ୍ୟାଳୟ, ଗୋବିନ୍ଦପୁର ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଖାଦ୍ୟର ମାନ ପରଖିଥିଲେ। ଟିମରେ ଶ୍ରୀ ବେହେରାଙ୍କ ସମେତ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ସିଡିପିଓ ବୀଣାପାଣି ନାୟକ, ଏବିଇଓ ବାବୁରାମ ମହାନ୍ତ, ବଣାଇଁଗଡ଼ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରଧାନ, ଏସସିଏସଓ ବିଜୟ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଦର୍ଜ୍ଜିଂ ଠାରେ ସମସ୍ତ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ।

# ମଧ୍ୟମସ୍ତରୀୟ ଅଧିକାରୀଙ୍କ ନିମନ୍ତେ ସଫ୍ଟ ସ୍କିଲ୍ ତାଲିମ



**ରାଉରକେଲା, ୧୮ ।୧୨(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ମଧ୍ୟମସ୍ତରୀୟ ଅଧିକାରୀଙ୍କ ପାଇଁ ସଫ୍ଟ ସ୍କିଲ୍ ଉପରେ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ପିଆଣ୍ଡଏ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଡ. ଏସ୍‌ଏନ୍ ସିଂହ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏଚ୍‌ଆର ଏଲ ଆଣ୍ଡ ଡି ବିଭାଗର ସିଜିଏମ ପି. କେ. ସାହୁ ଏବଂ ଏଲ ଆଣ୍ଡ ଡି ବିଭାଗର ଜିଏମ ଏମ.କେ ଅଗ୍ରୱାଲ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୯ ଜଣ ଅଧିକାରୀ ଯୋଗ ଦେଇଥିଲେ। ଅଧିବେଶନଗୁଡ଼ିକ ମତବିନିମୟ, ଚିନ୍ତନଶୀଳ ଅଭ୍ୟାସ ଏବଂ କାର୍ଯ୍ୟକ୍ଷେତ୍ରରେ ସହଯୋଗ ସହ ନେତୃତ୍ୱ ପ୍ରସ୍ତୁତିକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇ ଥିଲା। ଏଥିରେ ମାମଲା ଆଧାରିତ ଆଲୋଚନା ଅନ୍ତର୍ଭୁକ୍ତ ଥିଲା ଯାହା ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଦୈନନ୍ଦିନ ବୃତ୍ତିଗତ ଭୂମିକାରେ ପ୍ରଭାବଶାଳୀ ଭାବରେ ଏହି ତାଲିମ ଲବ୍ଧ ଜ୍ଞାନକୁ ପ୍ରୟୋଗ କରିବାକୁ ସକ୍ଷମ କରିବ। ଏହି କାର୍ଯ୍ୟକ୍ରମକୁ ଏମ୍.କେ ଅଗ୍ରୱାଲ ସଂଯୋଜନା କରିଥିଲେ।

# ମରଣଯନ୍ତା ପାଲଟିଛି ଦେଓଗାଁ ଛକ

**ବଣାଇଁ, ୧୮ ।୧୨(ସମିସ):** ବଣାଇଁ ସହରର ପ୍ରମୁଖ ପ୍ରବେଶସ୍ଥଳ ଦେଓଗାଁ ଛକ। ଏଠାରେ ତିନୋଟି ରାସ୍ତାର ସଂଯୋଗ ସ୍ଥଳୀ। ପ୍ରତ୍ୟେକ ଦିନ ଏହି ଛକ ଦେଇ ଭାରୀଯାନ, ବସ୍, କାର୍ ଏହି ଛକଦେଇ ସୁନ୍ଦରଗଡ଼, ରାଉରକେଲା, ରାଜାମୁଣ୍ଡା ଦେଇ କୋଇଡ଼ା, ବଡ଼ବିଲ ଯାଉଥିବାବେଳେ ଅନ୍ୟ ଏକ ରାସ୍ତା ବାରକୋଟ, ସମ୍ବଲପୁର, କୁଚିଣ୍ଡା, ଝାରସୁଗୁଡ଼ା ଅଭିମୁଖେ ଯାଇଥାଏ। ପୂର୍ବରୁ ଗୋଟିଏ ରାସ୍ତା ଥିବାରୁ ଛକ ଏତେ ବିପଦ ପୂର୍ଣ୍ଣ ନ ଥିଲା। କିନ୍ତୁ ଦୀର୍ଘ ଛଅ ମାସ ପୂର୍ବରୁ ବ୍ରାହ୍ମଣୀ ନଦୀ ଉପରେ ତୁମକେଲା ସେତୁ ସମ୍ପୂର୍ଣ୍ଣ ହୋଇ ଗାଡ଼ି ଚଳାଚଳ କରିବାପରେ ଏହି ଛକ ଏବେ ସମ୍ପୂର୍ଣ୍ଣ ଭାବେ ବିପଦପୂର୍ଣ୍ଣ ପାଲଟିଛି। ଲଲେଇ ଓ ଜାଙ୍ଗଡ଼ା ସେତୁ ଦେଇ ଭୁବନେଶ୍ୱର ଯିବା ଆସିବା କରୁଥିବା ଅଧିକାଂଶ ଗାଡି ଏବେ ନରେନ୍ଦ୍ର ରାସ୍ତାରେ ନ ଯାଇ ଦେଓଗାଁ ଛକରୁ ସିଧାସଳଖ ରାଜାମୁଣ୍ଡା ଦେଇ ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ହେଲେ ଦୈନିକ ହଜାର ହଜାର ଗାଡ଼ି ମୋଟର ଦେଓଗାଁ ଛକରୁ ହିଁ ମୋଡ଼ ପରିବର୍ତ୍ତନ କରୁଛନ୍ତି। ଏକ ସମୟରେ ଉଭୟ ରାସ୍ତାରେ ଗାଡ଼ି ଆସିବା ବେଳେ ଅନେକ ସମୟରେ ମୁହାଁ ମୁହିଁ ହେଉଛନ୍ତି। ତେଣୁ ଅଧିକାଂଶ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିଲେ ମଧ୍ୟ କେତେବେଳେ ଯେ ବଡ ଦୁର୍ଘଟଣା ନ ଘଟିବ କହି ହେବନାହିଁ। ତିନୋଟି ରାସ୍ତାର ସଂଯୋଗ ସ୍ଥଳ ହୋଇଥିଲେ ମଧ୍ୟ ପୂର୍ତ୍ତବିଭାଗ ବର୍ତ୍ତମାନ ସୁଦ୍ଧା ଛକର ସମ୍ପ୍ରସାରଣ କିମ୍ବା ପୁରୁଣା ଢାଞ୍ଚାକୁ ଏ ପର୍ଯ୍ୟନ୍ତ ପରିବର୍ତ୍ତନ କରି ପାରିନାହିଁ। ଦୁଇଦିନ ତଳେ ଜଣେ କାର୍ ଚାଳକଙ୍କ ଏଭଳି ବେପରୁଆ ଗାଡି ଚାଳନା ଯୋଗୁଁ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି।

## ୯ ଏମ୍‌ଏମ୍ କାର୍ବାଇନ୍ ଜବତ

# ସିପିଆଇ ମାଓବାଦୀ କ୍ୟାଡ୍‌ରଙ୍କ ଆତ୍ମସମର୍ପଣ

**ରାଉରକେଲା, ୧୮ ।୧୨(ସମିସ)**






ଝାଡ଼ଖଣ୍ଡ ରାଜ୍ୟ ସମେତ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତରେ ସକ୍ରିୟ ଥିବା ସିପିଆଇ ମାଓବାଦୀ ସଂଗଠନର ଜଣେ କ୍ୟାଡର ମାଓବାଦୀ ରାଉରକେଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲ୍ଲା ଜାମଦା ଥାନା ଅଧୀନ କଣ୍ଟୋଦ୍ୟା ଅଞ୍ଚଳର ରୟା କଲୁଣ୍ଡି ଓରଫ ଗଣେଶ ହୋଇଥିବାବେଳେ ତାଙ୍କ ଠାରୁ ଗୋଟିଏ ୯ - ଏମ୍‌ଏମ୍ କାର୍ବାଇନ ଜବତ କରାଯାଇଛି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଚିନ୍ତାଧାରା ନେଇ ଗଣେଶ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି। ଉଭୟ ଡିଆଇଜି ଶ୍ରୀ ରାଏ ଓ ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇ କହିଲେ ଗଣେଶ ୨୦୨୨ ମସିହାରେ ୧୨ ବର୍ଷ ବୟସରେ ରପ୍ପା ଓ ଗୁଙ୍ଗାଙ୍କ ସହଯୋଗରେ ମାଓ ସଂଗଠନରେ ଯୋଗ ଦେଇଥିଲା। କୁଖ୍ୟାତ ମାଓ ନେତା ମୋଛୁଙ୍କ ନେତୃତ୍ୱରେ ଗଣେଶ କାର୍ଯ୍ୟ କରିବା ସହ କୋଲହାନ ଏବଂ ସରଣ୍ଡା ଅଞ୍ଚଳରେ ସକ୍ରିୟ ରହିଥିଲା। ଏହାରି ମଧ୍ୟରେ ବାଲିବା, ତିରିଲପୋଷ, ଲୈଲୋର, ଜମାରଡିହି ଓ ଜୋଜୋଡେରା ଅଞ୍ଚଳରେ ମାଓ କାର୍ଯ୍ୟକଳାପରେ ସକ୍ରିୟ ଥିଲେ। ଚଳିତ ବର୍ଷ ସରଣ୍ଡା ଜଙ୍ଗଲରେ ବାଙ୍କୋ ନିକଟରେ ହୋଇଥିବା ବିସ୍ଫୋରକ ଲୁଟ୍ ଘଟଣା ସମେତ ରେଳଟ୍ରାକ ବିସ୍ଫୋରଣ ଓ ବାଙ୍କୋ ଆଇଇଡି ବିସ୍ଫୋରଣରେ ଆଦି ଘଟଣାରେ ସେ ସମ୍ପୃକ୍ତ ଥିଲା। ଏହାସହ ଗଣେଶ ଦକ୍ଷିଣ ଛୋଟନାଗପୁର ଡିଭିଜନର ସରଣ୍ଡା ଅଞ୍ଚଳରେ ମଧ୍ୟ ସକ୍ରିୟ ଥିଲେ। ତେବେ ତାଙ୍କ ଜୀବନ ପ୍ରତି ବିପଦ ଓ ଭୟ ରହିଥିବା ସହ ମାଓ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେ ଶେଷରେ ମାଓ ସଂଗଠନ ଛାଡିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ। ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁଯାୟୀ, ଯୋଗ୍ୟତା ଭିତ୍ତିରେ ତାଙ୍କୁ ଆର୍ଥିକ ସହାୟତା, ପୁନର୍ବାସ ସୁବିଧା, ଦକ୍ଷତା ବିକାଶ ସହାୟତା, ସ୍ୱାସ୍ଥ୍ୟ ସେବା ଏବଂ ରାସନ ସୁବିଧା ଯୋଗାଇ ଦିଆଯିବ ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ରାଉରକେଲା ପୁଲିସ ପକ୍ଷରୁ ଅନ୍ୟ ମାଓବାଦୀ କ୍ୟାଡର ମାନଙ୍କୁ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିବାକୁ ନିବେଦନ କରାଯାଇଛି।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଜେଆର୍‌ସି ପ୍ରଶିକ୍ଷଣ ଶିବିର




**କୁତ୍ରା, ୧୮ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ କୁତ୍ରା, ବଡ଼ଗାଁ ଓ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬୦ଜଣ ଜେଆରସି କାଉନସିଲରଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାନି ସରେଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ଓ ବରିଷ୍ଠ ଶିକ୍ଷକ ମେହେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ଜେଆରସି ପତକା ଉତ୍ତୋଳନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଜେଆରସି ପ୍ରଶିକ୍ଷକ ଭାବେ ହେମଚନ୍ଦ୍ର କର, ମମତା ସ୍ୱାଇଁ, ଆମରଦୀପ କୁଜୁର, କଳ୍ପନା ସାହୁ ଜେଆରସିର ଇତିହାସ, ଏଚଆଇଭି ଏଡସ୍, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଏବଂ ସଡ଼କ ସୁରକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବୁଡୁକୁପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। କଟଙ୍ଗ ସେବାଶ୍ରମର ପ୍ରଧାନ ଶିକ୍ଷକ ଧରଣୀଧର ଅଡ଼ା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କୁମାରୀ ଜୟପୁରିଆ, ପ୍ୟାରେଲାଲ ସାହୁ, ଭିକାରି ଦାସ, ଆଲିଶା ଟପ୍ପୋ ସହଯୋଗ କରିଥିଲେ।

# ସ୍ମାର୍ଟ ଇଣ୍ଡିଆ ହାକାଥନ୍: ଏନ୍‌ଆଇଟି ଛାତ୍ର ଦଳ ବିଜେତା



**ରାଉରକେଲା, ୧୮ ।୧୨(ସମିସ):** ଏନଆଇଟି ରାଉରକେଲାର ଛାତ୍ର ଦଳ, 'ସ୍ୱଦେଶ', ସ୍ମାର୍ଟ ଇଣ୍ଡିଆ ହାକାଥନ୍ - ୨୦୨୫ ରେ ବିଜେତା ହୋଇଛନ୍ତି। ଗତ ଡିସେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡରେ 'ସ୍ମାର୍ଟ ସାବରମତୀ ନଦୀକୂଳ ଏବଂ ସହରାଞ୍ଚଳ ଜଳ ବଡିଜ୍' ଶୀର୍ଷକ ସମସ୍ୟା ବିବୃତ୍ତି ପାଇଁ ଦଳକୁ ବିଜେତା ଘୋଷିତ କରାଯାଇଥିଲା। 'ହ୍ୟାକ୍ ଫର୍ ଭାରତ, ବିଲ୍ଡ ଫର୍ ଦି ୱାର୍ଲ୍ଡ' ଜାତୀୟ ମିଶନର ଅଂଶ ଭାବରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍‌ଫ ସହଯୋଗରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ଆୟୋଜନ କରାଯାଇଥିଲା। ବିଜୟୀ ଦଳରେ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ନିଲେଶ କୁମାର ଏବଂ ଦେବ ସୋନି, ପଦାର୍ଥ ବିଜ୍ଞାନ ବିଭାଗ (ସମଗ୍ର) ରିତିକ ପାଣ୍ଡେ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ଅମୋଲ ମୁନୋଟ୍, ସୁଚିସ୍ମିତା ବେହେରା ଏବଂ ଉଜ୍ଜ୍ୱଳ କୁମାର ରହିଥିଲେ। ସେମାନଙ୍କର ସମାଧାନ ଏକ ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା ଚାଳିତ ପଦ୍ଧତି ମାଧ୍ୟମରେ ସହରାଞ୍ଚଳ ଜଳ ପରିଚାଳନା ଏବଂ ସାଧାରଣ ସୁରକ୍ଷା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିଥିଲା। ଟିମ୍ ସ୍ୱଦେଶ ଏକ ସ୍ୱୟଂଚାଳିତ ନଦୀ ପୃଷ୍ଠ ସଫା ରୋବୋଟ୍ ଡିଜାଇନ୍ ଏବଂ ସଫଳତାର ସହିତ ପ୍ରଦର୍ଶନ କରିଛି। ଯାହା ନଦୀ ପୃଷ୍ଠରୁ ଭାସମାନ ବର୍ଜ୍ୟବସ୍ତୁ ଅପସାରଣ କରିବାରେ ସକ୍ଷମ ବୋଲି ଜଣାପଡ଼ିଛି। ବର୍ଜ୍ୟବସ୍ତୁ ପରିଚାଳନା ବ୍ୟତୀତ ଏହି ସିଷ୍ଟମ ବୁଡ଼ିବା ଘଟଣା ଚିହ୍ନଟ କରିବା, ସାବରମତୀ ମିତ୍ର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ନିକଟସ୍ଥ ନାଗରିକଙ୍କୁ ସତର୍କ ସୂଚନା ପଠାଇବା ଏବଂ ଆପ୍ ମାଧ୍ୟମରେ ଜନସାଧାରଣଙ୍କୁ ବାସ୍ତବ ସମୟ ଜଳ ଗୁଣବତ୍ତା ସୂଚନା ପ୍ରଦାନ କରିବା ପାଇଁ ମଧ୍ୟ ସକ୍ଷମ। ଏହି ସମସ୍ୟା ବିବୃତ୍ତି ପାଇଁ ଦେଶବ୍ୟାପୀ ପ୍ରାୟ ୧୨୦ ଦଳ ଭାଗନେଇଥିବା ବେଳେ ପ୍ରତ୍ୟେକ ଦଳରେ ଛଅ ଜଣ ସଦସ୍ୟ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦୋଦରା ମ୍ୟୁନିସିପାଲ୍ କର୍ପୋରେସନର କମିଶନର ଅରୁଣ ମହେଶ ବାବୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏଆଇସିଟିଇର ନବସୃଜନ ନିର୍ଦ୍ଦେଶକ ଯୋଗେଶ ବ୍ରାହ୍ମଣକର ଯୋଗଦେଇଥିଲେ।

# ବିଜୁ ଛାତ୍ର ଜନତା ଦଳର କର୍ମୀ ପ୍ରଶାନ୍ତ ବେଉରିଆଙ୍କ ବିୟୋଗ



**ରାଉରକେଲା, ୧୮ ।୧୨(ସମିସ):** ବିଜୁ ଛାତ୍ର ଜନତା ଦଳର ପୁରୁଣା କର୍ମୀ ତଥା ସଂଗଠକ ପ୍ରଶାନ୍ତ ବେଉରିଆଙ୍କର ବିୟୋଗ ହୋଇଯାଇଛି। ସେ ଜଣେ ଆଗଧାଡ଼ିର ସୁସଂଗଠକ ଥିଲେ। ଦୀର୍ଘ ଦିନ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ବିଜୁ କୃଷକ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ସରୋଜ ପ୍ରଧାନ, ରାଉରକେଲା କେନ୍ଦ୍ରୀୟ ପୂଜା କମିଟିର ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା, ମନୋଜ ବାରିକ, ଯୁବ ନେତା ରାଜୀବ ପ୍ରତିହାରୀ, ଶିଶିର ସାହୁ, କେଦାର ଦାସ, ଧ୍ରୁବ କର, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସରସ୍ୱତୀ ପୂଜା କମିଟି ଗଠିତ

**ରାଉରକେଲା, ୧୮ ।୧୨(ସମିସ):** ଇସ୍ପାତ ସହରର ପୁରାତନ କ୍ଲବ୍ ଇସ୍ପାତ କ୍ଲବ୍ ଚଳିତ ବର୍ଷ ବିଦ୍ୟାଦାତ୍ରୀ ସରସ୍ୱତୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି କ୍ରମରେ ସେକ୍ଟର -୮ ସ୍ଥିତ କ୍ଲବ୍ ଠାରେ ପୂଜାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିତେନ ମାଛଖଣ୍ଡଙ୍କ ଆବାହକତ୍ୱରେ ଚଳିତବର୍ଷ ପୂଜା ପାଇଁ ନୂତନ କମିଟି ଗଠନ କରାଯାଇଛି। ସୁନ୍ଦର ତୋରଣ ଓ ଆଲୋକିକରଣକୁ ଗୁରୁତ୍ୱ ଦିଆଯିବ। ପ୍ରତି ବର୍ଷ ଭଳି ଗୋଟିଏ ଦିନ ଭଣ୍ଡାରା ଆୟୋଜନ ହେବ। ନୂତନ କମିଟିରେ ସଭାପତି ଭାବେ ଅଭିଜିତ୍ ବେହେରା, କାର୍ଯ୍ୟକାରୀ ସଭାପତି ନାରାୟଣ ନାୟକ, ଉପସଭାପତି ବିଶ୍ୱଜିତ୍ ସେବକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ମାଛଖଣ୍ଡ, ସମ୍ପାଦକ ପ୍ରିୟବ୍ରତ ମହନ୍ତ, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ପଲାଇ ଓ କୋଷାଧ୍ୟକ୍ଷ ସୌମ୍ୟ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। କମିଟିକୁ ସହଯୋଗ କରିବା ପାଇଁ ଗଠିତ କାର୍ଯ୍ୟକାରୀ କମିଟିରେ କିଷାନ ଗୁରୁ, ଆଦୁଷ ସାହୁ, ଦୀପକ ପୃଷେଠ, ଦେବବ୍ରତ ପ୍ରଧାନ, ନବୀନ ଗୁରୁଙ୍ଗ, ରଞ୍ଜନ ନାୟକ, ରାଜା, ସୁଶୀଲ ସାଗର, ସଞ୍ଜୟ ସୁନା, ରକି, ଚଙ୍କି, ଆଦର୍ଶ ଓ ସତ୍ୟ ପ୍ରମୁଖ ରହିଛନ୍ତି।

# ବିପିୟୁଟିରେ ଆନ୍ତର୍ଜାତୀୟ ସମ୍ମିଳନୀ ଆଜି

**ରାଉରକେଲା, ୧୮।୧୨(ସମିସ):** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା ପକ୍ଷରୁ 'ବିକାଶଶୀଳ ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା' ଉପରେ ଏହାର ପ୍ରଥମ ବିପିୟୁଟି ବହୁ-ଆନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଅର୍ଥାତ୍ ୧୯ ରୁ ୨୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲା ସ୍ଥିତ ଛେଣ୍ଟ କ୍ୟାମ୍ପସରେ ଆୟୋଜିତ ହେବାକୁ ଯାଉଛି। ଉଦ୍‌ଘାଟନୀ ସମାରୋହ ଛେଣ୍ଟ କ୍ୟାମ୍ପସର ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ହେଉଛି ଦେଶ ତଥା ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ସଂଗଠନର ଗବେଷକ, ଶିକ୍ଷାବିତ୍, ଶିଳ୍ପ ବିଶେଷଜ୍ଞ, ବୈଜ୍ଞାନିକ ଓ ବିଦ୍ୱାନମାନଙ୍କୁ ଏକତ୍ରିତ କରିବା। ଏହା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ପ୍ରବନ୍ଧନ ବିଷୟକ ବିଭିନ୍ନ କ୍ଷେତ୍ରରେ ଅଭିନବ ଗବେଷଣା ଏବଂ ଚିନ୍ତାଧାରାର ବିନିମୟ ପାଇଁ ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିବ। ବିଚାର ପାଇଁ ୩୦୦ରୁ ଅଧିକ ଗବେଷଣାପତ୍ର ଦାଖଲ କରାଯାଇଥିଲା। ଏକ କଠୋର ସମୀକ୍ଷା ପ୍ରକ୍ରିୟା ପରେ ୮୬ ଟି ଉଚ୍ଚମାନର ପେପର ଉପସ୍ଥାପନା ପାଇଁ ମନୋନୀତ ହୋଇଛି। ସମସ୍ତ ଗୃହୀତ ପେପରଗୁଡ଼ିକ ବିଶ୍ୱବିଖ୍ୟାତ 'ସିଆରସି ପ୍ରେସ୍' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହେବ, ଯାହା ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଭାବ ସୁନିଶ୍ଚିତ କରିବ। ଏହି ଅବସରରେ ଅନେକ ବିଶିଷ୍ଟ ବିଦ୍ୱାନ ଏବଂ ବୈଜ୍ଞାନିକଙ୍କ ସମେତ ଆଇଆଇଏସସି, ବେଙ୍ଗାଲୁରୁର ପ୍ରଫେସର ଏଲ.ଏମ. ପଟ୍ଟନାୟକ, ମ୍ୟାକଗିଲ୍ ବିଶ୍ୱବିଦ୍ୟାଳୟ, କାନାଡାର ପ୍ରଫେସର ଅଗସ୍ ସାସମିତୋ, ଏନୱାଇୟୁଏସଟି ପ୍ରଫେସର ଜି. ଏ. ରବି କିରଣ କିଙ୍ଗ ସାଉଦିଆରବିଆ ଫହଦ୍ ୟୁନିଭରସିଟିର ପ୍ରଫେସର ମୁଫ୍‌ତି ମହମୁଦ, ଜାପାନ ପାଣିପାଗ ନିଗମର ମୁଖ୍ୟ ବୈଜ୍ଞାନିକ ଡ. ଶ୍ରୀଧର ନାୟକ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦ୍‌ଗାତା ଏବଂ ଆରସି ଫୋରନାକ୍ସ, ୟୁକେର ଡ. ଅମିତ କୁମାର ମିଶ୍ର ରହିଛନ୍ତି।

# ଧାନମଣ୍ଡି ଖୋଲିବାରେ ବିଳମ୍ବ କାହା ସ୍ୱାର୍ଥରେ: ଓଡ଼ିଶା କୃଷକ ସଭା

**ରାଉରକେଲା, ୧୮ ।୧୨(ସମିସ):** ଧାନ ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଓଡ଼ିଶା କୃଷକ ସଭା ଗର୍ଜିଛି। ଓଡ଼ିଶା କୃଷକ ସଭା ପକ୍ଷରୁ କୁହାଯାଇଛି ଯେ ଗତ ନଭେମ୍ବର ୨୧ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପକ୍ଷରୁ ଆହୁତ ବୈଠକରେ ନିଷ୍ପତ୍ତି ହୋଇଥିଲା ଡିସେମ୍ବର ୧୫ ତାରିଖ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାରେ ଧାନମଣ୍ଡି ଖୋଲିବା। କାରଣ ଆମ ଜିଲ୍ଲାରେ ଖ୍ରୀଷ୍ଟିୟ ସମ୍ପ୍ରଦାୟର ପ୍ରାୟ ୨୫ ଭାଗରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ତେଣୁ ଆଗାମୀ ୨୫ ଡିସେମ୍ବର ୨୫ ବଡ଼ଦିନକୁ ଭଲ ଭାବରେ ପାଳନ କରିବାପାଇଁ ଏବଂ ସେମାନଙ୍କର ସୁବିଧା ପାଇଁ ଡିସେମ୍ବର ୧୫ ତାରିଖ ଦିନ ଧାନମଣ୍ଡି ଖୋଲିବାପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଧାୟକ, ସମ୍ପୃକ୍ତ ବିଭାଗର ଅଧିକାରୀବୃନ୍ଦ ଏବଂ ବିଭିନ୍ନ କୃଷକ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥାଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବାସ୍ତବରେ ଏହି ନିଷ୍ପତ୍ତି ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହି ବିଳମ୍ବ କାହା ସ୍ୱାର୍ଥରେ ବୋଲି ଓଡ଼ିଶା କୃଷକ ସଭା ପ୍ରଶ୍ନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମଗ୍ର ଜିଲ୍ଲାରେ ଧାନ ଅମଳ ସରିଥିଲେ ହେଁ ଧାନମଣ୍ଡି ଖୋଲିବାର ବିଳମ୍ବକୁ ଏକ ସୁଯୋଗ ମନେ କରି ଦଲାଲମାନେ ଗାଁ ଗାଁ ବୁଲି ୧୭୦୦ରୁ ୧୮୦୦ ଟଙ୍କା। ଦେଇ ଧାନ କ୍ରୟ କରି ଚାଲିଛନ୍ତି। କୁଇଣ୍ଟାଲ୍ ପିଛା ୮୦୦ଟଙ୍କା। ଇନପୁଟ୍ ସବ୍‌ସିଡିକୁ ମିଶାଇ ୩୧୬୯ ଟଙ୍କା। ସର୍ବନିମ୍ନ ସହାୟକ ମୂଲ୍ୟ ହୋଇଥିଲା ବେଳେ ଚାଷୀମାନେ ହତାଶ ହୋଇ ନିଜର ପର୍ବକୁ ଆଖି ଆଗରେ ରଖି ଏବଂ ଅନ୍ୟ ସମ୍ପ୍ରଦାୟର ଲୋକେ ଧାର କରଜ ସୁଝିବାପାଇଁ ବାଧ ହୋଇ କୁଇଣ୍ଟାଲ୍ ପିଛା ୧୭୦୦ରୁ ୧୮୦୦ ଟଙ୍କା। ମଧ୍ୟରେ ଧାନ ବିକ୍ରି କରିବାରେ ଲାଗିଛନ୍ତି। ଏଥିରୁ ଚଷ୍ଟ ଅନୁମାନ ଯେ ସରକାର, ପ୍ରଶାସନ, ମିଲର୍ସ ଏବଂ ଦଲାଲମାନଙ୍କ ମଧ୍ୟରେ ଏକ ଅନୈତିକ ମେଣ୍ଟ ଚାଷୀ ସମାଜକୁ ବିପଦ ମୁଖକୁ ଠେଲି ଦେଇଛି।

# ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରାଉରକେଲା, ୧୮ ।୧୨(ସମିସ):** ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟ -୨୦୨୫ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିବା ସହିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ଘୋଷଣା କରିଥିଲେ। ଚାମ୍ପିଅନସିପ୍ ଆରମ୍ଭ ହେବା ଅବସରରେ ଶ୍ରୀ ମିଶ୍ର କିଛି ବନ୍ଧୁତ୍ୱପୂର୍ଣ୍ଣ ସଟ୍ ମଧ୍ୟ ଖେଳିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ, ସେଲ କର୍ପୋରେଟ୍ ଅଫିସ୍ କ୍ରୀଡ଼ା ବିଭାଗର ଡିଜିଏମ୍ ସୌରଭ ଶୁକ୍ଳାଙ୍କ ସମେତ ତଥା କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ମିଶ୍ର କର୍ମଚାରୀମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଶାରୀରିକ ସୁସ୍ଥତା ବୃଦ୍ଧି କରିବାରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏପରି ଆନ୍ତଃକାରଖାନା କ୍ରୀଡ଼ା କେବଳ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ତାହା ନୁହେଁ ବରଂ ବିଭିନ୍ନ ସେଲ ୟୁନିଟର କର୍ମଚାରୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏକତାକୁ ମଧ୍ୟ ସୁଦୃଢ଼ କରିଥାଏ। ଏହି ଚାମ୍ପିଅନ୍‌ସିପରେ ପୁରୁଷ ବର୍ଗରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ସେଲ୍‌ଫ କର୍ପୋରେଟ୍ ଅଫିସ୍, ବିଶ୍ୱେଶରାୟ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ), ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ (ଆଇଏସପି), ଚନ୍ଦ୍ରପୁର ୟୁନିଟ୍, ରାଞ୍ଚି ୟୁନିଟ୍, ଆଲୟ ଷ୍ଟିଲ୍ ପ୍ଲାଣ୍ଟ (ଏଏସପି) ଏବଂ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ (ବିଏସଏଲ)ରୁ ମୋଟ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେହିଭଳି ମହିଳା ବର୍ଗରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଏବଂ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡିଏସପି)ରୁ ମଧ୍ୟ କେତେକ ଦଳଭାଗ ନେଉଛନ୍ତି। ଆରଏସପିର କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାତ୍ରୀ ସଂଯୋଜନା କରୁଛନ୍ତି।

## ଜାଙ୍ଗଲା ବନ ସୁରକ୍ଷା ସମିତିର ଅଭିନବ ପ୍ରଚେଷ୍ଟା

# ବୁଢ଼ା ପର୍ବତ ଜଙ୍ଗଲକୁ ଫେରିବେ ବନ୍ୟପ୍ରାଣୀ



**ବଣାଇଁ, ୧୮ ।୧୨(ସମିସ):** ବଣାଇ ବନଖଣ୍ଡ ଅଧୀନସ୍ଥ ଜାଙ୍ଗଲା ଗ୍ରାମ ବନ ସୁରକ୍ଷା ସମିତି ପକ୍ଷରୁ ସ୍ଥାନୀୟ କମ୍ୟୁନିଟି ସଭାଗୃହଠାରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ ସୁରକ୍ଷା ସମିତିର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ଲୋକଙ୍କ ଦ୍ୱାରା ବିଦ୍ୟୁତ ବ୍ୟବହାର ଦ୍ୱାରା ବନ୍ୟପ୍ରାଣୀଙ୍କ ହତ୍ୟା ବନ୍ଦ କରିବା ସର୍ବସାଧାରଣ ଜମିରେ ଗଛ ଲଗାଇବା ଏବଂ ସେମାନଙ୍କୁ ସୁରକ୍ଷା ଦେବା, ବିଶେଷକରି କିଛି ବର୍ଷ ପୂର୍ବେ ବନ ବିଭାଗ ଦ୍ୱାରା ଲଗାଯାଇଥିବା ନିମ୍ବ ଗଛ ଉପରେ ଧ୍ୟାନ ଦେବା; ଏବଂ ଭାଲୁ, ଶୃଗାଳ ଏବଂ ହରିଣ ଆଦି ସ୍ଥାନୀୟ ବନ୍ୟପ୍ରାଣୀଙ୍କ ପୁନଃପ୍ରବର୍ତ୍ତନ ପାଇଁ ଯୋଜନା କରିବା ଉପରେ ବିଶଦ ଆଲୋଚନା କରିଥିଲେ। ଏହା ଏକ ନୂତନ ପରିକଳ୍ପନା ଏବଂ ପ୍ରଥମ ଯୋଜନା, ଯାହା ଜଙ୍ଗଲ ପରିଚାଳନା ଇତିହାସରେ ପ୍ରଥମ ଥର ପାଇଁ ଏକ ବନ ସୁରକ୍ଷା ସମିତି ଦ୍ୱାରା ବନ୍ୟପ୍ରାଣୀ ପୁନଃପ୍ରବର୍ତ୍ତନ କରିବାକୁ ଚେଷ୍ଟା କରୁଛି। ଏ ପ୍ରଣାଳୀରେ ଭାଲୁ, ଶୃଗାଳ, ବିଲୁଆ ଏବଂ ହରିଣ ପରି ବନ୍ୟପ୍ରାଣୀ ପୁନଃ ପ୍ରବର୍ତ୍ତନ କରିବେ ବୋଲି ଆଶା ରଖିଛନ୍ତି ଗ୍ରାମବାସୀ। ସେମାନେ ବୈଷୟିକ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ବନ ବିଭାଗକୁ ନେବାକୁ ଆଗଭର ହୋଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଡ. ଏନ. କେ. ସାହୁଙ୍କ କହିବା ଅନୁଯାୟୀ ତାଙ୍କ ସ୍କୁଲ ସମୟରେ ବୁଢାପର୍ବତ ଜଙ୍ଗଲରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଦେଖାଯାଉଥିବା ବନ୍ୟପ୍ରାଣୀ ପାଇବା ଏବେ କେବଳ ଏକ ସ୍ୱପ୍ନ। ସ୍କୁଲ ପିଲାମାନେ ଜୀବନ୍ତ ଭାଲୁ, ଶୃଗାଳ, ବିଲୁଆ, ବନ୍ୟପ୍ରାଣୀ, ମୟୂର ଇତ୍ୟାଦି ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏହି ଗାଁର ବନ ସୁରକ୍ଷା ସମିତି ବର୍ତ୍ତମାନ ପ୍ରାକୃତିକ ପରିବେଶର ସାମଗ୍ରିକତା ଏବଂ ଏହାର ପରସ୍ପର ସମ୍ବନ୍ଧିତ ଲାଭକୁ ଅନୁଭବ କରିଛନ୍ତି। ତେଣୁ ହଜିଯାଇଥିବା ବନ୍ୟପ୍ରାଣୀଙ୍କୁ ପୁନରୁଦ୍ଧାର କରିବା ପାଇଁ ଏହା ଗ୍ରାମ୍ୟବାସୀଙ୍କ ମହାନ ପ୍ରୟାସ।

# ଦୁର୍ଘଟଣାରେ ଦୁଇ ସାମ୍ବାଦିକ ଗୁରୁତର




**ସିନାପାଲି, ୧୮ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ନଙ୍ଗଲବୋର୍ଡ ଅଞ୍ଚଳରୁ ଖବର ସଂଗ୍ରହ କରି ଫେରୁଥିବା ବେଳେ ଖଇରପଦର ନିକଟରେ ବାଇକ୍‌ର ପଛ ଚକ ଫାଟି ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଦୁଇ ସାମ୍ବାଦିକ ଝସକେତନ ରଣା ଓ ରମେଶ ଜଗତ ଗୁରୁତର ହୋଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ପରେ ଝସକେତନ ରଣାଙ୍କୁ ଅଧିକ ଚିକିତ୍ସା ପାଇଁ ନୂଆପଡ଼ାକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଉଭୟ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସ୍ୱାସ୍ଥା ଭଲ ଥିବା ଜଣାପଡ଼ିଛି। ରମେଶ ଜଗତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ବେଳେ ଝସକେତନଙ୍କ ହାତରେ ଆଘାତ ହୋଇଛି। ଉଭୟ ସାମ୍ବାଦିକ ଗୋଟିଏ ବାଇକ୍‌ରେ ସାଙ୍ଗ ହୋଇ ଖବର ସଂଗ୍ରହ ପାଇଁ ଯାଇଥିଲେ।

# ନୂତନ ବ୍ରିଜ ନିର୍ମାଣ ଦାବିରେ ବିଜେଡିର ଦାବିପତ୍ର



**ଭବାନୀପାଟଣା, ୧୮ ।୧୨ (ସମିସ):** ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ମାଡିଙ୍ଗପଦର ଚାରିଛକରେ ବିଜୁ ଜନତା ଦଳ ତରଫରୁ ତୁର୍କେଲରେ ଥିବା ତେଲନଦୀ ଉପରେ ଶୀଘ୍ର ନୂତନ ବ୍ରିଜ ନିର୍ମାଣ ଦାବିରେ ପ୍ରତିବାଦ ସଭା ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର କଳାହାଣ୍ଡି ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ନେଉଥିବାରୁ କଳାହାଣ୍ଡି ବିଜୁ ଜନତା ଦଳ ତରଫରୁ ତୀବ୍ର ପ୍ରତିବାଦ କରାଯାଇଛି। ଉକ୍ତ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମହିଳା ସଭାନେତ୍ରୀ ଲଳିତା ନାଏକ, ବଦ୍ରି ପଟ୍ଟନାୟକ, ଜାକିର ହୁସେନ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ଆଦିତ୍ୟ ନନ୍ଦ, ଅଭିନାଶ ଠାକୁର, ସୁରେନ୍ଦ୍ର ପ୍ରଧାନ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ସମସ୍ତ ପଞ୍ଚାୟତ ସଭାପତି, ବିଜୁ ଜନତା ଦଳର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭବାନୀପଟଣା, ୧୮ ।୧୨(ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପଟଣାରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ କ୍ରୀଡ଼ା ଦିବସ ଉତ୍ସାହ ଓ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆରମ୍ଭ ହୋଇ ପାରମ୍ପରିକ ଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଭାରତ ଭୂଷଣ ଦେଓ, ପୂର୍ବତନ ଓଡ଼ିଶା ରଣଜି ଟ୍ରଫି ଖେଳାଳି, ବିସିସିଆଇ ପରିଚାଳିତ ଓଡ଼ିଶା ଅଣ୍ଡର୍‌ଏଜ୍ କ୍ରିକେଟ୍ ଚୟନ ସମିତିର ପୂର୍ବତନ ସଦସ୍ୟ ଏବଂ ପ୍ରତିଷ୍ଠିତ କଳାହାଣ୍ଡି ବରପୁତ୍ର ପୁରସ୍କାର ପ୍ରାପ୍ତ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଆକର୍ଷଣୀୟ ମାର୍ଚ୍ଚପାଷ୍ଟ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଷ୍ଟାଚାର, ଦଳୀୟ ଭାବନା ଓ କ୍ରୀଡ଼ା ମନୋଭାବ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ଏବଂ ପରେ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।ମୁଖ୍ୟ ଅତିଥି ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ସୁସ୍ଥତା, ଶିଷ୍ଟାଚାର ଓ ଚରିତ୍ର ଗଠନ ପାଇଁ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷ ଭୀମସେନ ପଣ୍ଡା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂଶା କରି ଶିକ୍ଷା ସହ କ୍ରୀଡ଼ାର ସମନ୍ୱୟ ମାଧ୍ୟମରେ ସର୍ବାଙ୍ଗୀନବିକାଶ ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତା ପୁନଃବ୍ୟକ୍ତ କରିଥିଲେ।

# ପଣ୍ଡିଗାଁ-ମୁଖିଗୁଡା ରାସ୍ତା ଅସମ୍ପୂର୍ଣ୍ଣ

**କଳମପୁର, ୧୮ ।୧୨(ସମିସ)**

ଚାଷୀ ଅନେକ ସମସ୍ୟାର ସମ୍ମୁଖିନ ହୋଇ ଚାଷ କରିଥିଲେ। ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡି ମାଧ୍ୟମରେ ବିକ୍ରୀ କରି ଭଲ ଦୁଇ ପଇସା ପାଇବା ଆଶା କରିଥିଲେ। ଚଳିତ ବର୍ଷ ମଣ୍ଡି ଆରମ୍ଭରେ ଅହେତୁକ ବିଳମ୍ବ କରି ସାରିଛି ପ୍ରଶାସନ। ଡିସେମ୍ବର ୧୫ରୁ କାଁ ଭାଁ ମଣ୍ଡିରୁ ଧାନ ଉଠାଣ ହେଉଥିବା ବେଳେ ହାରାମାଲ, ତେନ୍ତୁଲିଖୁଣ୍ଟି, ପଞ୍ଚୁଆଗୁଡା ଭଳି ମଣ୍ଡି ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। ଚାଷୀ ଧାନ ଅମଳ କରି ଦୀର୍ଘ ଏକ ମାସ ଧରି କିଏ ଖଳାରେ ଗଦାଇ ରଖିଛି ତ କିଏ ରାସ୍ତା କଡରେ ଆଉ କିଛି ଚାଷୀ ଧାନ ମଣ୍ଡିରେ ଗଦାଇ ରଖିଛନ୍ତି। ଏଭଳି ସ୍ଥିତିରେ ହରାମାଲ, ପରୁଆଗୁଡା ଏବଂ ତେନ୍ତୁଲିଖୁଣ୍ଟି ଧାନମଣ୍ଡି ପାଇଁ ନିର୍ମାଣଧୀନ କଳମପୁର ପଣ୍ଡିଗାଁ ଛକରୁ ମୁଖିଗୁଡାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଅସମ୍ପୂର୍ଣ୍ଣ ରାସ୍ତା ଯୋଗୁଁ ଧାନ ପରିବହନରେ ନିୟୋଜିତ ଟ୍ରକ ଚଳାଚଳ କରିବାରେ ବାଧକ ସାଜିଛି। ଟ୍ରକ୍ ମାଧ୍ୟମରେ ଧାନ ପରିବହନ କରି ନେବା ବେଳେ ଏହି ଅସମ୍ପୂର୍ଣ୍ଣ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗତ ବର୍ଷ ଦୁଇଟି ଟ୍ରକ୍ ରାସ୍ତା କଡ ଜମିରେ ଓଲଟି ପଡ଼ିବାରୁ ବୋଝେଇ ହୋଇଥିବା ଧାନ ବସ୍ତା କାଦୁଅରେ ପଡ଼ିଥିଲା। କିନ୍ତୁ ସୌଭାଗ୍ୟ ବସତଃ ଉଭୟ ଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ଆସନ୍ନ ବିପଦରୁ ବର୍ତ୍ତି ଯାଇଥିଲେ। ତଥାପି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ଅବହେଳା ଯୋଗୁଁ ଗତ ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ବିତି ସାରିଥିଲେ ମଧ୍ୟ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି। ରାସ୍ତାର ଉନ୍ନତିକରଣ ପାଇଁ ତେନ୍ତୁଲିଖୁଣ୍ଟି ମଣ୍ଡି ନିକଟରେ ୨ଶହ ମିଟର ରାସ୍ତାରେ ଥିବା ଜମି ବେସରକାରୀ। ଉକ୍ତ ଜମି ମାଲିକ ନିଜ କ୍ଷତିପୂରଣ ଦାବି କରିଥିବାରୁ ରାସ୍ତା କାମ ଠପ୍ ହେଇଯାଇଛି। ସେହି ସ୍ଥାନରେ ଖାଲ ଖମା ସହ ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ପୁଣି ଅଣ ଓସାରିଆ ହେଇଥିବାରୁ ଅନ୍ୟ ଗାଡିକୁ ରାସ୍ତା ଛାଡିବା ଚାଳକଙ୍କ ପାଇଁ ବିପଦ ସାଜିଛି। ତେଣୁ ଏହି ରାସ୍ତାରେ ଧାନ ବୋଝେଇ ଟ୍ରକ ପରିବହନ କରି ନେବାରେ ଚାଳକମାନେ ଅମଙ୍ଗ ହେଉଛନ୍ତି। ଯେଉଁଥିପାଇଁ ୩ଟି ମଣ୍ଡିର ଚାଷୀ ମାନେ ଦୁଃଖେ ଭୋଗ କରୁଛନ୍ତି। ଅନ୍ୟ ଏକ ସମସ୍ୟା ଶ୍ରମିକଙ୍କ ପାଉଣା। ସଠିକ ସମୟରେ ମଣ୍ଡି ପରିଚାଳନାରେ ଥିବା ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଶ୍ରମିକଙ୍କ ପାରିଶ୍ରମିକ ଦେଉନଥିବାରୁ ଶ୍ରମିକ ମାନେ କାମ କରିବା ନେଇ ଅମଙ୍ଗ ହେଉଛନ୍ତି, ଫଳରେ ମଣ୍ଡି କାର୍ଯ୍ୟ ସ୍ୱାଭାବିକ ହୋଇ ପାରୁନାହିଁ।ଏହାର ତୁରନ୍ତ ସମାଧାନ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।



# ପ୍ରସିଦ୍ଧ ଛୁଟିରାଣୀ ଯାତ୍ରା

**ମ. ରାମପୁର, ୧୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡମ କର୍ଲାଖୁଣ୍ଟା ପଞ୍ଚାୟତର ଦୁଲେନ୍ ଗ୍ରାମର ରାହୁଲ୍ ନଦୀ କୂଳରେ ଛୁଟିରାଣୀ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ତିନି ଦିନ ପର୍ଯ୍ୟନ୍ତ ପାଳନ ହୁଏ।ସୋମବାର ଅପରାହ୍ନରେ ରାହୁଲ ନଦୀ କୂଳରୁ ପୂଜାପାଠ କରି କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳେ ମା'ଛୁଟି ରାଣୀଙ୍କ ପୂଜାର୍ଚ୍ଚନା କରି ଭକ୍ତମାନେ ମଙ୍ଗଳ କାମନା କରିଥାନ୍ତି। ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ବୈଠକି କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।ବୁଧବାର ଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ମଗସିର ଡୁଲିଆ ମହିଳା ଦଣ୍ଡ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।ଏଥିରେ ଦୁଲେନ, ପେଞ୍ଜିକୁପା, ଉଳିମୁଣ୍ଡା, ସିରଗୁନ, ସର୍ଗିପଲା ଗ୍ରାମର ସମସ୍ତ ଲୋକ ଯାତ୍ରା ପାଇଁ ସାହାଯ୍ୟ ସହାଯୋଗ କରିଥାନ୍ତି।ସଭାପତି ପ୍ରଫୁଲ୍ଲ ଘିଭେଲା, ସମ୍ପାଦକ ମହେନ୍ଦ୍ର ମଝି ପୂଜକ ବେଣୁ ଦାସ, କର୍ତ୍ତା ଚିନ୍ତାମଣି ପାତ୍ର, କେଶରି ପାତ୍ର ରହିଛନ୍ତି। ଛୁଟିରାଣୀ ପୂଜା କମିଟିର ସମସ୍ତ ଲୋକ ସାହଯୋଗ କରିଥିଲେ।

# ଗଡ଼ିଲା କୃଷି ଭିତ୍ତିକ ପ୍ରସାର ରଥ

**ଧର୍ମଗଡ଼, ୧୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରସ୍ଥିତ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଗଡ଼ିଲା କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ ରଥ। ରଥକୁ ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ନୌକେଶ୍ୱର ନାଗ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିବା ସହିତ ଏହି ରଥ ଯାତ୍ରା ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ସରକାରଙ୍କ ପିଏମ କିଷାନ, ସିଏମ କିଷାନ, କୃଷକ ପଞ୍ଜୀକରଣ, କୃଷକ ଓଡ଼ିଶା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଭଳି ସରକାରଙ୍କ ସମସ୍ତ କୃଷି ଭିତ୍ତିକ ଯୋଜନା ସମ୍ପର୍କରେ ଚାଷୀମାନେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ସୂଚନା ରହିଛି ବୋଲି ଶ୍ରୀ ନାଗ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କୃଷି ଭିତ୍ତିକ ପ୍ରସାର ରଥ ଗୁରୁବାର ଠାରୁ ଧର୍ମଗଡ଼ ବ୍ଲକ ର ସମସ୍ତ ପଞ୍ଚାୟତ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ବ୍ରାହ୍ମଣଛେଣ୍ଡିଆ, କନାଗାଁ, ଡୁମେରଗୁଡା, ଟିପିଗୁଡା ଏବଂ କାଙ୍କେରି ପଞ୍ଚାୟତକୁ ଯାଇ ଅଭିନୟ ମାଧ୍ୟମରେ କଳାକାରଙ୍କ ଦ୍ୱାରା କୃଷକମାନଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ କୃଷି ଅଧିକାରୀ ହେମାନନ୍ଦ ମାଝୀ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ କମଲେଶ ଶବର, ଅତିରିକ୍ତ ବ୍ଲକକୃଷି ଅଧିକାରୀ ଅର୍ଦ୍ଧେନ୍ଦୁ ସୁନ୍ଦର ନାୟକ, ବିଟିଏମ ଦେବାଶିଷ ଚାନ୍ଦ, ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



# କଳାହାଣ୍ଡି ବିଜେପିର ନୂତନ ଜିଲ୍ଲା କମିଟି ଗଠନ

**ଭବାନୀପାଟଣା, ୧୮ ।୧୨(ସମିସ):** ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଢ଼ ଜିଲ୍ଲା କମିଟିର ୧୯ ଜଣ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ବହୁ ଯୁବ ନେତା ଓ କାର୍ଯକର୍ତ୍ତାଙ୍କୁ ସ୍ଥାନ ମିଳିଛି। ସେମାନଙ୍କ ମଧ୍ୟରେ ୮ ଜଣ ଜିଲ୍ଲା ଉପ ସଭାପତି, ୩ ଜଣ ସାଧାରଣ ସମ୍ପାଦକ, ୮ ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଜିଲା ଉପସଭାପତି ଭାବେ ମୁକେଶ ଅଗ୍ରୱାଲ, ଜୟଶଙ୍କର ନାଏକ, ପଦ୍ମଲୋଚନ ମିଶ୍ର, ରୂପେଶ ଜୈନ, ସୁକାନ୍ତି ସା, ସନ୍ତୋଷୀ ଦାସ, ନିରୁପମା ନାଏକ, ନିରୁପମା ସାମଲ ପ୍ରମୁଖଙ୍କୁ ଦାୟିତ୍ୱ ମିଳିଛି। ସତ୍ୟରଞ୍ଜନ ବେହେରା, ଲୋକନାଥ ଦୁର୍ଗା, ହିମାଂଶୁ ପଣ୍ଡାଙ୍କୁ ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ଜିଲ୍ଲା ସମ୍ପାଦକ ଭାବେ ସନ୍ତୋଷ ବିଶି, ଅଙ୍କୁର ହରପାଲ୍, ଘନଶ୍ୟାମ ଗହିର, ହେମନ୍ତ ମାଝୀ, ମମତା ପଣ୍ଡା, ବିଭୀଷଣ ସାହୁ, ରିନା ଭୋଇଙ୍କୁ ଦାୟିତ୍ୱ ମିଳିଛି। ପୂର୍ବରୁ ଜିଲ୍ଲା କୋଷାଧ୍ୟକ୍ଷ ରହିଥିବା ବରିଷ୍ଠ ନେତା ପ୍ରମୋଦ ଜୈନଙ୍କୁ ପୁନର୍ବାର କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି।

# କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

**ମ.ରାମପୁର, ୧୮ ।୧୨ (ସମିସ):** ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ଏବିଡିଓ ଲକ୍ଷ୍ମଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଏଇଇ ବଲବିନ୍ଦର୍ ସିଂ ଯାଦବ, କଳାହାଣ୍ଡି ଜିଲ୍ଲା ବିଜେପି ଉପସଭାପତି ପଦ୍ମଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମ.ରାମପୁର ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ନାଏକ ଗତବର୍ଷର ବିବରଣୀ ଉପସ୍ଥାପନା କରିବାପରେ ପ୍ରତିବିଷୟ ସମ୍ପର୍କରେ ଆଲୋଚନା ପରେ ଘୁମୁରା ଉତ୍ସବ ପାଳନ କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଜାନୁଆରୀ ୧୦ ତାରିଖରେ ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପାଳନ କରାଯିବା ନେଇ ସ୍ଥିର ହୋଇଥିଲା।ଆଲୋଚନାରେ ବିକାଶ ରଞ୍ଜନ ସିଂହ ଦେଓ, ବ୍ଲକ କଳାକାର ସଂଘ ଉପସଭାପତି ଶ୍ରୀପତି ପଟ୍ଟନାୟକ, କଣ୍ଠଶିଳ୍ପୀ ସନ୍ତୋଷ କୁମାର ଦୁବେ, ଓଡ଼ିଶା ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା, ଉଦ୍ଧବ ପଣ୍ଡା, ସଂଗଠକ ଭଗବାନ ଭୋଇ, ବ୍ଲକ ବିଜେଡି ସଭାପତି ସତ୍ୟ ନାରାୟଣ ସାହୁ, ଦେଡ଼ଶୁଳୀ ସମିତିସଭ୍ୟ ଯଜ୍ଞସେନ ପଣ୍ଡା, ଆଇନଜୀବୀ ରାକେଶ ଶତପଥୀ, ଭବାନୀ ଶଙ୍କର ସାହୁ, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ଶ୍ରୀ ପଧାନ ଧନ୍ୟବାଦାର୍ପଣ କରିଥିଲେ।

# ୨୧ରେ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

**କେସିଙ୍ଗା, ୧୮ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଭଲିବଲ ଆସୋସିଏସନ୍ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ ଦିନିକିଆ ଭଲିବଲ ପ୍ରତିଯୋଗିତା ଚଳିତ ମାସ ୨୧ ତାରିଖ ଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ବଛା ବଛା ୬ ଟି ଟିମ କୁ ନେଇ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାର ବିଜେତା ଦଳକୁ ଟ୍ରଫି ସହିତ ନଗଦ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଚନ୍ଦନ ମେହେର ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ



**ସିନାପାଲି, ୧୮ ।୧୨ (ସମିସ):** ସିନାପାଲି କଲେଜ ନିକଟ ଧାନମଣ୍ଡି ପଡ଼ିଆରେ ଚନ୍ଦନ ମେହେର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଉଦନ୍ତୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିନାପାଲି ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ତୁଳସୀରାମ ମେହେର, ଅଧ୍ୟାପକ କ୍ଷେତ୍ରମୋହନ ଦୁରିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ବରିଷ୍ଠ ସାମ୍ବାଦିକ ଅଜିତ ଯୋଶୀ, ଉଦନ୍ତୀ ୟୁଥ୍ କ୍ଲବ୍ ସଭାପତି ସୁରଜ୍ ମେହେର, ତ୍ରିନାଥ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଯୁଗେନପଦର୍ ଓ କଲେଜ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଲେଜ ଏକାଦଶ ବିଜୟହୋଇଥିଲା। ଦ୍ୱିତୀୟମ୍ୟାଚ୍ ରାମଛକ ଓ କାପଶି ଫାଇଭ ଷ୍ଟାର ମଧ୍ୟରେ ହୋଇଥିଲା। ତୃତୀୟ ମ୍ୟାଚ୍ ବିବେକାନନ୍ଦ ବାହାଲପଡ଼ା ଓ କରମାଦେବୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାପସି ଫାଇଭ ଷ୍ଟାର ଓ ବିବେକାନନ୍ଦ ବାହାଲପଡ଼ା ବିଜୟ ହୋଇଥିଲା। ସେହିପରି ଚତୁର୍ଥ ମ୍ୟାଚ୍ ସିନାପାଲି ପ୍ରେସ୍ କ୍ଲବ୍ ଓ ସିନାପାଲି ସିନିୟର୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥଲା। ପ୍ରେସ୍ କ୍ଲବ୍ ବିଜୟ ହାସଲ କରିଥିଲା। ସିନାପାଲି ସିନିୟର ଦଳ କ୍ୟାପଟେନ ରଜନୀ ମାଝୀଙ୍କ ନେତୃତ୍ୱରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ବିନିମୟରେ ୪୭ରନ୍ ସଂଗ୍ରହ କରିଥିଲା। ଜବାବରେ ସିନାପାଲି ପ୍ରେସ୍ କ୍ଲବ୍ କ୍ୟାପଟେନ ସନ୍ତୋଷ ବାଗଙ୍କ ନେତୃତ୍ୱରେ ୭.୨ ଓଭରରେ ଦୁଇ ୱିକେଟ ବିନିମୟରେ ୪୮ ରନ୍ ସଂଗ୍ରହ କରି ବିଜୟ ଘୋଷିତ ହୋଇଥିଲା। ଏହି ଟୁର୍ଣ୍ଣାମଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ୨୦ ତାରିଖରେ ଏହା ଉଦ୍‌ଯାପିତ ହେବ।

## ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ କପ୍ ସିଜନ୍-୭

# ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ବିଜୟୀ

**ସିନାପାଲି, ୧୮ ।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ସ୍ଥିତ ବୁଢ଼ାରଜା କ୍ରିକେଟ ପଡ଼ିଆ ରେ ଆୟୋଜିତ ହେଉଥିବା ବୁଢ଼ାରଜା କ୍ରିକେଟ ଟୁର୍ଣାମେଣ୍ଟ ସିଜନ-୭ର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଟିଟଲାଗଡ଼ ଏକାଦଶକୁ ହରାଇ ସୁନ୍ଦରଗଡ଼ ଏକାଦଶ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ଟିଟଲାଗଡ଼ ଏକାଦଶ ଟସ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ସୁନ୍ଦରଗଡ଼ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ରେ ୬ ୱିକେଟ ବିନିମୟ ରେ ୨୪୩ ରନ ସଂଗ୍ରହ କରିଥିଲା। ଏହାର ଜବାବ ରେ ଟିଟଲାଗଡ଼ ଏକାଦଶ ୨୦ ଓଭର ରେ ୯ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ଟିଟଲାଗଡ଼ ଏକାଦଶର ଦେବା ଦେବ ୫୬ ବଲରେ ୧୧୮ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ମୁଖ୍ୟ ଅତିଥି ଭାବରେ ୧୩ ନମ୍ବର ଯୋନ ଜିଲ୍ଲାପରିଷଦ ସଦସ୍ୟ ଯାଜ୍ଞସେନି କଟା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ମଖାପଦର ସମିତି ସଭ୍ୟ ସୁରେନ୍ଦ୍ର ମଙ୍ଗରାଜ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ସଞ୍ଜୟ ବୈଠାରୁ, ପୟୋଜ କଶ୍ୟପ ରହିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗଗନ ବିହାରୀ ନାଏକ କାର୍ଯ୍ୟ ତୁଲାଇ ଥିବା ବେଳେ ଉଦଘୋଷକ ଭାବରେ ପ୍ରକାଶ ପାତ୍ର, ନରେନ୍ଦ୍ର ନାଏକ, ଭିମରାଜ ତାଣ୍ଡି ପ୍ରମୁଖ ରହିଥଲେ। ସେହିପରି ସ୍କୋରର ଭାବରେ ଶାନ୍ତନୁ ବୈଠାରୁ, ଆକାଶ ବୈଠାରୁ, ପ୍ରଦୀପ ନାୟକ, ପ୍ରକାଶ ମାଝି ରହିଥିଲେ।





DSPL-425



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗୋପାଳକଙ୍କ ପାଇଁ
ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ଆର୍ଥିକ ସହାୟତା

- ଗୋପାଳନ ଓ ମଇଁଷିପାଳନ ପାଇଁ ୬୦ ରୁ ୭୦ ପ୍ରତିଶତ ରିହାତି
- ଗାଈମଇଁଷିଙ୍କ ବୀମାକରଣ ପାଇଁ ୮୫ ପ୍ରତିଶତ ରିହାତି
- ଘାସଚାଷ ପାଇଁ ଏକର ପ୍ରତି ୩୫,୦୦୦ ଟଙ୍କାର ସହାୟତା ଏବଂ ୨ ଲକ୍ଷ ମିନିକିଟ୍ ବିନା ଦେୟରେ ବଣ୍ଟନ
- ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଣ
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋପାଳନ ପାଇଁ ୧୫ ପ୍ରତିଶତ ଅତିରିକ୍ତ ରିହାତି

ଅଧିକ ସୂଚନା ପାଇଁ 8280910944 କିମ୍ବା ଦେୟମୁକ୍ତ ନମ୍ବର 155333 ରେ ଯୋଗାଯୋଗ କରନ୍ତୁ।

ସହାୟତା ପାଇବାକୁ sugam.odisha.gov.in ରେ ଆବେଦନ କରନ୍ତୁ

OIPR-06014/13/0076/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in
Follow us farddepartment farddepartment farddepartment @farddepartment

ସକାଳ
THE SAKALA

# ପାକିସ୍ତାନ ରାସ୍ତାରେ ବାଂଲାଦେଶ

କିଛିଦିନର ନିରବତା ପରେ ଏବେ ପୁଣି ବାଂଲାଦେଶରେ ହିନ୍ଦୁ-ବିରୋଧୀ ଆନ୍ଦୋଳନ ତେଜିଛି। ହିନ୍ଦୁ-ଭାରତ ବିଦ୍ୱେଷକୁ ରାଜନୈତିକ ପ୍ରସଙ୍ଗ କଲେ ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ଭବିଷ୍ୟତ କ'ଣ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ପାକିସ୍ତାନ। ଏଥିରୁ କିଛି ଶିଖିବା ବଦଳରେ ବାଂଲାଦେଶ ପାକିସ୍ତାନର ପଦାଙ୍କ ଅନୁସରଣ କରୁଛି।

ବାଂଲାଦେଶରେ ଗଣତାନ୍ତ୍ରିକ ଶାସନ ଏବଂ ବର୍ତ୍ତମାନର କାମଚଳା ଧର୍ମାନ୍ଧ ଅବଦମିତ ସରକାରର ଶାସନରେ ଅର୍ଥନୀତିର ଏକ ତୁଳନାତ୍ମକ ଚିତ୍ର ଦେଖିଲେ ବାଂଲାଦେଶର ଗତି ଓ ଭବିଷ୍ୟତ ସମ୍ପର୍କରେ ଏକ ସ୍ଥୂଳ ଧାରଣା ସୃଷ୍ଟି ହେବ। ଶେଖ୍ ହସିନାଙ୍କ ଶାସନ କାଳରେ ଭାରତ-ବାଂଲା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୬୦୦% ବୃଦ୍ଧି ଘଟିଥିବା ବେଳେ ୨୦୨୩ରେ ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୬.୧%। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏବେ ସେଠାରେ ଚାଲିଥିବା କାମଚଳା ସରକାରରେ ୨୦୨୫ ସୁଦ୍ଧା ଏହି ହାର ପାଖାପାଖି ୩% କୁ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ହାର ପୂର୍ବର ୫. ୬% ରୁ ଏବେ ୧୦.୮୭ %ବୃଦ୍ଧି ପାଇଛି। ଗତ ବର୍ଷକ ମଧ୍ୟରେ ୨୧ ଲକ୍ଷ ଛଟେଇ ହୋଇଛି, ୩ କୋଟି ୨୦ ଲକ୍ଷ ଯୁବକ ବେରୋଜଗାର ହୋଇପଡ଼ିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୩୦ ଲକ୍ଷ ବାଂଲାଦେଶୀ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କରିଛି।

୧୯୭୧ରେ ଭାରତର ପ୍ରତ୍ୟକ୍ଷ ସାମରିକ ସମର୍ଥନ ଓ ଭାରତୀୟ ଯବାନ୍‌ଙ୍କ ବଳିଦାନରେ ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ଜନ୍ମ ନେଇଥିବା ବାଂଲାଦେଶ ଏବେ ଭାରତ ବିରୋଧରେ ହିଁ ଷଡ଼ଯନ୍ତ୍ର ରଚନା କରୁଛି। ଗତବର୍ଷ ଅଗଷ୍ଟ ମାସରେ ସେଠାକାର କାମଚଳା ସରକାର ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପରେ ଭାରତ ଓ ହିନ୍ଦୁ ବିରୋଧୀ ବିଦ୍ୱେଷ ଅଧିକ ହୋଇଛି ଏବଂ ବିକାଶର ଗତି ବାଧାପ୍ରାପ୍ତ ହୋଇଛି। ୨୦୨୪ ଅଗଷ୍ଟ ୪ ରୁ ୨୦ ତାରିଖ ମଧ୍ୟରେ ୨, ୦୧୦ଟି ହିନ୍ଦୁ ଓ ସଂଖ୍ୟାଲଘୁ ବିରୋଧୀ ହିଂସା ସଂଘଟିତ ହୋଇଥିଲା। କାମଚଳା ସରକାର ଏହାକୁ ନିୟନ୍ତ୍ରଣ କରିବା ବଦଳରେ ନିରବ ପ୍ରୋତ୍ସାହନ ଦେଉଥିବାରୁ ଧର୍ମାନ୍ଧ ମୌଳବାଦୀଙ୍କ ଭାରତ ବିଦ୍ୱେଷ ବଢ଼ିବାରେ ଲାଗିଛି। ମନେ ହେଉଛି ବାଂଲାଦେଶ(ତତ୍କାଳୀନ ପୂର୍ବ ପାକିସ୍ତାନ) ତତ୍କାଳୀନ ପଶ୍ଚିମ ପାକିସ୍ତାନୀ ସେନାର ବର୍ବରତା, ନୃଶଂସତା ଓ ଅତ୍ୟାଚାର ଖୁବ୍ ଶୀଘ୍ର ପାସୋରି ପକାଇଛି।

ପାକିସ୍ତାନ ରାସ୍ତାରେ ଯାଉଥିବା ବାଂଲାଦେଶର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ, ଏହା ନିଶ୍ଚିତ। ଯଦି ନିଜ ଗୋଡ଼ କୁରାଢ଼ିରେ ମାରିବା ଭଳି ମାନସିକତା କେହି ଜଣେ ପୋଷଣ କରେ ତେବେ ତା'କୁ ନିବୃତ କିଏ ଓ କାହିଁକି କରିବ? କିନ୍ତୁ ଏହାସହିତ ଭାରତର ଶାନ୍ତି ଓ ସାର୍ବଭୌମତ୍ୱ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଥିବାରୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଦ୍ୱେଷ ଅଧିକ ଉଗ୍ର ହେଲେ ଭାରତ ପୁଣି ଥରେ ୧୯୭୨ ଭଳି ଅନୁପ୍ରବେଶ ସ୍ଥିତିର ସାମ୍ନା କରିପାରେ। ଏବେ ଭାରତରେ ବାଂଲାଦେଶୀ ହଟାଅ ଅଭିଯାନ ଆରମ୍ଭ ହୋଇଥିବାରୁ ତାହାର ପ୍ରତିଫଳନ ବାଂଲାଦେଶରେ ହିନ୍ଦୁ ବିଦ୍ୱେଷୀ ହିଂସାରେ ରୂପାନ୍ତରିତ ହୋଇଥିବା ଅଭିଯୋଗ ହେଉଛି। ଏଣୁ କେନ୍ଦ୍ର ସରକାରଙ୍କ ଆଗରେ ଏବେ ବହୁମୁଖୀ ଆହ୍ୱାନ ସୃଷ୍ଟି ହୋଇଛି।

ବାଂଲାଦେଶ ଭାରତର ସର୍ବବୃହତ୍ ଭୂସଂଲଗ୍ନ ପଡ଼ୋଶୀ। ସେଠାରେ ବୁଣା ଯାଇସାରିଥିବା ଭାରତ-ବିରୋଧୀ ଆଭିମୁଖ୍ୟର ମଞ୍ଜି ଦ୍ରୁମ ରୂପ ନେବା ପୂର୍ବରୁ ଭାରତ ପକ୍ଷରୁ କୂଟନୈତିକ-କୀଟନାଶକର ପ୍ରୟୋଗ ଜରୁରୀ। ତା' ନ ହେଲେ ପଶ୍ଚିମରେ ଆମେରିକା ସମର୍ଥିତ ପାକିସ୍ତାନ ଏବଂ ପୂର୍ବରେ ଚୀନ୍ ସମର୍ଥିତ ବାଂଲାଦେଶର ଷଣ୍ଢୁଆସୀ ଆକ୍ରମଣର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

# ପ୍ଲାଷ୍ଟିକ୍‌ମୁକ୍ତ ବେଳାଭୂମି

ବେଳାଭୂମିରେ ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଏକ ପାରିବେଶିକ ସମସ୍ୟା ନୁହେଁ, ଏଥିରେ ଅର୍ଥନୀତି ମଧ୍ୟ ଯୋଡ଼ି ହୋଇ ରହିଛି। ସମ୍ପ୍ରତି ବିଶ୍ୱରେ ସମୁଦ୍ର ଓ ବେଳାଭୂମିରେ ୧୯ କୋଟି ୯୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ି ରହିଛି ଏବଂ ବର୍ଷକୁ ପ୍ରାୟ ଅଢ଼େଇ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ଭିତରକୁ ଯାଉଛି। ଏହାଦ୍ୱାରା ବାର୍ଷିକ ୧୩୦୦ କୋଟି ଡଲାର କ୍ଷତି ହେଉଛି। ୨୦୪୦ ସୁଦ୍ଧା ଏହା ତିନିଗୁଣା ହାରରେ ବୃଦ୍ଧି ଘଟିବ ବୋଲି ଜାତିସଂଘର ପରିବେଶ ବିଭାଗ ଆକଳନ କରିଛି। ଏ ବିଷୟରେ ସମସ୍ତେ ଜ୍ଞାତ ଥିଲେ ହିଁ ସୁଧାରରେ ଆନ୍ତରିକତା ଅଭାବରୁ ସମସ୍ୟା ବଢ଼ି ଚାଲିଛି।

ନରୱେର ଏକ ଉପଦ୍ୱୀପ ଏ ଦିଗରେ ସକାରାତ୍ମକ ଉଦ୍ୟମ କରି ବେଳାଭୂମିରେ ପ୍ଲାଷ୍ଟିକ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିପାରିଛି। ଭାରତ ମଧ୍ୟ ବେଳାଭୂମି ପ୍ଲାଷ୍ଟିକ୍ ପ୍ରଦୂଷଣରେ ବିଶ୍ୱରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ। ସୁଖର ବିଷୟ ଭାରତ ଏ ଦିଗରେ ନରୱେ ସହଯୋଗରେ ବେଳାଭୂମିକୁ ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ 'ଭାରତ-ନରୱେ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ମଞ୍ଚ ୨୦୨୫'ରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ୨୦୧୯ ରୁ ଏହି ସହଯୋଗ ବୁଝାମଣା ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ କାରଣରୁ ତାହା ତ୍ୱରାନ୍ୱିତ ହୋଇପାରି ନ ଥିଲା।

ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯଦି ପ୍ଲାଷ୍ଟିକ୍ ଉତ୍ପାଦନ ସ୍ତରରେ କଟକଣା ଲଗାଯାଇପାରନ୍ତା ତେବେ ପ୍ରଦୂଷଣ ସମସ୍ୟା ଅନେକାଂଶରେ ଦୂର ହୋଇଯାଆନ୍ତା। କିନ୍ତୁ ଜେନେଭାଠାରେ ନିକଟରେ ଅନୁଷ୍ଠିତ 'ବିଶ୍ୱ ପ୍ଲାଷ୍ଟିକ୍ ନିୟନ୍ତ୍ରଣ ଚୁକ୍ତି'ରେ ଭାରତ ପ୍ଲାଷ୍ଟିକ୍ ସପକ୍ଷରେ ନିଜ ପକ୍ଷ ରଖିଥିଲା। ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ୍ ଉତ୍ପାଦନକୁ ସମର୍ଥନ କରିଥିବା ସ୍ପଷ୍ଟୀକରଣରେ କୁହାଯାଇଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁଁ ହେଉଥିବା ଅର୍ଥନୈତିକ କ୍ଷତି ପରିମାଣ ମଧ୍ୟ କମ୍ ନୁହେଁ, ଏ କଥା ମଧ୍ୟ ଚିନ୍ତା କରିବାର ଥିଲା। ତେଣୁ ଏଭଳି ଦୋମୁଖୀ ଆଭିମୁଖ୍ୟରେ ଦୀର୍ଘମିଆଦୀ କାଳରେ ଭାରତ ହିଁ କ୍ଷତି ସହିବା ସାର ହେବ। ପ୍ରଥମେ ପ୍ଲାଷ୍ଟିକ୍ ବିମୁଖ ସଚେତନତା ସୃଷ୍ଟି କରିବା ଉପରେ ସରକାର ପ୍ରାଥମିକତା ନ ଦେବା ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ପାଇବା ସମ୍ଭବ ନୁହେଁ। ନାଗରିକମାନେ ମଧ୍ୟ ନିଜ ସୁଖ ସୁବିଧା ବଦଳରେ ଉତ୍ତର ପିଢ଼ିର ଭବିଷ୍ୟତ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ନଚେତ୍ ଏହି ପ୍ଲାଷ୍ଟିକ୍ ରାକ୍ଷସ ମାନବ ସଭ୍ୟତାକୁ ବିନିଷ୍ଟ କରିଦେବ।



## ସମ୍ପାଦକୀୟ



ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇଯିବ ସେତେବେଳେ ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଆସ୍ପର୍ଦ୍ଧା ସମାପ୍ତ ହୋଇଯିବ।
-ଷ୍ଟିଫେନ୍ ହକିଂ

# ଅଭିଯୋଗ, ଅବହେଳା ଓ ଅସନ୍ତୋଷ

ଅନନ୍ତ ଚରଣ ସ୍ୱାଇଁ

ସମସ୍ୟା ଘେରରେ ମନୁଷ୍ୟ। ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଓ ପାରିପାର୍ଶ୍ୱିକ ସମସ୍ୟା ଅନ୍ୟତମ। ବିଭିନ୍ନ ସମସ୍ୟାର ନ୍ୟାୟୋଚିତ ସମାଧାନ ପାଇଁ ସରକାରୀ ବେସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉଛି। ଏହାସତ୍ତ୍ୱେ ଅଭିଯୋଗ ଶୁଣିବାରେ ଅବହେଳା, ଅଣଦେଖା ବା ଅଭିଯୋଗକୁ ଅବିଶ୍ୱାସ କରିବା ପରି ଅନେକ ଘଟଣା ଲୋକଲୋଚନକୁ ଆସୁଛି। ହତ୍ୟା, ଆତ୍ମହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଭ୍ରଷ୍ଟାଚାର, ବିଦ୍ରୋହ, ଠାକାମୀ ପରି ଘଟଣା ସାମାଜିକ ଗଣମାଧ୍ୟମ ଓ ସମାଚାରପତ୍ରଗୁଡ଼ିକର ପାଲଟିଛି ମୁଖ୍ୟ ବିଷୟବସ୍ତୁ। ଅସମୟରେ ଅନେକ ନିରୀହ ପ୍ରାଣ ଚାଲିଯାଉଛି। ଏଥିପାଇଁ ବଢ଼ୁଛି ଜନଅସନ୍ତୋଷ। ସାଧାରଣ ଲୋକର ଅଭିଯୋଗକୁ ପୁଲିସ ଗ୍ରହଣ ନକରିବା, ଅବହେଳା ଓ ଅଣଦେଖା କରିବା ଫଳରେ ଏହାର ପରିଣାମ ଭୟାବହ ହେଉଛି ଏବଂ ଧନଜୀବନର କ୍ଷତି ହେବା ପରେ ସରକାର କିଛିଟା ପଦକ୍ଷେପ ନେଉଛନ୍ତି।

ଘଟଣା ଘଟିବା ପୂର୍ବରୁ ସାବଧାନତା ଅବଲମ୍ବନ କରିଥିଲେ ହୁଏତ ଏପରି ଅପ୍ରୀତିକର ସ୍ଥିତି ଉପୁଜୁ ନ ଥା'ନ୍ତା। ପ୍ରଶାସନିକ ସ୍ୱେଚ୍ଛାଚାରିତା, ଅହଂକାର ଓ ମନମୁଖି କାର୍ଯ୍ୟ ଫଳରେ ସାଧାରଣ ଲୋକଟି ସେବା ପାଇପାରୁନାହିଁ। ସରକାର ଏପରି ଭ୍ରଷ୍ଟ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଘୋର ଅନ୍ୟାୟ। ଅବସର ନେବାର କିଛି ମାସ ପୂର୍ବରୁ ଭ୍ରଷ୍ଟ ଅଧିକାରୀଙ୍କ କାରନାମା ଲୋକଲୋଚନକୁ ଆସୁଛି। ରାତାରାତି ଏତେ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସମ୍ଭବ ନୁହେଁ। ଅନୈତିକ କାର୍ଯ୍ୟରେ ସେମାନେ ଅନେକ ଦିନରୁ ନିଶ୍ଚୟ ଲିପ୍ତ ଥିବେ। ଭ୍ରଷ୍ଟ କାରନାମା ପ୍ରଥମରୁ ଧରା ପଡ଼ିଥିଲେ ହୁଏତ ଏତେ ପର୍ଯ୍ୟନ୍ତ କଥା ଯାଇ ନ ଥା'ନ୍ତା।

କେତେକ ସ୍ଥାନରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା, ମାଡ଼ ମାରିବା ଘଟଣା ସାମନାକୁ ଆସୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏପରି ସ୍ଥଳେ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ କରାଗଲେ ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ହେବ ନାହିଁ। ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ବଦ୍ଧପରିକର। ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରେ ଅଧିକ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକାରିତା ଓ ପରିବେଶର ସ୍ୱଚ୍ଛତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏତେସବୁ ସୁବିଧା ସତ୍ତ୍ୱେ କେତେକ ଜାଗାରେ ରୋଗୀ ସେବାରେ ଚରମ ଅବହେଳା, ଭୁଲ ଔଷଧ ଜନିତ ରୋଗୀମୃତ୍ୟୁ, ଡାକ୍ତରଙ୍କ ଭୁଲ ଚିକିତ୍ସା ଭଳି ଖବର ସମାଚାରପତ୍ର ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ସବୁଠୁ ଦୁଃଖର ବିଷୟ ହେଉଛି କାର୍ଯ୍ୟରତ ଡାକ୍ତରଙ୍କ ଉପରେ ହେଉଥିବା ଅମାନୁଷିକ ଆକ୍ରମଣ। ରୋଗୀର ଆତ୍ମୀୟମାନଙ୍କ ଦୁର୍ବ୍ୟବହାର ଡାକ୍ତରମାନଙ୍କ ପ୍ରତି ବୃଦ୍ଧି ପାଉଛି। ଫଳରେ କାର୍ଯ୍ୟରତ ଡାକ୍ତର ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏକପ୍ରକାର ଭୟର ବାତାବରଣ ମଧ୍ୟରେ କରୁଛନ୍ତି ରୋଗୀ ସେବା। ଅନେକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ଗାଳିଗୁଲଜ କରିବା, ଡାକ୍ତରଙ୍କୁ ଦୁର୍ବ୍ୟବହାର ଏକ ନିତିଦିନିଆ ଅଭ୍ୟାସରେ ପଡ଼ିଗଲାଣି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ବୃଦ୍ଧି ପାଉଥିବା ଅପ୍ରୀତିକର ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଦରକାର। ଚିକିତ୍ସାରେ ଅବହଳା ଥିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସେବାରେ ଅବହେଳାର ଅଭିଯୋଗ ଆସିଲେ ସ୍ୱାସ୍ଥ୍ୟକେନ୍ଦ୍ରର ଉଚ୍ଚାଧିକାରୀ କିମ୍ବା ଜିଲ୍ଲାସ୍ତରୀୟ ଅଧିକାରୀ ବିଧିବଦ୍ଧ ଅନୁସନ୍ଧାନ କରି ସେମାନଙ୍କ ମନ୍ତବ୍ୟ ଅନୁସାରେ ଭୁଲ୍ କରିଥିବା ଡାକ୍ତରଙ୍କୁ ତାଗିଦ କିମ୍ବା ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ହେବା ଆବଶ୍ୟକ। ଭୁଲ ଔଷଧ ପାଇଁ ରୋଗୀର ମୃତ୍ୟୁ ହେବା ଭଳି ଅଭିଯୋଗ ଥିଲେ ଏପରି ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଦରକାର।

କୌଣସି ଅଭିଯୋଗର ସତ୍ୟାସତ୍ୟ ନ ଜାଣି, ଆଇନ ଶୃଙ୍ଖଳା ନିଜ ହାତକୁ ନେବା, ସ୍ୱାସ୍ଥ୍ୟକେନ୍ଦ୍ରର ଆସବାବପତ୍ର ଭଙ୍ଗାରୁଜା କରିବା ଏବଂ କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ନିନ୍ଦନୀୟ।

ଏବେ ଅନଲାଇନରେ ଅଭିଯୋଗ ପଞ୍ଜିକରଣର ସୁବିଧା ଉପଲବ୍ଧ ସତ୍ତ୍ୱେ ଅଭିଯୋଗ ସମାଧାନରେ ନିୟୋଜିତ ଅଧିକାରୀଙ୍କ ଅବହେଳା ଯୋଗୁଁ ମାସ ମାସ ପରେ ମଧ୍ୟ ଅଭିଯୋଗ ଅସମାଧିତ ରହୁଛି। ଅଭିଯୋଗ ଆବେଦନ ଓ ସମାଧାନର ସମୀକ୍ଷା ହେଉ ନାହିଁ। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗ ଯାହା ହେଉନା କାହିଁକି, ସେଥିପ୍ରତି ଧ୍ୟାନ ଦେବା ଦରକାର।

ଏକ କାର କମ୍ପାନୀର ଗ୍ରାହକ ସେବା ଟିମ୍‌ଙ୍କୁ ଥରେ ଏକ ଅଜବ ଅଭିଯୋଗ ମିଳିଲା। ଜଣେ ଗ୍ରାହକ ଲେଖିଥିଲେ ଯେ ସେ କିଣିଥିବା ନୂଆ କାରଟି ଅସ୍ୱାଭାବିକ ବ୍ୟବହାର କରୁଛି। ତାଙ୍କ ପରିବାରରେ ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଖାଇବାର ଏକ ନିୟମ ଥିଲା। ପରିବାର ସଦସ୍ୟମାନେ ଫ୍ଲେଭର୍ ବାଛିବା ପରେ ସେ କାରରେ ଯାଇ ଆଇସ୍କ୍ରିମ୍ ଆଣୁଥିଲେ। କିନ୍ତୁ ନୂଆ କାର ଆସିବା ପରଠାରୁ ଭାନିଲା ଆଇସ୍କ୍ରିମ୍ କିଣିବା ପରେ କାର୍ ଷ୍ଟାର୍ଟ ହୁଏନାହିଁ। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହୋଇଯାଏ। କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏହି ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଜଣେ ଦକ୍ଷ ଇଞ୍ଜିନିୟରଙ୍କୁ ତଦନ୍ତ ପାଇଁ ପଠାଇଲେ। ଇଞ୍ଜିନିୟର ସେହି ବ୍ୟକ୍ତିଙ୍କୁ ଭେଟି ରାତ୍ରି ଖାଦ୍ୟ ପରେ ଆଇସ୍କ୍ରିମ୍ ଦୋକାନକୁ ଯିବାର ଯୋଜନା କଲେ। ପ୍ରଥମ ରାତ୍ରି ସେମାନେ ଭାନିଲା ଆଇସ୍କ୍ରିମ୍ କିଣିଲେ। ଆଇସ୍କ୍ରିମ କିଣିବା ପରେ ଗାଡ଼ିଟି ଷ୍ଟାର୍ଟ ହେଲା ନାହିଁ। ଇଞ୍ଜିନିୟର ଅବହେଳା ନ କରି ଆଉ ତିନି ରାତ୍ରି ଯାଏଁ ପରୀକ୍ଷା କଲେ। ପ୍ରତ୍ୟେକ ଥର ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ କାର୍ ଚାଲୁ ନ ଥିବା ଦେଖିଲେ। ପଞ୍ଚମ ଦିନ ସେମାନେ ଚକଲେଟ୍ ଆଇସ୍କ୍ରିମ କିଣିଲେ। କିଣିବା ପରେ ଗାଡ଼ି ତୁରନ୍ତ ଷ୍ଟାର୍ଟ ହୋଇଗଲା। ଇଞ୍ଜିନିୟର ଆଇସ୍କ୍ରିମ୍ କିଣିବାରେ ଲାଗୁଥିବା ସମୟ, ଇନ୍ଧନ ପ୍ରକାର, ଯାତାୟାତ ସମୟ ଆଦି ଉପରେ ନୋଟ୍ ନେବା ଆରମ୍ଭ କଲେ। ତାଙ୍କୁ ଜଣାପଡ଼ିଲା ଯେ ଭାନିଲା ଆଇସ୍କ୍ରିମ୍ କିଣିବାରେ ସମୟ କମ୍ ଲାଗୁଥିଲା। କାରଣ ଏହା ସବୁଠାରୁ ଲୋକପ୍ରିୟ ଫ୍ଲେଭର୍ ହୋଇଥିବାରୁ ଦୋକାନର ସାମନାରେ ରଖାଯାଇଥାଏ। ଅନ୍ୟ ଫ୍ଲେଭର୍ ଆଇସ୍କ୍ରିମକୁ ପ୍ରସ୍ତୁତ କରି ଗ୍ରାହକକୁ ଦେବାକୁ ପଡୁଥିବାରୁ ଅପେକ୍ଷାକୃତ ଅଧିକ ସମୟ ଲାଗେ।


ଏହାପରେ ଇଞ୍ଜିନିୟର ସମସ୍ୟାର ମୂଳ କାରଣ ଖୋଜିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ଏହା 'ଭେପର୍ ଲକ୍' ଜନିତ ସମସ୍ୟା। କାର୍ ଇଞ୍ଜିନ୍ ଅତ୍ୟଧିକ ଗରମ ହୋଇ ଇଞ୍ଜିନ ଭିତରେ ସୃଷ୍ଟି ହେଉଥିଲା ଏକ ପ୍ରକାର ଗ୍ୟାସ। ଇଞ୍ଜିନରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେବା ପରେ ଗାଡ଼ିଟି ଷ୍ଟାର୍ଟ ହେଉଥିଲା। ଭାନିଲା ଆଇସ୍କ୍ରିମ୍ କିଣିବା ସମୟରେ ଶୀଘ୍ର ଫେରିବା ଯୋଗୁଁ ଇଞ୍ଜିନ୍‌ରୁ ଗ୍ୟାସ ସମ୍ପୂର୍ଣ୍ଣ ନିର୍ଗତ ହେଉନଥିଲା ଏବଂ ଗାଡ଼ିଟି ଷ୍ଟାର୍ଟ ହେଉ ନ ଥିଲା। ଅନ୍ୟ ଫ୍ଲେଭରର ଆଇସ୍କ୍ରିମ କିଣିବାକୁ ଅପେକ୍ଷାକୃତ ଅଧିକ ସମୟ ଲାଗୁଥିଲା। ଆଇସ୍କ୍ରିମ କିଣି ଫେରିଲା ବେଳକୁ ଇଞ୍ଜିନରୁ ଗ୍ୟାସ ବାହାରିଯାଉଥିବାରୁ କାର୍‌ଟି ଷ୍ଟାର୍ଟ ହେବାରେ ସମସ୍ୟା ରହୁ ନ ଥିଲା।

ଏହି ଗଳ୍ପରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳେ। ସମସ୍ୟାକୁ ଅବହେଳା, ଅଣଦେଖା ଓ ଅବିଶ୍ୱାସ ନକରି ଏହାକୁ ଗମ୍ଭୀରତାର ସହ ନେଲେ ସମାଧାନର ରାସ୍ତା ବାହାରି ପାରିବ। ଉଭୟ ଅଭିଯୋଗକାରୀ ଓ ଅଭିଯୋଗ ଗ୍ରହଣକାରୀ ପରସ୍ପରକୁ ସହଯୋଗ କରିବା, ଅନଲାଇନ ଅଭିଯୋଗ ପଞ୍ଜିକରଣ ଉପରେ ଗୁରୁତ୍ୱ, ଅଭିଯୋଗ ସମାଧାନର ନିର୍ଦ୍ଦିଷ୍ଟ ସମୟ ସୀମା ଏବଂ ଅଧିକାରୀସ୍ତରରେ ଅଭିଯୋଗ ଗ୍ରହଣ କରିବାର ଇଚ୍ଛୁକତା ଆବଶ୍ୟକ। ଅଭିଯୋଗ ନାଁରେ ଆଇନଶୃଙ୍ଖଳାକୁ ହାତକୁ ନେଲେ ସମସ୍ୟା ସମାଧାନ ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି କରିବ।

ଚାନ୍ଦୋଳ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭

# ଈଶ୍ୱର ଦୁଃଖ ଦିଅନ୍ତି?

ପ୍ରବୀର କୁମାର ସାହୁ



ଈଶ୍ୱର କ'ଣ ସତରେ ଅଛନ୍ତି? ଯଦି ଅଛନ୍ତି ତେବେ ଏତେ ଦୁଃଖ ମଣିଷ ପାଏ କେମିତି? ଏଇମିତି ପ୍ରଶ୍ନ ଦୁନିଆର ଅନେକ ଲୋକଙ୍କ ମନରେ। ଈଶ୍ୱରଙ୍କ ସତ୍ତା ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ମଣିଷର ଅକାଟ ବିଶ୍ୱାସ ଯେ ଈଶ୍ୱର ଅଛନ୍ତି। ହଁ ଈଶ୍ୱର ସତରେ ଅଛନ୍ତି। ପ୍ରତ୍ୟେକ ମଣିଷଙ୍କ ପାଖରେ ଅଛନ୍ତି। ସର୍ବୋପରି ସର୍ବତ୍ର ବିଦ୍ୟମାନ। ଦୁଃଖ ଭୋଗୁଥିବା ଲୋକର କେବଳ ଗୋଟିଏ ହିଁ ବିଶ୍ୱାସ ଯେ ଈଶ୍ୱର ଦିନେ ନା ଦିନେ ସବୁକିଛି ଠିକ୍ କରିଦେବେ। ସେଇ ଅପେକ୍ଷାରେ ହିଁ ତ ମଣିଷ ବଞ୍ଚେ।

ଈଶ୍ୱର ଏକ ବିଶ୍ୱାସ। ପୁଣି କେତେବେଳେ ଦୁର୍ବଳର ସାହସ। କେହି ଜଣେ ସବୁବେଳେ ଠିକ୍ କରିବାକୁ ଅଛି - ଏହି ବିଶ୍ୱାସ ନେଇ ତ ମଣିଷ କର୍ମ କରି ଚାଲେ। ଦୁଃଖରୁ ସୁଖ ଆଡ଼କୁ ଏବଂ ଯନ୍ତ୍ରଣାରୁ ଉପଶମ ଆଡ଼କୁ ଯିବାକୁ ହେଲେ ବାସ୍ କେବଳ ଆମକୁ ସାହସର ସହିତ ପାଦ ବଢ଼େଇବାର ଅଛି। କେହି ଜଣେ ଉପରେ ଥାଇ ନଜର ରଖୁଛି। ତାଙ୍କରି ଭରସାରେ ଧୈର୍ଯ୍ୟ ରଖିବାକୁ ପଡ଼ିବ। ଏଠି ମନକୁ ପ୍ରଶ୍ନ ଆସିପାରେ ଈଶ୍ୱର ଆମ ଭୁଲକୁ ସଂଶୋଧନ କରନ୍ତି କେମିତି? ଏହାର ଉତ୍ତର ହେଉଛି କେବେ କେବେ ଦଣ୍ଡ ସାହାଯ୍ୟରେ ପୁଣି କେବେ ପ୍ରାୟଶ୍ଚିତରେ। କୌଣସି ଭୁଲର ସଂଶୋଧନ, ପ୍ରାୟଶ୍ଚିତ ଛଡ଼ା ଆଉ କିଛି ଅଧିକ ହେଇ ପାରେନି। ଈଶ୍ୱର ଅଛନ୍ତି।

ସବୁବେଳେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ କରୁଥିବା ବ୍ୟକ୍ତିମାନଙ୍କ ମତରେ ଈଶ୍ୱର ନିରର୍ଥକ। ମଣିଷ ନିଜ ଜୀବନକୁ ଶେଷ ଯାଏଁ ବହନ କରିବାରେ କ୍ଷମତା ରଖେ। ପ୍ରକୃତରେ ଈଶ୍ୱରଙ୍କ ଉପସ୍ଥିତି ଆମ ନିକଟରେ ଶୂନ୍ୟ। ଆମ ଚେଷ୍ଟା କଲେ ବି ତାଙ୍କ ଉପସ୍ଥିତିକୁ ପ୍ରମାଣ କରି ପାରିବା ନାହିଁ। କିନ୍ତୁ ଈଶ୍ୱର ଅଛନ୍ତି ସବୁବେଳେ ପ୍ରତ୍ୟେକ ବ୍ୟକ୍ତିର ଅତି ନିକଟରେ। ହୃଦୟର କେଉଁ ଗୋଟେ କୋଣରେ, ଅଳ୍ପ ଟିକେ ଭରସା ହୋଇ। ମଣିଷ ତାହାର ନିଜ ଜୀବନକୁ ଭୋଗିବାକୁ ହିଁ ପଡ଼ିବ। ଜୀବନ ଜିଇଁବା ବାଟରେ ଉଭୟ ଫୁଲ ଆଉ କଣ୍ଟା ଆସିବ। ଅସଂଖ୍ୟ ଭୁଲ ଆଉ ଠିକ୍ ଦେଇ ଯିବାକୁ ପଡ଼ିବ। ସେଥିପାଇଁ ଈଶ୍ୱର ହିଁ ସଦାକାଳ ମଣିଷର ଗୁରୁ। ପ୍ରତ୍ୟେକ ମଣିଷର ଭୁଲକୁ ସଂଶୋଧନ କରିବାର ଦାୟିତ୍ୱ ଈଶ୍ୱର ବହନ କରନ୍ତି।

ଈଶ୍ୱର ପ୍ରତ୍ୟେକ ମଣିଷକୁ ସାହାଯ୍ୟ କରନ୍ତି। ତଥାପି ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବା ସହଜ ନୁହେଁ କ'ଣ ପାଇଁ? ସତରେ ସହଜ ନୁହେଁ। ଈଶ୍ୱରଙ୍କ ସାନ୍ନିଧ୍ୟ ହେଉ ଅଥବା ଈଶ୍ୱରଙ୍କ ଦର୍ଶନ, ସାଧାରଣ ବ୍ୟକ୍ତି ପାଖରେ ସହଜ ନୁହେଁ। ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ପ୍ରତ୍ୟେକ ମଣିଷକୁ ମନୁଷ୍ୟଗତ ଦୋଷ ଦୁର୍ବଳତାକୁ ଛାଡ଼ିବା ପାଇଁ ପଡ଼ିବ। ଭୋଗିବାକୁ ପଡ଼ିବ ଏକ ଶୂନ୍ୟଜୀବନ। ଯେଉଁ ଜୀବନରେ ଥିବ ମାତ୍ର ଏକମାତ୍ର ଲକ୍ଷ୍ୟ - ଈଶ୍ୱରପ୍ରାପ୍ତି। ତେବେ ଯାଇ ଭେଟ ହେବେ ଈଶ୍ୱର। ଏକ ନୂତନ ଉର୍ଜା ଭାବରେ, ନୂଆ ଏକ ଆତ୍ମଜ୍ଞାନ ଭାବରେ। ସଂସାରରେ ଈଶ୍ୱରଙ୍କ ଭେଟ ପାଇଁ ଅନେକ ପ୍ରୟାସ। ପୂଜା, ଯଜ୍ଞ, କର୍ମ ଇତ୍ୟାଦି କେତେ କେତେ ବୈଦିକ କର୍ମ। ପୁଣି ଶହଶହ ବର୍ଷର ତପସ୍ୟା। ତଥାପି ଈଶ୍ୱର ଅପହଞ୍ଚ।

ଏବେ ଫେରିବି ମୋର ସେଇ ପ୍ରଥମ ପ୍ରଶ୍ନ ଆଡ଼କୁ। ଈଶ୍ୱର କ'ଣ ସତରେ ଦୁଃଖ ଦିଅନ୍ତି? ହଁ ଦିଅନ୍ତି। ଦୁଃଖର ଅର୍ଥ ମଣିଷକୁ ନୂଆ ଶିଖିବାକୁ ପଡ଼ିବ। ଧୈର୍ଯ୍ୟ, ସାହସ ସହ ସର୍ବୋପରି ଜୀବନ ବଞ୍ଚିବାର ରାହା ହିଁ ଦୁଃଖ ଦ୍ୱାରା ଶିଖେ ମଣିଷ। ଏ ସମୟ ବି ଦିନେ ଚାଲିଯିବ। ତେଣୁ କୌଣସି ଦୁଃଖ ସବୁଦିନ ପାଇଁ ନୁହେଁ। ଏହା କେବଳ ପ୍ରତ୍ୟେକ ମଣିଷ ପାଇଁ ଶିଖିବାର ଉପଯୁକ୍ତ ସମୟ। ଯେପରି ନୂଆକିଛି ପ୍ରଥମ ଥର ପାଇଁ ଶିଖିଲେ ଆମକୁ କଷ୍ଟ ଲାଗେ ଏବଂ ଥରେ ଶିଖିଗଲା ପରେ କଷ୍ଟ କାମ ବି ଆମକୁ ସହଜ ଲାଗେ। ଦୁଃଖ ହିଁ ସେମିତି। ଜୀବନକୁ ଶିଖିବାର ଅନ୍ୟ ଏକ ପାହାଚ। ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଆଶ୍ୱାସନାର ବିଷୟ ହେଉଛି, ଦୁଃଖ ଖୁବ୍ ଶୀଘ୍ର ସରିବାକୁ ଯାଉଛି। ଯେମିତି ପାଠ ସରିଲେ, ନୂଆ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ଠିକ୍ ସେମିତି ସୁଖର ସମୟ ପାଖେଇ ଆସୁଛି। ଈଶ୍ୱରଙ୍କ କରୁଣା ପୃଥିବୀର ସବୁଜୀବଙ୍କ ପାଇଁ ସମାନ ରୂପରେ ଅଛି। ତେଣୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଜୀବନର ପ୍ରତ୍ୟେକ ଯୁଦ୍ଧରେ ଆଗକୁ ବଢ଼ିବାର ଆକାଂକ୍ଷା ରଖିବା ଉଚିତ୍।

କଣିପାଳ(କେନ୍ଦ୍ରାପଡ଼ା), ମୋ: ୯୮୬୨୦୬୮୪୫୬

# ବୁଢ଼ିଆଣୀ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମାଲାୟାଲାମ୍ କ୍ୟାଲେଣ୍ଡର୍‌ର ବୃଶ୍ଚିକ ମାସ ଅନୁସାରେ ମନ୍ଦିରରେ ପ୍ରତିବର୍ଷ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏଠାକାର ଚିକିତ୍ସା ପଦ୍ଧତି ମଧ୍ୟ ଭିନ୍ନ। ପ୍ରଥମେ ରୋଗୀମାନେ ସ୍ନାନ କରିଥା'ନ୍ତି। ଏହାପରେ ସେମାନେ ଦେବୀଙ୍କୁ ନୈବେଦ୍ୟ ଭାବେ ମୁଢ଼ି ଅର୍ପଣ କରନ୍ତି। ଏହାକୁ 'ମଲାର୍' କୁହାଯାଏ। 'ମଲାର୍'ରୁ ପ୍ରାପ୍ତ ଭସ୍ମକୁ ରୋଗୀମାନେ ନିଜ ଶରୀରରେ ମର୍ଦ୍ଦନ କରିବା ସହିତ ମନ୍ଦିର ଭିତରେ ଥିବା କୂଅର ଜଳ ପାନ କରିଥା'ନ୍ତି। ଏହି କୂଅକୁ 'ଚିଳଂଥିକିନାର' ବୋଲି କୁହାଯାଉଛି। ଲଗାତାର ତିନି ଦିନ ଏଭଳି କରିବା ଦ୍ୱାରା ବୁଢ଼ିଆଣୀ ବିଷ ଦ୍ୱାରା ହୋଇଥିବା ଚର୍ମରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ। ଅନ୍ୟ କୀଟର ବିଷ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବା ରୋଗୀଙ୍କୁ ଏହି ପଦ୍ଧତି ସାତ ଦିନ ପର୍ଯ୍ୟନ୍ତ ପାଳନ କରିବାକୁ ହୋଇଥାଏ।

ବୁଢ଼ିଆଣୀ ପୂଜା କରାଯାଉଥିବା ଅନ୍ୟ ଗୋଟିଏ ମନ୍ଦିର ହେଉଛି ଶ୍ରୀକାଳହସ୍ତୀ ମନ୍ଦିର, ଯାହାକି ଆନ୍ଧ୍ରପ୍ରଦେଶର ଚିତ୍ତୁର୍ ଜିଲ୍ଲାରେ ଅଛି। ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହାକୁ 'ଦକ୍ଷିଣକୈଳାସ' ଓ 'ଦକ୍ଷିଣକାଶୀ' ବୋଲି ମଧ୍ୟ କୁହାଯାଏ। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବାୟୁତତ୍ତ୍ୱର କାରକ ଅଟନ୍ତି। ଏହି ମନ୍ଦିରରେ 'ଶ୍ରୀ' ନାମକ ବୁଢ଼ିଆଣୀ, 'କାଳ' ନାମକ ସର୍ପ ଓ ଏକ 'ହସ୍ତୀ' ଶିବଙ୍କର ପୂଜାର୍ଚ୍ଚନା କରି ମୋକ୍ଷ ପ୍ରାପ୍ତି କରିଥିଲେ। ତେଣୁ ଏହି ମନ୍ଦିରର ନାମକରଣ 'ଶ୍ରୀକାଳହସ୍ତୀ' ମନ୍ଦିର ହୋଇଛି। ମନ୍ଦିରରେ ଏହି ତିନିଟି ପ୍ରାଣୀଙ୍କର ମୂର୍ତ୍ତି ମଧ୍ୟ ସ୍ଥାପନା କରାଯାଇଛି। ଏଠାରେ ଭକ୍ତମାନେ ମୋକ୍ଷ କାମନା କରି ବୁଢ଼ିଆଣୀକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ଶିବ ପୁରାଣ, ଲିଙ୍ଗ ପୁରାଣ ଓ ସ୍କନ୍ଦ ପୁରାଣରେ ମଧ୍ୟ ଏହି ମନ୍ଦିରର ବର୍ଣ୍ଣନା ରହିଛି। ବିଶ୍ୱାସ କରାଯାଏ ଯେ, ଏହି ମନ୍ଦିରରେ ଭକ୍ତି ଓ ଶ୍ରଦ୍ଧାର ସହିତ ବୁଢ଼ିଆଣୀ, ସର୍ପ ଓ ହାତୀଙ୍କୁ ବିଶେଷ ପୂଜାର୍ଚ୍ଚନା କଲେ ମହାଦେବଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ।

ଉପରୋକ୍ତ ଦୁଇଟି ମନ୍ଦିରରେ ବୁଢ଼ିଆଣୀ ପୂଜା ପାଉଥିବାବେଳେ ଉତ୍ତର ପ୍ରଦେଶର ସୁଲତାନପୁରରେ 'ବୁଢ଼ିଆଣୀ କୁଣ୍ଡ' ନାମକ ଏକ ବହୁ ପୁରାତନ କୂଅ ରହିଛି। ଏହି କୁଣ୍ଡର ଜଳ ଅତ୍ୟନ୍ତ ପବିତ୍ର ଏବଂ ରୋଗ ନାଶକାରୀ ବୋଲି ବିଶ୍ୱାସ ରହିଛି। ଜନଶ୍ରୁତି ଅନୁଯାୟୀ ଭକ୍ତଶ୍ରେଷ୍ଠ ହନୁମାନ ସଞ୍ଜୀବନୀ ବୁଟି ଆଣିବାକୁ ଯିବା ସମୟରେ କିଛି ସମୟ ଏହି ସ୍ଥାନରେ ବିଶ୍ରାମ ନେଇଥିଲେ। ହନୁମାନଙ୍କ ପ୍ରାଣ ହରଣ କରିବା ପାଇଁ ରାବଣ କାଳନେମୀ ନାମକ ରାକ୍ଷସକୁ ପଠାଇଥିଲେ। କାଳନେମୀ ଛଦ୍ମବେଶରେ ହନୁମାନଙ୍କୁ ବଧ କରିବାକୁ ଆସିଥିଲେ। ଏ ସମସ୍ତ ଘଟଣା ପ୍ରତି ଅଜ୍ଞ ହନୁମାନ ବିଶ୍ରାମ ସାରି ସ୍ନାନ ପାଇଁ ନିକଟସ୍ଥ କୂଅରୁ ପାଣି ବାହାର କରିବାକୁ ଯିବା ସମୟରେ କୂଅ ଭିତରୁ ଗୋଟିଏ ବୁଢ଼ିଆଣୀ ବାହାରି ଆସି ହନୁମାନଙ୍କ କାନରେ ଦୁଷ୍ଟ ଦାନବ କାଳନେମୀ ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ହନୁମାନ କାଳନେମୀକୁ ବଧ କରିଥିଲେ। ଏହାପରେ ହନୁମାନ ଉକ୍ତ କୂଅର ଜଳରେ ସ୍ନାନ ସାରି ଲକ୍ଷ୍ୟପଥରେ ଅଗ୍ରସର ହୋଇଥିଲେ।

ସେହିଦିନଠାରୁ ଉକ୍ତ କୂଅକୁ 'ବୁଢ଼ିଆଣୀ କୁଣ୍ଡ' ବୋଲି କୁହାଗଲା। ସେହିସ୍ଥାନରେ ହନୁମାନଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ହନୁମାନଙ୍କ ମନ୍ଦିରକୁ ଯିବା ପୂର୍ବରୁ ଶ୍ରଦ୍ଧାଳୁମାନେ କୂଅର ପାଣିରେ ଗୋଡ଼ହାତ ଧୋଇଥା'ନ୍ତି ଏବଂ ମୁଣ୍ଡରେ ସିଞ୍ଚନ କରିଥା'ନ୍ତି। ବିଶ୍ୱାସ ରହିଛି ଏଭଳି କରିବା ଦ୍ୱାରା ହନୁମାନଙ୍କର ବିଶେଷ କୃପା ପ୍ରାପ୍ତ ହୋଇଥାଏ। ଏହି ମନ୍ଦିରରେ ପୂଜା ପାଉଥିବା ହନୁମାନଙ୍କ ଗୋଟିଏ ଗୋଡ଼ ପାତାଳପୁର ପର୍ଯ୍ୟନ୍ତ ରହିଛି ବୋଲି ବିଶ୍ୱାସ କରାଯାଏ। କାରଣ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୦୦ ଫୁଟ ତଳକୁ ଖୋଳିବା ପରେ ମଧ୍ୟ ହନୁମାନଙ୍କ ପାଦ ଦେଖିବାକୁ ମିଳିନଥିଲା। ତେଣୁ ଖନନ କାର୍ଯ୍ୟ ବନ୍ଦନ କରାଯାଇଛି ଏବଂ ପ୍ରତ୍ୟକ୍ଷ ଦେବତା ଭାବେ ଏହି ମନ୍ଦିରର ଖ୍ୟାତି ରହିଛି। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଟିପିସିଓଡିଏଲ୍‌ର ଅତିରିକ୍ତ ସୁରକ୍ଷା ଜମା ନୋଟିସ

# ବିଜୁ ଯୁବ-ଛାତ୍ର ଜନତା ଦଳର ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୧୮।୧୨ (ସମିସ): ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରିଛନ୍ତି, ତାହା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଦୃଢ଼ ଦାବି ଉପସ୍ଥାପନ କରିବା ସହିତ ରାଜରାସ୍ତାରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରିଛି।

ଗୁରୁବାର ଭୁବନେଶ୍ୱର ପାୱାର ହାଉସ ଛକସ୍ଥିତ ଟିପିସିଓଡିଏଲ୍ ଅଫିସ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କଠାରୁ ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହିତ ଫେରାଇବା ପାଇଁ ବିଜେଡି ଦାବି କରିଛି। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବା ଉପରେ ବିଜେଡି ଜୋର୍ ଦେଇଛି। ମଧ୍ୟ ଅଧିକ ରହିଛି। ବହୁ ଉପଭୋକ୍ତାଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା, ଏହାକୁ ଟାଟା ପାୱାର ପକ୍ଷରୁ ଜୋର୍‌ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି, ଯାହା




ସରବରାହଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ଶୁଳ୍କ ବହନ କରିବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହଜନିତ କ୍ଷତି ଜାତୀୟ ହାରଠାରୁ ଠିକ୍ ନୁହେଁ। ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତାମାନଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନହେଲେ ବିଜେଡି ଟାଟା ପାୱାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।

ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ

- ଅତିରିକ୍ତ ସୁରକ୍ଷା ଜମା ନୋଟିସ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗା ବନ୍ଦ ଦାବି
- ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କରାଯାଉ

ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ଅବନୀ ଯୋଶୀ, ଅମରେଶ ପତ୍ରୀ, ଅମରଜିତ୍ ସେନାପତି, ସୋଫିଆ ଆଲାମ, ଧ୍ରୁତି ମାର୍ଥା, ତନ୍ମୟ ସ୍ୱାଇଁ, ଜ୍ୟୋତି ରଞ୍ଜନ ଜେନା, ମିହିର ରାଉତ, ନାରାୟଣ ଜେନା, ତ୍ରମ୍ବନାଥ ପଣ୍ଡା, ମିହିର ରାୟ, ଏସ୍.କେ ଅମିର ମହମ୍ମଦ, ବିଜୟ କେତନ ସାହୁ, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ସଂଜିତ୍ ମହାନ୍ତି, ମନୋଜ ସେନାପତି, ସୌମ୍ୟରଞ୍ଜନ ତ୍ରିପାଠୀ, ମନୋଜ ମହାନ୍ତି, ଜଗମୋହନ ବଳିଆରସିଂହ, ବିଶ୍ୱ ରଞ୍ଜନ ଭୂୟାଁ, ଜ୍ଞାନରଞ୍ଜନ ମାନସିଂହ, ତାରିଣୀ ପ୍ରସାଦ ନାୟକ, ସ୍ମୃତି ରଂଜନ ପଟ୍ଟନାୟକ, ରଶ୍ମି ରଞ୍ଜନ ଦାସ, ଚିନ୍ମୟ ପ୍ରଧାନ, ପୃଥ୍ୱୀରାଜ ପଣ୍ଡା, ଦୀପକ ବେହେରା, ସୁଦୀପ୍ତ କେଶରୀ ସାମଲ, ସ୍ୱଦେଶ ରଂଜନ ସିଂ, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୋନାଲୀ ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ମଧୁସ୍ମିତା ପରିଡ଼ା, ବିକାଶ ସାହୁ, ପ୍ରଦୀପ୍ତ ବିଶ୍ୱାଳ, ସୁକାନ୍ତ କୁମାର ରାୟ, ଫାତିମା ଖାତୁନ୍, ରକି ଦାସ, ସୁଜିତ୍ ପାଲଟା ସିଂହ, ଦେବସ୍ମିତା ଦାସ, ସ୍ନେହାଶିଷ ଜେନା, ଅଶୋକ ନାୟକ, ଅମିତ୍ ଜେନା, ତବ୍ରେଜ୍ ଖାଁ, ସୌମ୍ୟ ରଂଜନ ମହାପାତ୍ର, ଅସ୍ମିତ୍ ଦାସ, ସମିମ୍ ଅଖତର୍, ବିଜୟଲକ୍ଷ୍ମୀ ଦାଶ, ଏସ.କେ ନୱାଜ୍, ସଚ୍ଚିକାନ୍ତ ସାହୁ, ସିପୁଲ୍ ସ୍ୱାଇଁ, ପ୍ରଦ୍ୟୁମ୍ନ ମହାନ୍ତି, ଶଙ୍କର ମଲ୍ଲିକ, ଦୀପକ ମହାପାତ୍ର ଓ ଆଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

# ଜଷ୍ଟିସ ସଂଗମ ସାହୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି



କଟକ, ୧୮।୧୨ (ସମିସ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ପାଟନା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହେବେ। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ଜଷ୍ଟିସ ସାହୁଙ୍କ ନାମ ସୁପାରିସ କରିଛି। ୧୯୬୪ ମସିହା ଜୁନ୍ ୫ ତାରିଖରେ କଟକରେ ଜନ୍ମିତ ଜଷ୍ଟିସ ସାହୁ କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ୍ ଶିକ୍ଷା ଶେଷ ପରେ ଷ୍ଟିୱାର୍ଟ ସାଇନ୍ସ କଲେଜରୁ ସ୍ନାତକ ବିଜ୍ଞାନ ଶିକ୍ଷା ସମାପ୍ତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। ସେହିଭଳି କଟକର ଦି ଲ' କଲେଜରୁ ଏଲଏଲବି ଶିକ୍ଷା ଶେଷ କରିବା ପରେ ୧୯୮୯ ନଭେମ୍ବର ୨୬ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଓକିଲ ଭାବେ ପଞ୍ଜୀକରଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ସମେତ ଡ. ମନୋରଂଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓକିଲାତି ପ୍ରାକ୍ଟିସ କରିଥିଲେ। ଫୌଜଦାରୀ ଆଇନ ଓ ଚାକିରି ସମ୍ପର୍କିତ ମାମଲାଗୁଡ଼ିକୁ ସେ ଜିଲ୍ଲା କୋର୍ଟ, ହାଇକୋର୍ଟ, ଖାଉଟି ଫୋରମ୍, ସ୍ୟାଟ, କ୍ୟାଟ୍‌ରେ ଦକ୍ଷତାର ସହ ପରିଚାଳନା କରିଥିଲେ। ଗତ ୨୦୧୪ ଜୁଲାଇ ୨ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ପ୍ରକାଶଥାଉକି ସୁପ୍ରିମକୋର୍ଟ କଲେଜିୟମର ସୁପାରିସ ପରେ ରାଷ୍ଟ୍ରପତି ଅନୁମୋଦନ କରିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିଯୁକ୍ତି ସମ୍ପର୍କିତ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରିବ।

ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଗତ ୨୦୨୪ ଜୁଲାଇ ୫ରେ ଓଡ଼ିଶା ହାଇକୋର୍ଟରୁ ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।

# ଆଉ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

କୋକସରା, ୧୮।୧୨(ସମିସ): କଳାହାଣ୍ଡି ଜିଲ୍ଲା ଦଣ୍ଡପାଟ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ବିଶାଖାପାଟଣାରେ ମୃତ୍ୟୁ ହୋଇଛି। ମୃତ ଶ୍ରମିକ କୋକସରା ବ୍ଲକ୍ ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ଅନିଲ ସାଗର (୪୦)। ସେ ବିଶାଖାପାଟଣାର ହେଟ୍ରୋ କମ୍ପାନୀରେ କାମ କରୁଥିଲେ। ତେବେ କାମ କରୁଥିବା ସମୟରେ ହଠାତ୍ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କର ମୃତଦେହ ନିଜ ଭିଟାମାଟିକୁ ଫେରୁଥିବା ବେଳେ ମିର୍ଜାପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହେଉଛି।



## ଅବଶିଷ୍ଟାଂଶ

### ଜି-ରାମ-ଜି ବିଲ୍‌କୁ...

କରୁଛି। ମୋଦୀ ସରକାର ମନଇଚ୍ଛା ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନରେ ଲାଗିଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଶିବରାଜ ସିଂହ କହିଥିଲେ ଯେ ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହରୁଙ୍କ ନାମରେ ଏବେ ବି ଅନେକ ଯୋଜନା ରହିଛି। ତେବେ ବିରୋଧୀ ଦଳ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ସେମାନେ ଏହାର ପ୍ରତିବାଦ ଜଣାଇ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ସହିତ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଏହି ବିଲର କପି ଚିରିବା ସହିତ ଏହାକୁ ଖଣ୍ଡ ଖଣ୍ଡ କରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଓମ ବିର୍ଲା ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଏହାପୂର୍ବରୁ ଆଜି ସକାଳେ ବିରୋଧୀ ଦଳ ଏକତ୍ରିତ ହୋଇ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଏହି ବିଲକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଏହି ବିଲ ହେଉଛି ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ।

ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି। ମନରେଗାରେ ୧୦୦ ଦିନ କାମ ଗ୍ୟାରେଣ୍ଟି ଥିବା ବେଳେ ଜି ରାମ ଜିରେ ଏହାକୁ ୧୨୫ ଦିନ କରି ଦିଆଯାଇଛି। ତେବେ ଏଥିପାଇଁ ପୂର୍ବଭଳି କେନ୍ଦ୍ର ସରକାର ଆଉ ଶତ ପ୍ରତିଶତ ପାଣ୍ଠି ଯୋଗାଇବେ ନାହିଁ। କେନ୍ଦ୍ର ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ଅର୍ଥ ଦେବେ ବୋଲି ଏଥିରେ ବ୍ୟବସ୍ଥା କରାଯାଇଛି।

### ବଞ୍ଚାଇଦେଲା ଜଳମଗ୍ନ...

ପହଁରି ପହଁରି ନିକଟରେ ଥିବା ଏକ ଜଳମଗ୍ନ ହରିହର ମନ୍ଦିର ପିଡ଼୍‌କୁ ଚଢ଼ି ଆଶ୍ରୟ ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ୍‌ହରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲା। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ମନ୍ଦିର ପାଖରୁ ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଇବ୍‌ଥର୍ମାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ପୁଲିସ କହିଛି। ତେବେ କେମିତି ଓ କାହିଁକି ସାବିତ୍ରୀ ସେତୁ ଉପରୁ ପାଣିରେ ପଡ଼ିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ।

ଉଲ୍ଲେଖଯୋଗ୍ୟ, ସାବିତ୍ରୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୧୦ବର୍ଷର ଏକ ସନ୍ତାନ ରହିଛି। ୩ଦିନ ହେଲା ସେ ଘରୁ ଚାଲି ଆସିଥିଲେ ବୋଲି ତାଙ୍କ ବାପା ଜୟଧର ନାଗ ପୁଲିସକୁ କହିଛନ୍ତି।

### ଦାନା ବାନ୍ଧିଲା...

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହେବା ପରେ ସେ ଏକ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାସହିତ ବିଜୟ ମହାପାତ୍ର ମଧ୍ୟ ଅତୀତରେ ରାଜ୍ୟରେ ନୂଆ ଦଳ ଗଠନକୁ ନେଇ ଅସ୍ୱୀକାର କରି ନାହାନ୍ତି। ତେଣୁ ଉଭୟଙ୍କ ସାକ୍ଷାତ ପରେ ରାଜ୍ୟରେ ବିଭିନ୍ନ ଦଳରୁ ଯେଉଁ ନେତାମାନେ ଅସନ୍ତୁଷ୍ଟ ହୋଇ ରହିଛନ୍ତି, ସେମାନଙ୍କୁ ଏକାଠି କରି ଏକ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିବା ନେଇ ଚେଷ୍ଟା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ୨୦୨୬ରେ ଅନେକ ରାଜନୈତିକ ଘଟଣା ଘଟିବା ନେଇ ବିଜୟ ମହାପାତ୍ର ପୂର୍ବରୁ କହିଛନ୍ତି। ମହମ୍ମଦ ମୋକିମ ତାଙ୍କୁ ସାକ୍ଷାତ କରିବା ଏହି ଚର୍ଚ୍ଚାରେ ଆହୁରି ଖୋରାକ୍ ଯୋଗାଇଛି।

### ବନ୍ଧା ହେଲା...

ଅନେକ ଅପରାଧିକ ମାମଲା ରହିଛି। କିଛିଦିନ ତଳେ ସେ ଜାମିନ୍ ବଳରେ ଜେଲ୍‌ରୁ ବାହାରିବା ପରେ ସହଯୋଗୀମାନଙ୍କ ସହିତ ମିଶି ଏହି ଗଣଦୁଷ୍କର୍ମ କରିଥିଲା। ଘଟଣାରେ ସଂପୃକ୍ତ ୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ମାଷ୍ଟରମାଇଣ୍ଡ ଜୋକର ହାପି ସମେତ ଅନ୍ୟ ଦୁଇ ଅଭିଯୁକ୍ତ ବିଭୂପ୍ରସାଦ ମିଶ୍ର, କାଳନ୍ଦୀ ପାତ୍ରଙ୍କୁ ଗିରଫ କରିଛି।

### 'ଆମ ପାଇଁ...

ସମ୍ବଲପୁରବାସୀ ତଥା ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସବୁକିଛିର ସହଯୋଗ ମାଗିଥିଲେ। ବାଇକ୍ ରାଲି ବରେଇପାଲିଠାରୁ ବାହାରି ରେମେଡ, ଅଇଁଠାପାଲି, ବୁଢ଼ାରଜା, ଲକ୍ଷ୍ମୀଟକିଜ ଛକ, ଗୋଲବଜାର, ପୀରବାବା ଛକ, କଚେରୀ ଛକ, ଜିଲ୍ଲା ସ୍କୁଲ ଛକ, ଧନୁପାଲି ଛକ, ଜେଲଖାନା ଛକ, ଜିଲ୍ଲା ସ୍କୁଲ ଛକ, ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା ଛକ, କୁଞ୍ଜେଲପଡ଼ା ଛକ, ସାନସଡ଼କ, ବଡ଼ସଡ଼କ, ସମଲେଶ୍ୱରୀ ମନ୍ଦିର, ରେଲଷ୍ଟେସନ, କ୍ଷେତରାଜପୁର ଦେଇ ରେମେଡ ଛକରେ ଶେଷ ହେଲା। ସମ୍ବଲପୁର ବନ୍ଦରେ ରେଳ ଚଳାଚଳ ବ୍ୟାଘାତ କରାଯିବ ନାହିଁ। ଜରୁରୀକାଳୀନ ସେବା ମଧ୍ୟ ଜାରି ରହିବ। ଜାତୀୟ ରାଜପଥ ମଧ୍ୟ କିଛି ସମୟ ପାଇଁ ଅବରୋଧ କରାଯିବ। ତେବେ, ସ୍କୁଲକଲେଜ, ଅଫିସ, କୋର୍ଟକଚେରୀ, ବସ ମାଲିକ ସଂଘ ସମସ୍ତଙ୍କୁ ବନ୍ଦ ରଖିବାକୁ ଚାଷୀ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି। ସମ୍ବଲପୁର ଜିଲ୍ଲାରେ ଗତ ଜୁଲାଇରେ ଖରିଫ୍ ଧାନ ବିକ୍ରୟ ପଞ୍ଜୀକରଣ ସମୟରେ ଚାଷୀମାନେ ନଭେମ୍ବର ୧ ତାରିଖରୁ ଧାନବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ତେବେ ସରକାର ନୂଆପଡ଼ା ଉପନିର୍ବାଚନ ଯୋଗୁଁ ଏହାକୁ ବିଳମ୍ବ କଲେ। ଡିଏଲପିସି ବୈଠକରେ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିବ ବୋଲି ଘୋଷଣାକଲା ଜିଲ୍ଲା ପ୍ରଶାସନ। ମିଲର୍‌ମାନେ ରେଜିଷ୍ଟ୍ରେସନ ଓ ସିକ୍ୟୁରିଟି ଡିପୋଜିଟ୍ ନକରିବାରୁ ଧାନକିଣା ଆରମ୍ଭ ହୋଇପାରିଲା ନାହିଁ। ଚାଷୀ ଆନ୍ଦୋଳନମୁହାଁ ହେଲା। ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କସ୍ଥିତ ତୁମ୍ବେସିଂହାରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କଲେ। ଏହାପରେ ରାତାରାତି ମିଲରଙ୍କ ରେଜିଷ୍ଟ୍ରେସନ ହୋଇ ପରଦିନଠାରୁ ଧାନ ଉଠିଲା। ତେବେ, ସରକାର ମାତ୍ର କେଇ ହଜାର ଟୋକନ ଇସ୍ୟୁ କରି ଅଟକିଗଲେ। ଜିଲ୍ଲାସ୍ତରରେ ଡିଏଲପିସିକୁ କ୍ଷମତାହୀନ କରାଯାଇଥିବାରୁ ଅସହାୟତା ପ୍ରକାଶ କଲା ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ। ବହୁସଂଖ୍ୟକ ଚାଷୀ ପ୍ରଥମ ପର୍ଯ୍ୟାୟ ଟୋକନ ପାଇ ନଥିବାବେଳେ ଅନେକ ଚାଷୀ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପରେ ବଳକା ଧାନ ଜଗି ବସିରହିଲେ। ପୁଣି ଚାଷୀମାନେ ଟୋକନ ପାଇଁ ୧୨ ତାରିଖରେ ଜାତୀୟରାଜପଥରେ ୩ଟି ଜାଗାରେ ରାସ୍ତାରୋକ କଲେ। ଟୋକନ ଦେବା ବଦଳରେ ପୁଲିସ ଚାଷୀମାନଙ୍କୁ ଗିରଫ କଲେ। ଟୋକନ ସମସ୍ୟାକୁ ନେଇ ସରକାରଙ୍କ ଆଭିମୁଖ୍ୟର ପ୍ରତିବାଦ କରିବାସହ ଚାଷୀମାନେ ୧୯ ତାରିଖ ସମ୍ବଲପୁର ବନ୍ଦ ଡାକରା ଦେଇଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଆମ ଇତିହାସରେ ପ୍ରଥମଥର ପାଇଁ ଚାଷୀମାନେ ୧୨-ଘଣ୍ଟିଆ ବନ୍ଦ ପାଇଁ ଅନୁରୋଧ କରୁଛୁ। ଆମ ଅଞ୍ଚଳ କୃଷିଭିତ୍ତିକ ଅର୍ଥନୀତି, ଯଦି ଚାଷ ନାହିଁ ତେବେ କିଛି କାରବାର ହୋଇପାରିବ ନାହିଁ। ଏଣୁ ବନ୍ଦରେ ସମ୍ବଲପୁରବାସୀଙ୍କ ସହଯୋଗ କାମନା କରାଯାଇଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଚାଷୀ ମାନଙ୍କ ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ। ଆଜି ବାଇକ୍ ରାଲି କରି ସମ୍ବଲପୁରବାସୀଙ୍କୁ ଅନ୍ନଦାତା ପାଇଁ ଦିନଟିଏ ଦେବାକୁ ଅନୁରୋଧ କରାଯାଇଛି। ଏବେ ବି ଡିବିଟି ନାମରେ ପ୍ରାୟ ୧୮୦୦ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ। ପୁଣି ତୃତୀୟ ଓ ଚତୁର୍ଥ ଟୋକନ ଅଛି। ସରକାର ପରବର୍ତ୍ତୀ ଲମ୍ବା ତାରିଖସହ ସମସ୍ତ ଟୋକନ ଏକସମୟରେ ଇସ୍ୟୁକରି ପୋର୍ଟାଲରେ ଦେଖାଗଲେ ଚାଷୀ ମାନଙ୍କ ମଧ୍ୟରେ ଥିବା ଆଶଙ୍କା ଦୂରହେବ ବୋଲି ଶ୍ରୀ ଠାକୁର ଆଶାପ୍ରକାଶ କରିଛନ୍ତି। ଚାଷୀ ସଂଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ କହିଛନ୍ତି, ପୂର୍ବ ସରକାର ଟୋକନ ଲଗାଇବାବେଳେ ସେତେବେଳେ ଟୋକନକୁ ବିରୋଧ କରୁଥିଲୁ। ଧାନ ବହୁତ ଉତ୍ପାଦନ ହେଉଥିବାରୁ ଡିଏଲପିସିକୁ କ୍ଷମତା ନଦେଲେ ଏଭଳି ସମସ୍ୟା ଲାଗି ରହିଥିବ। ଚାଷୀମାନେ ବହୁ ଆଶାରେ ସରକାର ପରିବର୍ତ୍ତନ ହେଲେ ସୁଧୁରିବ ବୋଲି ଭାବିଥିଲେ କିନ୍ତୁ ନୂତନ ସରକାର ଧାନ କିଣାବିକାରେ କୌଣସି ପରିବର୍ତ୍ତନ ଆଣିନାହାନ୍ତି, ସେହିଟାକୁ ଦୋହରାଉଛନ୍ତି। ଶେଷ ଚାଷୀ ଶେଷ ଟୋକନ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

### ଦହିବରା ଖାଇ...

ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଖବର ପାଇ ପଳସାଗୋରା ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ନିଖିଳ ପ୍ରସାଦ ଭୁକ୍ତା ଟିମ୍ ସହ ଗାଁରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ଗୁରୁତର ଆହତଙ୍କ ସଂଖ୍ୟା ବଢୁଥିବାରୁ ଖବର ପାଇ ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଟିମ୍ ପଠାଯାଇଥିବା ମେଡିକାଲ ଅଫିସର୍ ମହେନ୍ଦ୍ର ସାଏ କହିଛନ୍ତି। ଇତିମଧ୍ୟରେ ଅନେକ ଗୁରୁତରଙ୍କୁ ମେଡିକାଲ ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଥିବା ଶ୍ରୀ ସାଏ କହିଛନ୍ତି। ଏହାକୁ ନେଇ ଗାଁରେ ଭୟର ବାତାବରଣ ଦେଖାଦେଇଛି।

■ ହାଇକୋର୍ଟଙ୍କୁ ଅବଗତ କଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ

# ରାଜ୍ୟରେ ୨୬୬୯ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

କଟକ, ୧୮।୧୨(ସମିସ): କଟକ ସହର ସମସ୍ୟା ସମ୍ପର୍କିତ ମାମଲା ଶୁଣାଣି ବେଳେ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କଟକର ଶୈଳବାଳା ମହାବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅର୍ଥ ମଞ୍ଜୁର କରିଥିବା ବେଳେ ରାଜ୍ୟର ଅନ୍ୟ ମହାବିଦ୍ୟାଳୟ ଗୁଡିକ ପାଇଁ କଣ ପଦକ୍ଷେପ ନିଆଯାଇଛି, ସେନେଇ ବିଭାଗୀୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ।

ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ମାମଲା ଶୁଣାଣି ବେଳେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ରାଜ୍ୟର ବିଭିନ୍ନ କଲେଜରେ ୨୬୬୯ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏମାନଙ୍କ ମଧ୍ୟରୁ ୩୫୩ ଜଣ ଦୃଷ୍ଟିବାଧିତ, ୨୧୬ଜଣ ଶ୍ରୁତିବାଧିତ ଓ ୧୨୩୪ଜଣ ଶାରୀରିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଉଚ୍ଚଶିକ୍ଷାନୁଷ୍ଠାନ ସହ ସ୍କୁଲଗୁଡ଼ିକରେ ମଧ୍ୟ ଅନୁରୂପ ସୁବିଧା ପ୍ରଦାନ କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ମାମଲାର ଶୁଣାଣି ବେଳେ ଏସ୍‌ଏସ୍‌ଇପିଡି ବିଭାଗର ସ୍ୱତନ୍ତ୍ର ସଚିବ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ରହି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।


## ଭାରତୀୟ କପା ନିଗମ ଲିମିଟେଡ୍

ଭା.କ.ନି. CCI | ମୋବାଇଲ ଆପ

ଶାଖା କାର୍ଯ୍ୟାଳୟ: ରାୟଗଡା

ପ୍ଲଟ୍ ନଂ.-୧୩୮/୨୦୩୦/୨୫//୮ ପ୍ରଥମ ମହଲା, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ ରିଙ୍ଗ୍ ରୋଡ୍, ରାୟଗଡା-୭୬୫୦୦୧(ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା /୨୦୨୫-୨୬ ତାରିଖ: ୧୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରିପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପ୍‌ରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର/ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜୀକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନ କରି ପଞ୍ଜୀକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/- ଶାଖା ପ୍ରମୁଖ



## VEHICLE FOR SALE

ASHOK LEYLAND 4825,MODEL 2024, Regn. No - OD-07-AT-7630 in as is where is condition. Contact: M/S Sundaram Finance Limited, BERHAMPUR BRANCH, Ph:0680- 2290703, MOB - 94375 77759, within 7 days.

## AFFIDAVIT (FOR MINOR)

By virtue of an affidavit sworn before Executive Magistrate, Banpur, vide no- 3385, dated- 4/9/2025 I, Gitanjali Barik, aged about -30 years, Address - W/o- Bibhuti Bhusan Barik, At- Ranipada, Po- Kumarang Sasan, Ps- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Subyashriya Barik to **Subhasriya Barik.** Henceforth, he shall be known as **Subhasriya Barik** for all purposes.

**Subhasriya Barik**

## AFFIDAVIT

I, Latha Sahu, aged about 61 years, W/o- Sivaram Sahu, resident of At-srichandanpur, Po- bangurigaon, Ps- kakatpur, Dist- Puri, Odisha, Pin- 752118 declare by this affidavit No. 2551, dtd- 18/12/2025, that now onwards I shall be known as **LATA SAHU** for all future purposes.

## ADMISSION NOTICE-2025-26
## Manjari Devi College

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

## NOTICE

By virtue of an affidavit sworn before The Executive Magistrate, Sukruli, Mayurbhanj, dated 15.12.2025, I, Dharitri Nayak, Address Village- Pandabilla, PO-Khiching, PS- Raruan, Dist-Mayurbhanj, Pin- 757039 declare that I have changed my name from Dharaitri Nayak to Dharitri Nayak. Henceforth, I shall be known as Dharitri Nayak for all purposes.

**Dharitri Nayak**

## NOTICE

By virtue of an affidavit sworn before The Executive Magistrate, Sukruli, Mayurbhanj, dated 09.12.2025 I, Kholana Bhoi, Address Village-Tangia, PO- Jhadghosada, PS-Raruan, Dist- Mayurbhanj, Pin-757039 declare that I have changed my name from Khulana Bhoi to Kholana Bhoi. Henceforth, I shall be known as Kholana Bhoi for all purposes.

**Kholana Bhoi**

## AFFIDAVIT

I, **Mamata Padhy**, Wife of Trilochan Sahu, resident of Plot No. 43/1703, Near Indraprasta, Phase II, Union Bank, Pokhariput, Aerodrome Area, PS- Airfield, Bhubaneswar, Dist. Khordha, Pin-751020, Odisha, declare by this affidavit No. 752 **Dtd. 13/12/2025** that now onwards, I shall be known as **MAMATA KUMARI PADHY** for all future purposes.

## ନାମ ପରିବର୍ତ୍ତନ

ମୁଁ ଉଷାରାଣୀ ପଢ଼ିହାରୀ, ବୟସ-୫୭ ବର୍ଷ, ସ୍ୱାମୀ-ସ୍ୱର୍ଗତଃ ନିରଞ୍ଜନ ପଢ଼ିହାରୀ, ଗ୍ରାମ/ପୋ- ଗୋଲାଡ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ ରେ ମୋର ନାମ ଉଷାରାଣୀ ପଢ଼ିହାରୀ ଓ ଜନ୍ମ ତାରିଖ- ୦୧/୦୫/୧୯୬୮ ଉଲ୍ଲେଖ ଥାଇ ଆର ପି ଏଲ୍ ଆଇ ପଲିସି ବଣ୍ଡ ନଂ- **R-OR-EA-201303** ରେ ମୋର ନାମ ଉଷାରାଣୀ ପଢ଼ିହାରୀ ପରିବର୍ତ୍ତେ ଉଷାମଣୀ ଦାସ ବୋଲି ଉଲ୍ଲେଖ ଅଛି। ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ - **7883,** ତା- **12/12/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଉଷାରାଣୀ ପଢ଼ିହାରୀ, ସ୍ୱାମୀ- ନିରଞ୍ଜନ ପଢ଼ିହାରୀ, ନାମରେ ପରିଚିତ ହେବି।

## AFFIDAVIT

By virtue of an affidavit (CF No. 86) sworn before The Executive Magistrate, Bhubaneswar, date: 18/12/2025. I, Jayashree Dash, W/o- Madanmohan Shyamasundar Dash, resident of Plot No. 572, Gothapatna, Near Sai Prattik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher** to **Jayashree Dash.** Henceforth, I shall be known as **Jayashree Dash** (new name) for all purposes.

**JAYASHREE DASH**

C-1820

ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ

**OFFICE OF THE NOTIFIED AREA COUNCIL, REDHAKHOL**
(ODISHA), DIST – SAMBALPUR
E-mail: eonacrdi@gmail.com

**'e' PROCUREMENT NOTICE**
No. 3051 / NAC Dt. 16.12.2025
Bid Identification No.: RDL NAC - 4/2025-26
Tender ID: 2025_ORULB_123226

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen in the Govt. Website i.e. **https://tendersodisha.gov.in**

1. Number of Civil works / Others : 36 numbers
2. Estimated Cost : Rs. 0.64 lakh to Rs. 8.47 lakh
3. Period of completion : As per NIT
4. Date & time of availability of bid documents in the portal : From 10.00 A.M. of 17.12.2025 to 04.00 P.M. of 29.12.2025
5. Last Date & Time for receipt of bids in the portal : 04.00 P.M. of 29.12.2025
6. Bids will be opened on : 04.30 A.M. on 29.12.2025
7. Name and address of the officer inviting bid : Executive Officer, NAC Redhakhol

OIPR-13175/11/0013/2526

Sd/- Executive Officer
NAC Redhakhol

## ସର୍ବସାଧାରଣ ବିଜ୍ଞପ୍ତି

ଏହି ଦ୍ୱାରା ସୂଚନା ଦିଆଯାଉଛି ଯେ, ମିସେସ ଲିଂଗାମ ଜସ୍ୱଲାକ୍ଷ୍ମୀ (ଏହିରାପରେ ମୋର୍ଟଗେଜର / ବୋର୍ରୋଅର କୁହାଯାଇଛନ୍ତି) ନିମ୍ନଲିଖିତ ସିଦ୍ଧ ସମ୍ପତ୍ତିର ମୋର୍ଟଗେଜ ଆମ କ୍ଲାଇଣ୍ଟ IDFC FIRST Bank Limited - ଶାଖା ଠିକଣା ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍, ଜସ୍ୱପୁର ଶାଖା, ପ୍ଲଟ ନଂ-୧୨୨୧, ଏମଜି ରୋଡ, ଜସ୍ୱପୁର, ପିନ-୭୬୪୦୦୧, ଜିଲ୍ଲା-କୋରାପୁଟ ସ୍ଥିତ ବ୍ୟାଙ୍କର ସପକ୍ଷରେ ସୃଷ୍ଟି କରିଛନ୍ତି। ଉକ୍ତ ମୋର୍ଟଗେଜରଙ୍କର ଅରିଜିନାଲ ଦଲିଲ ଯଥା ରେକର୍ଡ ଅଫ ରାଇଟ (ROR) ଖାତା ନଂ - ୬୫ ଏବଂ ପ୍ଲଟ ନଂ -୨୫, ମାଧୁରୀ କୁମାରୀ ପାତ୍ର ନାମରେ ୨୦୨୩ ସାଲରୁ ରେକର୍ଡ ହୋଇଛି, ହରାଇ ଯାଇଛି / ନିଖୋଜ ହୋଇଛି ଏବଂ ମିଳୁନାହିଁ। ଯଦି ଉପରୋକ୍ତ ଅରିଜିନାଲ ଦଲିଲ ଏବଂ ROR ଦଲିଲ କେହି ପାଇଥାନ୍ତି, ତେବେ ତାହା ନିମ୍ନ ଠିକଣାରେ ହସ୍ତାନ୍ତର କରିବା ହେବେ। ଏହା ସହିତ, ଯଦି କେହି ବ୍ୟକ୍ତି, ସଂସ୍ଥା, ସଂଗଠନ ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ଦାବି, ଆପତ୍ତି କିମ୍ବା ସମ୍ପର୍କ ରଖିଥାନ୍ତି ତେବେ ସେମାନେ ଏହି ନୋଟିସ ପ୍ରକାଶନର ୧୪ ଦିନ ମଧ୍ୟରେ ଦସ୍ତାବିଜ ପ୍ରମାଣ ସହ ନିମ୍ନ ଠିକଣାରେ ସୂଚନା ଦିଅନ୍ତୁ, ନ ହେଲେ ସେମାନଙ୍କ ଦାବି ପରିତ୍ୟକ୍ତ ଏବଂ ତ୍ୟାଗ କରାଯାଇଛି ବୋଲି ଗଣାଯିବ। ୧୪ ଦିନ ପରେ ଉଠାଯାଇଥିବା କୌଣସି ଆପତ୍ତି ଉକ୍ତ ସମ୍ପତ୍ତି ବା ମୋର କ୍ଲାଇଣ୍ଟ ଉପରେ ବାଧତା ସୃଷ୍ଟି କରିବନାହିଁ।

ସମ୍ପତ୍ତିର ବିବରଣୀ: ଖାତା ନଂ -୬୫, ପ୍ଲଟ ନଂ -୨୫, ମୌଜା-ନୀଳକଣ୍ଠେଶ୍ୱରପୁର, ତହସିଲ-ଜସ୍ୱପୁର, ଜିଲ୍ଲା-କୋରାପୁଟ
ସ୍ଥାନ: ଜସ୍ୱପୁର, ତାରିଖ: ୦୭ ଡିସେମ୍ବର ୨୦୨୫
ପ୍ୟାନେଲ ଆବେଦକ ନାମ ଏବଂ ଠିକଣା:
ମେନ ରୋଡ, ଜସ୍ୱପୁର, କୋରାପୁଟ-୭୬୪୦୦୧
ଶ୍ରୀ ସୁବାଶ ଚନ୍ଦ୍ର ପଣ୍ଡା, ମୋବାଇଲ: ୯୪୩୭୨୩୪୨୬୪

# ପରିବାର ଉଜାଡ଼ିଦେଲା କିଡ୍‌ନୀ ରୋଗ

## କକା-ପୁତୁରାଙ୍କ ଜୀବନ ଯାଇଛି | ଅନ୍ୟ ଜଣେ ମୃତ୍ୟୁ ସହ ଲଢୁଛନ୍ତି

ବୀରମହାରାଜପୁର,୧୮ ।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବହଲପଦର ପଞ୍ଚାୟତର ହୋତାପାଲି (ସୁରଧାପାଲି) ଗ୍ରାମରେ ୪ଦିନ ମଧ୍ୟରେ ଗୋଟିଏ ପରିବାରର କକା ଓ ପୁତୁରାଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଥିସହ ପରିବାରର ଅନ୍ୟଜଣେ କିଡନୀ ରୋଗରେ ଆକ୍ରାନ୍ତହୋଇ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ପରିବାରର ଲୋକ ଗରିବ ଦିନମଜୁରିଆ ଅଟନ୍ତି। ଉକ୍ତ ପାରିବାରକୁ ସରକାରୀ ଯୋଜନା ଯୋଗାଇ ଦେବାପାଇଁ ପ୍ରଶାସନ ନିକଟରେ ପାରିବାର ଲୋକ ନେହୁରା ହୋଇଛନ୍ତି। ସୂଚନା ଅନୁସାରେ, ବହଲପଦର ପଞ୍ଚାୟତରହୋତାପାଲି (ସୁରଧାପାଲି) ଗ୍ରାମରେ ଅନିଲ ଲାକ୍ରାଙ୍କ ପ୍ରଥମେ ମୃତ୍ୟୁ ଘଟିଥିଲା। ପରେ ଅନୀଲଙ୍କ ପୁତୁରା ଅମିତ୍‌ଙ୍କ ମଧ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଥିଲା। ସେହିପରି ଅମିତଙ୍କ ବାପା ବିର୍ସାଲାକ୍ରା ଏବେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକତ୍ସିତ ହେଉଥିବା ଜଣାଯାଇଛି। ଆର୍ଥିକ ସମସ୍ୟା ଯୋଗୁଁ ସେ ଆଉ କୌଣସି ଡାକ୍ତରଖାନାକୁ ନ ଯାଇ ସ୍ଥାନୀୟ ବୈଦ୍ୟରାଜଙ୍କଠାରୁ ଆୟୁର୍ବେଦିକ ଔଷଧ ଖାଉଛନ୍ତି। ପରିବାରର ୨ଜଣଙ୍କ ମୃତ୍ୟୁପରେ ପରିବାର ଲୋକେ ଏବେ ଅସହାୟ ହୋଇପଡ଼ିଛନ୍ତି। ମୃତ ଅନୀଲଙ୍କ ବାପା ଓ ଅନିଲଙ୍କ ବଡ଼ଭାଇ ତାଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଗ୍ରାମରେ ସ୍ୱଚ୍ଛ ପିଇବାପାଣିର ବ୍ୟବସ୍ଥା ସାଙ୍ଗକୁ ଡାକ୍ତରୀଦଳ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଗୋଟିଏ ପଟେ ପିଇବା ପାଣିର ବ୍ୟବସ୍ଥା ନ ଥିବା ବେଳେ ଅନ୍ୟ ପଟେ ନିମ୍ନମାନର କପାଚାଷ ଯୋଗୁଁ ଅଞ୍ଚଳରେ କିଡ୍‌ନୀ ରୋଗ ଦିନକୁ ଦିନ ବ୍ୟାପିବା ଓ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଖୁବଶୀଘ୍ର ଜିଲ୍ଲା ମେଡିକାଲ୍ ଓ ପାନୀୟଜଳ ବିଭାଗର ଏକଟିମ୍ ଉକ୍ତ ଅଞ୍ଚଳଗସ୍ତ କରି ସ୍ଥିତି ନିରୀକ୍ଷଣ କରିବେ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାସହ ଏବଂ ମୃତକଙ୍କ ପରିବାରକୁ ସରକାରୀ ସହଯୋଗ ଦିଆଯିବ ବୋଲି ଜିଲ୍ଲାପାଳ ଡ. ନୃପରାଜ୍ ସାହୁ କହଛନ୍ତି।

## ତିଲପଙ୍ଗାରେ ନୂଆ ପଞ୍ଚାୟତ ପ୍ରତିଷ୍ଠା ପାଇଁ ଦାବି

ବୌଦ୍ଧ,୧୮ ।୧୨(ସମିସ): ବୌଦ୍ଧ ବ୍ଲକ୍ ତିଲପଙ୍ଗା ଗ୍ରାମରେ ଏକ ନୂତନ ପଞ୍ଚାୟତ ପ୍ରତିଷ୍ଠା ପାଇଁ ଆମ୍ବଝରୀ, ଗୁନ୍ଦୁଳିଆ ଓ ଶଗଡା ପଞ୍ଚାୟତର ଦୁର୍ଗମ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳର ଜନ ସାଧାରଣଙ୍କ ଦାବିପତ୍ରକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଗ୍ରହଣ କରିଥିଲେ। ଆମ୍ବଝରୀ, ଗୁନ୍ଦୁଳିଆ ଓ ଶଗଡା ପଞ୍ଚାୟତ ଅଞ୍ଚଳର ଅନେକ ଗ୍ରାମ ନିଜ ଗ୍ରାମ ପଞ୍ଚାୟତ ସଦର ମହକୁମାଠାରୁ ୧୦ କିଲୋ ମିଟରଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତି ରହିଛି। ଗମନା ଗମନର କୌଣସି ସୁବିଧା ନାହିଁ। ତେଣୁ ଅଗମ୍ୟ ଗ୍ରାମଗୁଡିକ ନେଇ ତିଲପଙ୍ଗାରେ ଏକ ନୂତନ ପଞ୍ଚାୟତ ପ୍ରତିଷ୍ଠା ହେଲେ ସେମାନେ ଉପକୃତ ହୋଇପାରିବେ ବୋଲି ଦର୍ଶାଇଛନ୍ତି।

## ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ

ଶଗଡା,୧୮ ।୧୨(ସମିସ): ମନମୁଣ୍ଡା ଥାନାଧିକାରୀ ସସ୍ମିତା ମଗରଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ଶଗଡା ପଞ୍ଚାୟତ ଅଧୀନ ଖଣ୍ଡିକନପା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରିଛି। ପ୍ରାୟ ୫୫ ଏକର ପରିମିତ ଜାଗାରେ ବେଆଇନ ଭାବେ ଚାଷ ହୋଇଥିବା ପ୍ରାୟ ୫୫ ହଜାରରୁ ଅଧିକ ଗଞ୍ଜେଇ ଗଛକୁ କାଟିବା ପରେ ପୁଲିସ ପୋଡି ଦେଇଛି।

ଶଗଡା: ମନମୁଣ୍ଡା ଥାନା କଶୁର ବନ୍ଧ ପଞ୍ଚାୟତ ବାଗଡ଼ିଆ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲରେ ମଧ ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଜଙ୍ଗଲର ୩୧ ଏକରରୁ ଅଧିକ ଜମିରେ ହୋଇଥିବା ୩୭ ହଜାର ୮ ଶହ ଗଛକୁ କାଟିବା ପୋଡି ଦିଆଯାଇଛି ବୋଲି ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଏସ୍‌ଆଇ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## କଳିଙ୍ଗୋଦୟ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ

କନ୍ଧମାଳ,୧୮ ।୧୨(ସମିସ): ସ୍ଥାନୀୟ କଳିଙ୍ଗୋଦୟ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକୋତ୍ସବ କନ୍ଧମାଳ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସାଗର ବଗର୍ତ୍ତୀ ଓ ହେମବନ୍ତି ବାଘଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ ଉତ୍ସବରେ କନ୍ଧମାଳ ଥାନା ଅଧିକାରୀ ରଞ୍ଜିତ ମୁନି, ସୋନପୁର ରାଜ କଲେଜର ବରିଷ୍ଠ ପ୍ରାଧ୍ୟାପକ ଉମାକାନ୍ତ ନାଗ, ଏବିଇଓ କନ୍ଧମାଳ ଲକ୍ଷ୍ମୀ ମଲିକ, ଶିତିକଣ୍ଠ ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଣବ କିଶୋର ସାହୁ, ବରିଷ୍ଠ ସାମ୍ବାଦିକ ଜୟମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ସୁରେନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷକ ଅମୀୟ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ସୂର୍ଯ୍ୟକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଭାର୍ଗବୀ ରଣା ଓ ହର୍ଷ ଖମାରି ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ଅନିଲ ହରିପାଲଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବୌଦ୍ଧରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ବୌଦ୍ଧ,୧୮ ।୧୨(ସମିସ): ବୌଦ୍ଧ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମହିଳା ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଉଦ୍‌ଘାଟନ କରିଥିଲେ। ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅରୁଣ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳାରେ ୨୮ ଟି ବିଭିନ୍ନ କ୍ଷେତ୍ରର ନିୟୋଜକ ଅଂଶଗ୍ରହଣ କରିଥିଲେ। ତେବେ ୭୯୧ ଜଣ ପ୍ରାର୍ଥୀ ପଞ୍ଜିକରଣ କରିଥିବାବେଳେ ସାକ୍ଷାତକାର ଓ ଚୟନ ପ୍ରକ୍ରିୟା ପରେ ୫୫୪ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ। ୨୮ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କୌଶଳ ଉନ୍ନୟନ ଓ ନିୟୋଜନ ଅଧିକାରୀ ଅଜୟ ଦାଶ କରିଥିଲେ, ରୁଦ୍ର ନାରାୟଣ ସାମନ୍ତ, ରମାକାନ୍ତ ମିର୍ଦ୍ଧା, ସିବ୍ୱଲ କୁମାର, ହେମନ୍ତ ତିୱାରୀ ଏବଂ ଦାମରୁଧର ଖାଲ୍କୋ ପ୍ରମୁଖ ସହଯୋଗ କରିଥିଲେ।

## ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ

କନ୍ଧମାଳ,୧୮ ।୧୨(ସମିସ): ଖୁଣ୍ଟିଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ଦୀପ୍ତିମୟୀ ଶିଠା, ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ବିଶି, ଶିକ୍ଷା ବିକାଶ ସମିତି ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତୀକେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ଖୁଣ୍ଟିଗୋରା ସରପଞ୍ଚ ରବିଚନ୍ଦ୍ର ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସୋମନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଦେଇଥିଲେ। ଅଭିଭାବକ ସଂଜିପ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୀପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ନେପାଳ ପ୍ରଧାନ, ସୁଶାନ୍ତ ମାଝୀ, ଝରଣା ପ୍ରଧାନ, ସାଇବନି ପାତ୍ର, ସନ୍ଧ୍ୟାରାଣୀ ମନହୀରା, ମମିତା ରଣା, ବେଦମତି କୁଦେଇ, ସୁରୁସୂତା ଭୋଇ, ସ୍ୱାଗତିକା ନାଗ, ରାଜକୁମାର ରଣା ପ୍ରମୁଖ ସହଯୋଗ କରିଥିଲେ।

## ଡୁଲୁଣ୍ଡାରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ତରଭା,୧୮ ।୧୨(ସମିସ): ତରଭା ବ୍ଲକ୍ ଡୁଲୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତରଭା ଶାଖା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ତରଭା ବ୍ଲକ୍ ଓଷ୍ଟା ସଭାପତି ଜୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଡୁଲୁଣ୍ଡା ସରପଞ୍ଚ ଉମା ସାହୁ, ତରଭା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ଡୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ସଭାପତି ଭୁଲୁକୁ ମିଶ୍ର, ପ୍ରାକ୍ତନ ସଭାପତି କୃପାନିଧି ମିଶ୍ର, ବର୍ମେଶ ବାରିକ, ପ୍ରଧାନ ଶିକ୍ଷକ ବାସୁଦେବ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲା ଓଷ୍ଟା ସଭାପତି ଆଖୋଜ ପଧାନ, ସମ୍ମାନିତ ଅତିଥି ଭାବେ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମିୟ କୁମାର ମହାନ୍ତି, ସୋନପୁର ବ୍ଲକ ଓଷ୍ଟା ସମ୍ପାଦକ ସଂଗ୍ରାମ ମିଶ୍ର, ବିଏମପୁର ଓଷ୍ଟା ସମ୍ପାଦକ ବ୍ରଜମୋହନ ବାରିକ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜୟପ୍ରକାଶ ସାହୁ, ଉଲୁଣ୍ଡା ଗାୟତ୍ରୀ ବିଦ୍ୟାପୀଠର ପ୍ରତିଷ୍ଠାତା ପଙ୍କଜ ଖମାରୀ, ସିଂହାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତରଭା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ବକ୍ତୃତା, କବିତା ଆବୃତ୍ତି, କବିତା ଲିଖନ, ଗଳ୍ପ ଲିଖନ, ସାଧାରଣଜ୍ଞାନ, ସଙ୍ଗୀତ, ଏକକ ଅଭିନୟ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ହୋଇଥିବା କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ। ଶିକ୍ଷୟତ୍ରୀ ଅନୁପ୍ରୀୟା ମିଶ୍ର ବିଚାରକ ଭାବେ ଯୋଗ ଦେଇଥିବାବେଳେ ପୁଆ ଉଚ୍ଚ ବିଦ୍ୟାଳୟର କିରାଣୀ ନାରାୟଣ ପୁଝାରୀ ଓ ଶିକ୍ଷକ ସୋମିତ୍ରୀ ନାଏକ ପ୍ରମାଣପତ୍ର ଲିଖନ କରିଥିଲେ। ପ୍ରାକ୍ତନ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଜୟନାରାୟଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବସୁଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସଚେତନତା ଏକ ଦିବସୀୟ କର୍ମଶାଳା

ସୁବର୍ଣ୍ଣପୁର,୧୮ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମିଶନଶକ୍ତି ସଭାକକ୍ଷରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଆନୁକୂଲ୍ୟରେ ସାଇବର ଜୁଲୁମ୍ ସଚେତନତାକୁ ନେଇ ଡୁଙ୍ଗୁରିପାଲି ସିଡିପିଓ ମୌସୁମୀ ମାଇତିଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପସ୍ତରୀୟ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଡିଓ ଦିଲୀପ କୁମାର ବାଡା ଉଦ୍‌ଘାଟନ କରିବା ପରେ ଏବିଡିଓ ମହେଶ ପଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ସୋଇଥିଲା। ଆଇନ ପରାମର୍ଶଦାତା ଜୟପ୍ରକାଶ ନନ୍ଦ, ଆଇଟି ମାନସ ରଞ୍ଜନ ମେହେର ମହୋଦୟ, ବିପିସି ସଞ୍ଜିତ୍ ଷଡ଼ଙ୍ଗୀ ମଞ୍ଚ ଉପରେ ମଞ୍ଚାସୀନ ଥିଲେ। ସୀତା ମେହେରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ବରପାଲି ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ୍ ସ୍କୁଲ ନବମଶ୍ରେଣୀ ଛାତ୍ରୀ ଝାନ୍ସୀ ବନଛୋର ସାଇବର ଅପରାଧ ଉପରେ ବକ୍ତବ୍ୟ ରଖିଥିଲେ। ଡୁଙ୍ଗୁରିପାଲି ବ୍ଲକ୍ ଅଞ୍ଚଳର ୩ କୃତୀ ଛାତ୍ରୀଙ୍କୁ ଏକ ହଜାର ଲେଖାଏଁ ଟଙ୍କା ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା। ବିପିସି ସଞ୍ଜିତ ଷଡ଼ଙ୍ଗୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା

ଡୁଙ୍ଗୁରିପାଲି,୧୮ ।୧୨(ସମିସ): ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା ଗୋଷ୍ଠୀ ସହ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତର କୁଇଜ ପ୍ରତିଯୋଗିତାରେ ଶିକ୍ଷକ ଯୋଗାନନ୍ଦ ପଧାନ, ମୃତ୍ୟୁଞ୍ଜୟ ଉଦୁରକୁଲିଆ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିବାବେଳେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟସ୍ତର ବା ବରିଷ୍ଠ ବର୍ଗର କୁଇଜ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର, ଶିକ୍ଷକ କୃଷ୍ଣଚନ୍ଦ୍ର ତଣ୍ଡକାର, ଆଲୋକ ପଧାନ ଓ ଅମ୍ଳାନ ପାଣ୍ଡିଆ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଷାନ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଜଗତ ମଲ୍ଲିକ, ପ୍ରଧାନଶିକ୍ଷକ କରମ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ବରିଷ୍ଠ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅରିନ୍ଦମ ପଧାନ ପ୍ରଥମ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ସୁଦିପ କୁମାର ସା ଦ୍ୱିତୀୟ, ସମଲେଇ ଟୁଆଁ ଉଚ୍ଚ ବିଦ୍ୟାଳୟର ସୀତା ତରିଆ ତୃତୀୟ, କନିଷ୍ଠ ବର୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫଟାମୁଣ୍ଡାର ବିରାଟ ପଧାନ ପ୍ରଥମ, ତିତେରକୁନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିବେକାନନ୍ଦ ମଲ୍ଲିକ ଦ୍ୱିତୀୟ, ବଡ଼ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଚୀ ମାଝୀ ତୃତୀୟ, ଉପକନିଷ୍ଠ ବର୍ଗରେ ସୁନାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ସ୍ୱସ୍ତିକ ବାରିକ ପ୍ରଥମ, ଟୁନିଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିତ୍ରା ବାରିକ ଦ୍ୱିତୀୟ, ବଡ଼ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୀନତି ଖମାରୀ ଓ ବେହେରାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରତିଜ୍ଞା ଥନାପତି ଯୁଗ୍ମଭାବେ ତୃତୀୟ ହୋଇଥିଲେ। ସିଆରସିସି ପ୍ରବୀର ଭୋଇ, ଚିତ୍ତରଞ୍ଜନ ଠାକୁର, ସୁରେଶ ନାୟକ, ଦିଲୀପ ପଧାନ, ନରେନ୍ଦ୍ର ପୁରୋହିତ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଥବିର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି

ବୌଦ୍ଧ, ୧୮ ।୧୨(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର ଗ୍ରାମରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ସଭାପତି ରାଜେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଗୁରୁବାର ମନ୍ଦିର ପ୍ରାଙ୍ଗଣରେ ଏହା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପ୍ରଥମ ବାର୍ଷିକ ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ। ନାମଯଜ୍ଞ, କଳସଯାତ୍ରା, ପାରାୟଣ, ପ୍ରବଚନ, ହରିହାଟ ଅନୁଷ୍ଠିତ ହେବ ବୋଲି ମନ୍ଦିର ଉପଦେଷ୍ଟା ଭୋଳା ଗିରି କହିଛନ୍ତି। ବୈଠକରେ ଉପସଭାପତି ଉପେନ୍ଦ୍ର ମେହେର, ସମ୍ପାଦକ ଗୋପାଳକୃଷ୍ଣ ମେହେର, ସଭ୍ୟ କଡକୁ ମେହେର, ରାଜକିଶୋର ମେହେର, ସହଦେବ ମେହେର, ନେପାଳ ମେହେର, ପ୍ରମୋଦ ମେହେର, ଡମ୍ବରୁ ମେହେର, ପିତାମ୍ବର ମେହେର, ପ୍ରଫୁଲ ମେହେର, ଶଙ୍କର ମେହେର, ବିଜୟ ସାହୁ, ହରି ମେହେର, ଧର୍ମୁଧର ମେହେର, ଟିକ ମେହେର, ସମାରୁ ମେହେର, ଦେବ କିଶୋର ସାହୁ, ଦିଗାମ୍ବର ମେହେର ପ୍ରମୁଖ ସଦସ୍ୟ ଓ ନାରାୟଣନଗର ଗ୍ରାମବାସୀ ଉପସ୍ଥିତ ଥିଲେ। ନବକିଶୋର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଗଠନର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୧୮ ।୧୨(ସମିସ): ଆଗାମୀ ଜାନୁଆରୀ ୧୮ ତାରିଖରେ ବାର୍ଷିକ ଉତ୍ସବ ପାଳନ ପାଇଁ ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁରର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ମରଣିକା କମିଟି, ଅର୍ଥ କମିଟି ଓ ଅଭ୍ୟର୍ଥନା କମିଟି ର ସଦସ୍ୟମାନଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ମଧ ଉପସ୍ଥିତ ଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସ୍ମରଣିକାର ରୂପରେଖ, ବିଷୟବସ୍ତୁ, ବିଜ୍ଞାପନ, ନାମକରଣ, ବାର୍ତ୍ତା ସଂଗ୍ରହ ଆଦି ଉପରେ ଆଲୋଚନା କରା ଯାଇଥିଲା। ଭୂଷଣ କୁମାର ପାତ୍ର, ଦୟାନିଧି ହୋତା, କୃଷ୍ଣଚନ୍ଦ୍ର ପାଢ଼ୀ, ଦୟାନିଧି ହୋତା, ବାସୁଦେବ ପଣ୍ଡା, ସତ୍ୟ ନାରାୟଣ ନାୟକ, ସୂର୍ଯ୍ୟକୁମାର ପାଣିଗ୍ରାହୀ, ସନ୍ତୋଷ ଷଡ଼ଙ୍ଗୀ, ତ୍ରିନାଥ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଗାମୀ ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ଲେଖା ଗ୍ରହଣ କରିବାକୁ ସିଦ୍ଧାନ୍ତ କରାଯାଇଛି। ଅତିଥି ନିମନ୍ତ୍ରଣ ପାଇଁ ଦିଲୀପ ତ୍ରିପାଠୀ, ସୌମିତ୍ରୀ ମେହେରଙ୍କୁ ଦାୟିତ୍ୱ ଦିଆମାଇଛି। ବୈଠକରେ କମିଟି ମେମ୍ବରଙ୍କ ସହିତ ଗୋପୀନାଥ ମହାକୁର, ଅକ୍ରୁର ଦନ୍ତା, ରମେଶ ପଣ୍ଡା, ବଳରାମ କାଣ୍ଡ, ଚମରା ମହାକୁର, ସୁରୁ ସାହୁ, ନାରାୟଣ ନାୟକ, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ନିମାଇଁ ପଣ୍ଡା, ଭୀମସେନ ବାରିକ, ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୨୯ ରୁ ଖଲିଆପାଲି ମାଘମେଳା

ବୀରମହାରାଜପୁର,୧୮ ।୧୨(ସମିସ): ଆସନ୍ତା ଜାନୁୟାରୀ ୨୯ ରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ସୋନପୁର ଖଲିଆପାଲି ସ୍ଥିତ ଭୀମଭୋଇ ପୀଠରେ ମାଘମେଳା ଅନୁଷ୍ଠିତ ହେବାର ସ୍ଥିର ହୋଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ହୋଇଛି। ଗ୍ରାମ୍ୟ କମିଟିର ସଭାପତି ମହାଦେବ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏହି ମାଘମେଳା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ହେବବୋଲି ସ୍ଥିର ହୋଇଛି। ଏ ବର୍ଷ ମାଘମେଳା ଖୁବ ଧୁମଧାମ୍ ଓ ଅଧିକ ଆକର୍ଷଣ କରିବାପାଇଁ ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗ କାମନା କରାଯାଉଥିଲା। ୫ଦିନ ଧରି ହେବାକୁ ଥିବା ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର ଓ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଯାତ୍ରା ସମୟରେ ଜଳଯୋଗାଣ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏହି ଯାତ୍ରାକୁ ସୁପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଉଥିଲା। ଏଥିରେ କମିଟି ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତି, ଉପସଭାପତି ଯୁବରାଜ ସ୍ୱାଇଁ, ସମ୍ପାଦକ ଭାବେ ରଞ୍ଜନ ପୁଝାରୀ, ଉପଦେଷ୍ଟା ଭାବେ ମହାଦେବ ବଗର୍ତ୍ତି, କାର୍ତ୍ତିକ ଭୋଇ, ସଞ୍ଜିତ ପଣ୍ଡା, ସତ୍ୟନାରାୟଣ ସେଠୀ, ହୃଷିକେଶ ଭୋଇ ପ୍ରମୁଖ ରହିଛନ୍ତି। ସେହିପରି କମିଟିର ସଦସ୍ୟ ଭାବରେ ଗୋକୁଳ ନାଏକ, ରୁଦ୍ରପ୍ରତାପ ଜେନା, ପବିତ୍ର ଦାବୀ, ରଞ୍ଜିତ ଦୀପ, ଅଷ୍ଟମ ମେହେର, ଅକ୍ଷୟ ତରିଆ, ପୂର୍ଣ୍ଣଚନ୍ଦ୍ର ମାଝୀ, ଶ୍ରୀକାନ୍ତ ମେହେର ପ୍ରମୁଖ ରହିଛନ୍ତି।

## ପଲଶାଗୋରା ହାଇସ୍କୁଲର ବାର୍ଷିକ ଉତ୍ସବ

ପଲଶାଗୋରା,୧୮ ।୧୨(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲିକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପଲଶାଗୋରା ପ୍ରାଥମିକ ଚିକିତ୍ସାଳୟ ଡାକ୍ତର ନିଖିଳ ପ୍ରସାଦ ଭୁକ୍ତା, ସମାଜସେବୀ ଶିତିକଣ୍ଠ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷକ ଉମାକାନ୍ତ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ମହାପାତ୍ର, ଜସ୍ମିତା ସ୍ମିତା ଦେବି, ସୋନାଲି ପ୍ରିୟଦର୍ଶିନୀ, ସଂଗୀତା ଦଣ୍ଡେଶ, ଶିକ୍ଷକ ରିଙ୍କୁ ଝାଙ୍କର, ରାଜେନ୍ଦ୍ର ମାଝୀ, ସନତ ରଣା, ନିମାଇଁ ସାହୁ, ଖେଳ ଶିକ୍ଷକ ଅରୁଣ ଖଟୁଆ, କିରାଣି ଆଲୋକ ମେଣ୍ଡିଲି, କର୍ମଚାରୀ ଗୀତାଞ୍ଜଳି ଦୀପ, ହରପ୍ରିୟା ମହଲା ସହଯୋଗ କରିଥିଲେ।

## ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

ବୌଦ୍ଧ,୧୮ ।୧୨(ସମିସ): ବୌଦ୍ଧ ରାଜବାଟୀ ସମ୍ମୁଖରେ ଥିବା ପୁରୁଣା ସିଟି ସ୍କୁଲ ହଷ୍ଟେଲ ପରିସରରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉପ ନିର୍ଦ୍ଦେଶକ ତ୍ରିଲୋଚନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ସରକାରୀ ଅଧିବକ୍ତା ପୃଥ୍ୱୀରାଜ ମେହେର, ଜିଲ୍ଲା ଅଭିଯୋଜନ ଅଧିକାରୀ ସବିତା ପଣ୍ଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟାଳୟ ଜିଲ୍ଲାର ଗରିବ ଓ ନିରକ୍ଷର ଲୋକଙ୍କୁ ନ୍ୟାୟଦେବାରେ ସହାୟତା ପ୍ରଦାନ କରିବ ବୋଲି ଜିଲ୍ଲାପାଳ ଶ୍ରୀ ନାୟକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଅଭିଜୋଜକ୍ ହରିହର କହଁର, ସ୍ପେଶାଲ ପି ପି ଧୃରୀଣ ଦେହୁରୀ, ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟଙ୍କ ସମେତ ବିଭିନ୍ନ କୋର୍ଟର ସରକାରୀ ଓକିଲମାନେ ଉପସ୍ଥିତ ଥିଲେ।

## ନବାହ୍ନ ପରାୟଣରେ ପ୍ରବଚନ ଦେଲେ ବିଇଓ

ମନମୁଣ୍ଡା,୧୮ ।୧୨(ସମିସ): ମନମୁଣ୍ଡା ସୁବର୍ଣ୍ଣପାଲିରେ ନବାହ୍ନ ପରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଅଶୋଭରଞ୍ଜନ ମାଳି ଯୋଗଦେଇ ପ୍ରବଚନ ଦେଇଛନ୍ତି। ଶ୍ରୀ ମାଳି ଶ୍ରୀରାମଙ୍କ ଭଜନ ଗାନ କରିବା ସହ ଶ୍ରୀରାମ ଚରିତ ମାନସ ଉପରେ ପ୍ରବଚନ ଦେଇଥିଲେ।

## ଚାରଭଟା ୨୧ତମ ସୁପର ହଲଚଲ କ୍ରିକେଟ

# ସେମିଫାଇନାଲରେ ଡିକେ ଚ୍ୟାଲେଞ୍ଜର

ତରଭା,୧୮ ।୧୨(ସମିସ)



ତରଭା ବ୍ଲକ୍ ଚାରଭଟାସ୍ଥିତ ଯଜ୍ଞେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ପଞ୍ଚ ଦିବସୀୟ ୨୧ତମ ସୁପର ହଲଚଲ ଚାରଭଟା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ଲବ୍ ସଭାପତି ଶରତ ପାତ୍ରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବାଲିଖମାର ସରପଞ୍ଚ ସୁଦାମ ଦୀପ, ସମ୍ପାଦକ ସୁଜିତ ପାତ୍ର, ରୋହିତ କୁଅଁର ମଞ୍ଚାସୀନ ଥିଲେ। ପ୍ରଥମ ଲିଗ୍ ମ୍ୟାଚ ଡି କେ ଚ୍ୟାଲେଞ୍ଜର ଓ ଆଇଁଲାପାଲି ମଧ୍ୟରେ ହୋଇଥିଲା। ଡି କେ ଚ୍ୟାଲେଞ୍ଜର୨୫ ରନ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟଲିଗ୍ ମ୍ୟାଚ ବିଷ୍ଣୁ ଏକାଦଶ ସହ ମୁଣ୍ଡପଲା ମଧ୍ୟରେ ହୋଇଥିଲା। ବିଷ୍ଣୁ ଏକାଦଶ ୧୮ ରନ୍‌ରେ ବିଜୟ ଲାଭ କରିଥିଲା। ୭ ଓଭର ବିଶିଷ୍ଟ ଏହି ମ୍ୟାଚର କ୍ୱାର୍ଟର ଫାଇନାଲରେ ଡି କେ ଚ୍ୟାଲେଞ୍ଜର ୮ ୱିକେଟ ବିନିମୟରେ ୬୬ରନ୍ ସଂଗ୍ରହ କରିଥିଲା। ବିଷ୍ଣୁ ଏକାଦଶ ୬୬ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ସମସ୍ତ ୱିକେଟ ହରାଇ ୩୬ ରନ୍‌ରେ ସୀମିତ ରହିଥିଲା। ଏହାଫଳରେ ଡି କେ ଚ୍ୟାଲେଞ୍ଜର ୩୦ରେ ବିଜୟଲାଭ କରି ସେମି ଫାଇନାଲରେ ପହଞ୍ଚିଥିଲା। ସୁଜିତ ପାତ୍ର, ଭୋଜରାଜ ପାତ୍ର, କରୁଣା ବାଘ, ଦିଲୀପ ବାଗ, ଶରତ ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୌଦ୍ଧ,୧୮ ।୧୨(ସମିସ): ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଧର୍ମା ମଲ୍ଲିକ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ସ୍ୱାଧୀନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବାଣିଜ୍ୟ ଶିକ୍ଷକ ଜେନି ସାହୁ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟିଙ୍କ ତତ୍ତ୍ୱାବଧାନ ଓ କ୍ରୀଡ଼ା ଶିକ୍ଷକ ହିମାଂଶୁ ଶେଖର ମାଝିଙ୍କ ପରିଚାଳନାରେ ଖେଳ ପରିଚାଳିତ ହୋଇଥିଲା। ବରିଷ୍ଠ ବିଭାଗରେ ନମନ୍ ସରାଫ ଏବଂ କନିଷ୍ଠ ବର୍ଗରେ ମାନସ ସାଣ୍ଟ ଚାମ୍ପିଅନ ହୋଇଥିଲେ।

## ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୀରମହାରାଜପୁର,୧୮ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ପିତାମହୁଲ ପଞ୍ଚାୟତର ଟେଭାପଦର ଖେଳପଡ଼ିଆରେ ୧୫ତମ ମା ଖମ୍ବେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଟେଭାପଦର କପ୍ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ମହେନ୍ଦ୍ର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ପ୍ରଦୀପ ବଡ଼ିଆ, କୁଶଧର ମହାକୁର, ଚମରା ବାଘ, ଶ୍ରୀକାନ୍ତ କର୍ମୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବାଙ୍କପାଲ ଏବଂ ଡୁଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ, ଟସ୍‌ଜିଣି ବାଙ୍କପାଲ ଦଳ ୧୦୮ ରନ ସଂଗ୍ରହ କରି ଡୁଲେଶ୍ୱର ଦଳ ପାଇଁ ୧୦୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଡୁଲେଶ୍ୱର ଦଳ ୧୦୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କଳାପଥର ଏବଂ ବାମଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ, ବାମଣ୍ଡା ୮୦ ରନ୍ କରି କଳା ପଥର ଦଳକୁ ୮୧ ରନର ବିଜୟ ଲକ୍ଷ୍ୟ ଦେଇଥିଲା। କଳାପଥର ଦଳ ୭.୪ ବଲରେ ୮୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ତୃତୀୟ ତଥା ପୁଲ୍ ଏ'ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ କଳାପଥର ଏବଂ ଡୁଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୧୮ ରନ ସଂଗ୍ରହ କରିଥିଲା, ଡୁଲେଶ୍ୱର ଦଳ ମାତ୍ର ୬୬ ରନ କରି ପରାଜିତ ହୋଇଥିବା ବେଳେ, ପୁଲ୍ ଏ'ରୁ କଳାପଥର ଦଳ ସେମି ଫାଇନାଲରେ ପ୍ରବେଶ କରିଛି।

## ଜେଏସ୍‌ଡବ୍ଲ୍ୟୁ ରାସ୍ତା ନିର୍ମାଣକୁ ନେଇ ସାହାଜବାହାଲରେ ତୁମୁଳକାଣ୍ଡ

- ଗ୍ରାମବାସୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି
- ଉତ୍ତ୍ୟକ୍ତ ଲୋକଙ୍କ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟରେ ଭଙ୍ଗାରୁଜା ଅଭିଯୋଗ

ଇବଥର୍ମାଲ,୧୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି କମ୍ପାନୀ ସକାଶେ ସାହାଜବାହାଲ ଗାଁର ଏକ ପୋଖରୀ କଡରେ ରାସ୍ତା କାମକୁ ନେଇ ତୁମୁଳ କାଣ୍ଡ ଘଟିଥିବା ଜଣାପଡିଛି। ରାସ୍ତା କାମ ଦ୍ୱାରା ପୋଖରୀ ପୋତି ହେବ ଏବଂ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଏହିରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରି ଜୋର ଜବରଦସ୍ତ କରି କାମ କରୁଥିବା ଅଭିଯୋଗ ହୋଇଛି। ଆଜି ସୁରକ୍ଷାକର୍ମୀଙ୍କୁ ଲଗାଇ କମ୍ପାନୀ କର୍ତ୍ତୃପକ୍ଷ ରାସ୍ତାକାମ କରୁଥିଲେ। ଏହି ସମୟରେ ଗାଁର କିଛି ମହିଳା ଓ ପୁରୁଷ ଆସି ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଠେଲାପେଲା ପରିସ୍ଥିତି ହୋଇଥିଲା। ମହିଳା ମାନଙ୍କୁ ଠେଲାପେଲା କରି ଅସଦାଚରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହରିଜନ ଆଦିବାସୀ ମହିଳାଙ୍କ ପ୍ରତି ଏଭଳି ଅନ୍ୟାୟ ଓ ବଳପୂର୍ବକ କାର୍ଯ୍ୟକୁ ଲୋକେ ଦୃଢ଼ ବିରୋଧ କରିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଘଟଣା ଘଟିବା ପରେ ବଳପୂର୍ବକ କମ୍ପାନୀ କାର୍ଯ୍ୟାଳୟରେ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଏବଂ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ପାଲଟା ଅଭିଯୋଗ ହୋଇଛି। ଖବରପାଇ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇ ଆଇ ସିରଞ୍ଜିତ ନାଏକ ପୁଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାରେ ଲାଗିଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ବାଟ ବାହାରି ପାରି ନାହିଁ। ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଏତଲା ବନହରପାଲି ପୁଲିସକୁ ଦିଆଯାଇଥିବା ବେଳେ ଜେଏସଡବ୍ଲ୍ୟୁ ସାହାଜବାହାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଧ୍ୟ ଏକ ଏତଲା ପୁଲିସକୁ ଦିଆଯାଇଥିବା ପୁଲିସ କହିଛି। ଉଭୟ ଏତଲାକୁ ଆଧାରକରି ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ।

### ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ କ୍ଷେତ୍ର ପରିଦର୍ଶନ

## ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ

ରାଉରକେଲା,୧୮।୧୨(ସମିସ)



ସୁନ୍ଦରଗଡ଼ ଜିଲ୍ଲାର ନୋଡାଲ ଅଧିକାରୀ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଦୁଇ ଦିନିଆ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପ, ଯୋଜନା ଆଦିର କାର୍ଯ୍ୟକାରିତା ତଥା ଅଗ୍ରଗତି ସମୀକ୍ଷା କରିଥିଲେ। ଏହା ସହିତ ଆଜି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ଏହି ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ନିୟମିତ ଭାବେ ବିଭାଗର ଯୋଜନା, ପ୍ରକଳ୍ପ, କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରିବା ସହିତ ସେ ସମ୍ବନ୍ଧୀୟ କୌଣସି ବ୍ୟବଧାନ ରହିଥିଲେ ତାହାର ନିରାକରଣ କରାଯିବା ଆବଶ୍ୟକ କହିଥିଲେ। ଏହା ସହିତ ଜନସାଧାରଣଙ୍କର ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ ସମସ୍ୟା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି, ସ୍ମାର୍ଟକ୍ଲାସ ରୁମ୍, ପି ଏମ ଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ଓ ୱାଟକୋ ର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ଏବଂ ବିଶେଷ କରି ପରିମଳ ବ୍ୟବସ୍ଥା ଏବଂ ଉପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗଗୁଡ଼ିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଭିତ୍ତିଭୂମି, ମାନବ ସମ୍ବଳ ଆଦି ଉପରେ ଆଲୋଚନା କରାଯାଇଥିଲା। ହଷ୍ଟେଲ ତଥା ଶୌଚାଳୟ ଗୁଡ଼ିକର ସ୍ୱଚ୍ଛତା ବଜାୟ ରଖାଯିବା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ଟିପିଡବ୍ଲୁଡିଏଲ୍, ସାମାଜିକ ସୁରକ୍ଷା ବିଭାଗ, ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକ ର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭାଗୀୟ ଅଧିକାରୀ ମାନେ ନିଜ ବିଭାଗ ଅର୍ନ୍ତଗତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆକାଂକ୍ଷା ବ୍ଲକ ଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି ଆଜି ଜିଲ୍ଲାର ବିଭିନ୍ନକ୍ଷେତ୍ର ପରିଦର୍ଶନ କରିଥିଲେ। ଲାଠିକଟା ବ୍ଲକ୍ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଟାଇଁସର ପଞ୍ଚାୟତ ପରିଦର୍ଶନ କରିବା ସହିତ ପିଆର୍‌ଆଇ ସଦସ୍ୟ ତଥା ସମସ୍ତ ଅଧିକାରୀମାନଙ୍କ ଆଲୋଚନା କରିଥିଲେ। ପରେପରେ ଟାଇଁସର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କରିଥିଲେ। ସେହିଭଳି କୁଆଁରମୁଣ୍ଡା ବ୍ଲକ ଅଧୀନ ଗ୍ରାମ୍ୟ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କର ବିଭିନ୍ନ କାର୍ଯ୍ୟଦେଖିବା ସହିତ ସେମାନଙ୍କ ସହ ଆଲୋଚନା କରିଥିଲେ।

## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଧାରଣା




ଦେବଗଡ,୧୮।୧୨(ସମିସ): ନ୍ୟାସନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ପାଇଁ ଗୁରୁବାର ଦେବଗଡ଼ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ସେମ ହେମ୍ବ୍ରାମଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀଙ୍କ ପକ୍ଷରୁ ବିଜେପି ବିରୋଧରେ ଧାରଣା ପ୍ରଦର୍ଶନ କରାଯାଇଛି। ବିଜେପି ପକ୍ଷରୁ ବିନା କାରଣରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ସହ କଂଗ୍ରେସ ଦଳକୁ ବଦନାମ୍ କରିବା ପାଇଁ ଚକ୍ରାନ୍ତ କରାଯାଇଥିବା ନେଇ ଶ୍ରୀ ହେମ୍ବ୍ରାମ ଅଭିଯୋଗ କରିଥିଲେ। ଦଳୀୟ ପଦାଧିକାରୀ ମାନେ ବିଜେପି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ବରିଷ୍ଠ ନେତା କ୍ଷୀରୋଦ ନାରାୟଣ ସାହୁ, ରେବତୀ ମୋହନ ପଟ୍ଟନାୟକ, କଂଗ୍ରେସ ଆଦିବାସୀ ସେଲ ସଭାପତି ସୁଶୀଲ ଗୁଡିଆ, କଂଗ୍ରେସ ଏସସି ସେଲ ସଭାପତି ରମେଶ ଚନ୍ଦ୍ର ପାତ୍ର, ରାଜ୍ୟ କିଷାନ କଂଗ୍ରେସ ସଂଯୋଜକ ଦେବେନ୍ଦ୍ର ଗଡନାୟକ, ସୁଦୀପ୍ତ ଶତପଥୀ, ସୁମନ୍ତ ବେହେରା, ନାଥ କୃଷ୍ଣ ଜାଲ, ଛାତ୍ର କଂଗ୍ରେସ ସଭାପତି ଆନନ୍ଦକୁଲା ଓ ସନ୍ତୋଷ ଉଦାବର୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷଣ କର୍ମଶାଳା 'ଉନ୍ମେଷ' ଉଦ୍‌ଯାପିତ

ଝାରସୁଗୁଡ଼ା,୧୮।୧୨(ସମିସ): କେଜି ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହାଠାରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ବେଦାନ୍ତ ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିବା ସହିତ ଜିଲ୍ଲାରେ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଏହାର ଉଦ୍ଦେଶ୍ୟ ରହିଥିଲା। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଲାବିରା ବିଇଓ ପ୍ରକାଶ ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ, ମୁରଲିପାଲି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା କଳ୍ପନା ପ୍ରଧାନ, ଜମେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟ ଶଙ୍କର ନାଗ, ବାଘମୁଣ୍ଡା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମହେନ୍ଦ୍ର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିପ୍ଳବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗ ପ୍ରଶିକ୍ଷକ ମହେନ୍ଦ୍ର ପଧାନଙ୍କ ଦ୍ୱାରା ପ୍ରତିଦିନ ଯୋଗ ଶିକ୍ଷା ଦିଆଯାଉଥିଲା। ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ ଦୂର କରାଯାଇଥିଲା। ଆସନ୍ତା ଜାନୁଆରୀରେ ଏହାର ଚତୁର୍ଥ କର୍ମଶାଳା ଆୟୋଜନ କରାଯିବ। ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ଶିବଶଙ୍କର ମେହେର, ଜୟଶଙ୍କର ନାଗ, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ନିତ୍ୟାନନ୍ଦ ନାୟକ, ଟୁନାରଣା, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଛି।

## ଧାନବିକ୍ରି ନେଇ କୃଷକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ



ଝାରସୁଗୁଡ଼ା,୧୮।୧୨(ସମିସ): ଧାନ ବିକ୍ରି ପାଇଁ ଟୋକନକୁ ନେଇ ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାଁ ସମଲେଶ୍ୱରୀ କୃଷକ ସଂଗଠନ ରାଜପୁର ଚାନ୍ଦନୀମାଲ ଲୋଇସିଂ ଗୌଡମାଳ ଆନୁକୂଲ୍ୟରେ ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଦିଲୀପ ବଢ଼େଇ ଅଧ୍ୟକ୍ଷତା କରିଥିଲେ। ଚଳିତ ଖରିଫ ଋତୁରେ ଧାନ କିଣା ବିକା ସମସ୍ୟାକୁ ନେଇ ବିଶଦ ଭାବେ ଆଲୋଚନା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜପୁର ଚାନ୍ଦନୀମାଲ ଲୋଇସିଂ ଗୌଡମାଳ ଅଞ୍ଚଳର ଚାଷୀଙ୍କର ସମସ୍ୟାର ସମାଧାନ ନିମନ୍ତେ ସରକାର ସମସ୍ତ ଚାଷୀଙ୍କର ଏକ କାଳୀନ ଟୋକନ ଓ ଟାର୍ଗେଟ ଦିଅନ୍ତୁ ବୋଲି ଦାବି କରିଥିଲେ। ଏହା ସମ୍ଭବ ନ ହେଲେ ଆଗାମୀ ଦିନରେ ସଙ୍ଗଠନର ସମସ୍ତ ଚାଷୀ ପରିବାରକୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଦୁର୍ବାର ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି କୃଷକ ସଂଗଠନ ପକ୍ଷରୁ କୁହାଯାଇଛି।

## ଝାରସୁଗୁଡ଼ା ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୧୮।୧୨(ସମିସ): ଝାରସୁଗୁଡ଼ା ବ୍ଲକ୍ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ କୁଇଜ୍ ପ୍ରତିଯୋଗିତା ଗୁରୁବାର ଝାରସୁଗୁଡ଼ା ସହର ସ୍ଥିତ ଟାଉନ ହାଇସ୍କୁଲ ଏବଂ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରରୁ ଆସିଥିବା ତୃତୀୟ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଏହିକୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀ ଅନୁଯାୟୀ ଉପ-କନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ଏପରି ତିନି ଭାଗରେ ବିଭକ୍ତ କରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦ୍ୟାପନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ବି.ଇ.ଓ. ଅନୀଲ ପଟେଲ, ଏ.ବି.ଇ.ଓ. ରବୀନ୍ଦ୍ର ସାହୁ, ସୁଶାନ୍ତ ହୋତା ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତା କାର୍ଯ୍ୟକ୍ରମ ଏ.ବି.ଇ.ଓ ଅଜୟ ପାଟଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୂରଜ ପଟେଲ, ଚେମାନନ୍ଦ ଦିହିରିଆ, ଅଶୋକ ଜୟାଲ ତଥା ବ୍ଲକ୍ ଅନ୍ତର୍ଗତ ସମସ୍ତ ସି.ଆର୍.ସି.ସି. ସହଯୋଗ କରିଥିଲେ।



## ପତ୍ନୀ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୧୮।୧୨(ସମିସ): ଦେବଗଡ଼ ଜିଲ୍ଲା ଓ ଦୌରାଜଜ ଗୁରୁବାର ଏକ ହତ୍ୟା ମାମଲାର ବିଚାର କରି ପତ୍ନୀ ହତ୍ୟା ଅଭିଯୋଗରୁ ଅଭିଯୁକ୍ତକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଗତ ୨୦୨୨ ମାର୍ଚ୍ଚ ୧୩ ତାରିଖ ବାରକୋଟ ଥାନା ଅଧୀନ ଜୟପିଚ୍ଛୁଲା ଗାଁର ଯୁଧିଷ୍ଠିର ମୁଣ୍ଡା ତାର ସ୍ତ୍ରୀ କୁଡାଣୀ ମୁଣ୍ଡାର ଚରିତ୍ରକୁ ସନ୍ଦେହ କରି ଟାଙ୍ଗିଆ ବେଣ୍ଟରେ ପିଟିପିଟି ହତ୍ୟା କରିଥିବା ବାରକୋଟ ଥାନାରେ ଅଭିଯୋଗ ହୋଇଥିଲା। ମୃତା କୁଡାଣୀଙ୍କ ଭାଇ ଜଗାବଳିଆ ଶବର ବାରକୋଟ ଥାନାରେ ଏହି ଅଭିଯୋଗ କରିଥିଲା। ପୁଲିସ ଯୁଧିଷ୍ଠିର ବିରୁଦ୍ଧରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତଦନ୍ତ ପରେ ପୁଲିସ ଅଭିଯୁକ୍ତ ଯୁଧିଷ୍ଠିର ବିରୁଦ୍ଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତରେ ବାରମ୍ବାର ଜାମିନ ଆବେଦନ କରାଯାଇଥିଲେ ହେଁ ଏହା ଖାରଜ ହେଉଥିଲା। ତେଣୁ ସେବେ ଠାରୁ ଯୁଧିଷ୍ଠିର ବିଚାରାଧିନ ବନ୍ଦୀ ଭାବେ ଜେଲ ହାଜତରେ ରହିଥିଲା। ଅଦାଲତ ମାମଲାର ବିଚାର କରି ୨୧ ଜଣ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଆଜି ଉପଯୁକ୍ତ ପ୍ରମାଣ ଅଭାବରୁ ଯୁଧିଷ୍ଠିରକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୧୮।୧୨(ସମିସ): ଲଖନପୁର ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ କୁଇଜ୍ ପ୍ରତିଯୋଗିତା ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଖନପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଲଖନପୁର ଶିକ୍ଷା ବ୍ଲକ୍ ଅଧୀନ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଜଣେ ଲେଖାଏଁ, ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଲଖନପୁର ସରପଞ୍ଚ ଆରତି ପଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ହେମସାଗର ଚୌଧୁରୀ, ସ୍ଥାନୀୟ ବିଦ୍ୟାଳୟର ଅଧକ୍ଷା ସଂଗୀତା ସାହୁ, ବରିଷ୍ଠ ଶିକ୍ଷକ ବିନୋଦ ବିଶ୍ୱାଳ, ସେକ୍ସନ ଅଫିସର ସଦାନନ୍ଦ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ଚନ୍ଦ୍ରାନନ୍ଦ ବୁଡା ପରିଚାଳନା କରିଥିବା ବେଳେ ସିଆରସିସି ଲଳିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଆମାଳ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ




ରିଆମାଳ,୧୮।୧୨(ସମିସ): ରିଆମାଳ ଶିଶୁ ବିଦ୍ୟାମନ୍ଦିରର ଗୁରୁବାର ୨୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ଯୋଗ ଦେଇଥିଲେ। ନୂଆଁପଡା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ରୋହିତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଖଣ୍ଡିୟସଙ୍ଘ ଚାଳକ ପ୍ରମୋଦ ପ୍ରଧାନ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଧିରେନ୍ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ହେମନ୍ତ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାକେଶ ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟ ଛାତ୍ରୀ ସାଇ ସିଦ୍ଧି ମିଶ୍ର, ଇତିଶ୍ରୀ ପ୍ରଧାନ, ସ୍ମୃତିଲେଖା ପ୍ରଧାନ, ଶୁଭସ୍ମିତା ସାହୁ, ପ୍ରତୀକ୍ଷା ଦେହୁରୀ, ମନୀଷା ସ୍ୱାଇଁ ଓ ସୋନାଲିକା ବିଶ୍ୱାଳ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଗତବର୍ଷ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷା ଟପ୍ପର କ୍ରିଷ୍ଣା ବିଶ୍ୱାଳ ଓ ଗତବର୍ଷ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଥିବା ଘନ୍ଟେଶ୍ୱର୍ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ପ୍ରଧାନ, ପ୍ରତାପ ସ୍ୱାଇଁ, ରାଜେଶ ବେହେରା, ଭୀଷ୍ମ ବେହେରା, ବିରଜା ନନ୍ଦ, ହରେଶ ବେହେରା, ଭାରତୀ ପ୍ରଧାନ, ଗୀତାଞ୍ଜଳି ସାହୁ, ପ୍ରଭାତୀ ପ୍ରଧାନ, ସରିତା ସାମଲ, ସୌଦାମିନୀ ପରିଡା, ଲକ୍ଷ୍ମୀ ପ୍ରିୟା ମାଝୀ, ଗୀତାଞ୍ଜଳି ପଣ୍ଡା ଓ ସୁନୀତା ସାହୁଙ୍କ ସମେତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ।

## ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି

ଦେବଗଡ,୧୮।୧୨(ସମିସ): ଓରମାସ ଡେପୁଟି ସିଇଓ ରବୀନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟରେ ପଲ୍ଲିଶ୍ରୀ ମେଳାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ମଣ୍ଡପ ଜାନୁଆରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଉତ୍ସବ ପ୍ରଧାନପାଟ ଅବସରରେ ବଡ ବଗିଚା ପଡିଆ ଠାରେ ୫ ଦିନ ଧରି ମେଳା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତିନି ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦଶମ ମା' ଲକ୍ଷ୍ମୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଚିଚିଣ୍ଡାକୁ ହରାଇ ମଧୁପୁର ଚାମ୍ପିଅନ

ଝାରସୁଗୁଡ଼ା,୧୮।୧୨(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଇମୁଣ୍ଡା ଠାରେ ମାଁ ଲକ୍ଷ୍ମୀ ଯୁବ ସଙ୍ଘ ଭୋଇମୁଣ୍ଡା ଆନୁକୂଲ୍ୟରେ ଗତ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପାଞ୍ଚ ଦିବସୀୟ ଦଶମ ମା ଲକ୍ଷ୍ମୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମଧୁପୁର ଓ ଚିଚିଣ୍ଡା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ମଧୁପୁର ଦଳ ବିଜୟୀ ହୋଇଥିବା ବେଳେ ଚିଚିଣ୍ଡା ଦଳ ଉପବିଜୟୀ ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ଯୋଗଦାନ କରିଥିବା ବେଳେ ଗାଁର ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା।

୫ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ଆୟୋଜକ କମିଟି ସଭାପତି ଭୀମ ମେହେର, ସେକ୍ରେଟାରୀ ଗଦାଧର କଉଡି, ପ୍ରଦୀପ ମେହର, ସନ୍ତୋଷ ମେହେରଙ୍କ ସମେତ ମା ଲକ୍ଷ୍ମୀ ୟୁଥ କ୍ଲବ୍ ଭୋଇମୁଣ୍ଡର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଝାରସୁଗୁଡ଼ା,୧୮।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷକ ସୌରୀନାରାୟଣ ସିଂହଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜିବକୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତକା ଉତ୍ତୋଳନ କରି ଆରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଡିଓ ଅଭିନାଶ ଲାକ୍ରା ମୁଖ୍ୟ ଅତିଥି, ବିଇଓ ଜୟନାରାୟଣ ପଣ୍ଡା, ସରପଞ୍ଚ ସନ୍ତୋଷିନୀ ପଟେଲ, ଏସଏମସି ସଭାପତି ଭରତ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରୋହିତ ମୁଣ୍ଡା ଓ ଉଷା ମୁଣ୍ଡା ଚାମ୍ପିଅନ ହୋଇଥିଲେ। ଖେଳ ଶିକ୍ଷକ ଅମୀୟ ଷଣ୍ଢ, ସଞ୍ଜୟ ବେହେରା, ଅକ୍ଷୟ ନାଏକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ କୌଶିକ ବେହେରା ମଞ୍ଚ ପରିଚିନା କରିଥିଲେ। ଶିକ୍ଷକ ଆଦିତ୍ୟ ମିଶ୍ର, ସୁଶୀଲ ପାଣ୍ଡେ, ସୁରଜ ସାହୁ, ଶିକ୍ଷୟିତ୍ରୀ ସଙ୍ଗିତା ନାୟକ, ଶିକ୍ଷାରାୟ, ନିକିତା ବାଗ, ଦେବକୀ ଖୁଣ୍ଟିଆ, ବବି ନାଏକ, ତପସ୍ୱିନୀ ରନବିଡା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବିକାଶ ଭୋଇ ଧନ୍ୟବାଦ ଦେଇଥିଲେ।



# ହିମାଳୟ କ୍ଷେତ୍ରରେ ଚୀନ୍ ନିର୍ମାଣ କରୁଛି ରହସ୍ୟମୟ ବନ୍ଧ



## ଭାଙ୍ଗିଲେ ଭାରତରେ ରଚିବ ଧ୍ୱଂସର ତାଣ୍ଡବ

ବେଜିଂ, ୧୮ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରର ଦୁର୍ଗମ ଅଞ୍ଚଳରେ ଚୀନ୍ ବିଶ୍ୱର ସବୁଠାରୁ ବୃହତ୍ ଜଳବିଦ୍ୟୁତ ବନ୍ଧ ନିର୍ମାଣ କରୁଛି । ଏହି ବନ୍ଧ ଚୀନର ଜନବହୁଳ ଅଞ୍ଚଳଠାରୁ ଶହଶହ କିମି ଦୂରରେ ଅବସ୍ଥିତ । ଦେଶ ପାଇଁ ଆବଶ୍ୟକ ବିଦ୍ୟୁତ ଉତ୍ପାଦନ ପାଇଁ ଏହି ବନ୍ଧ ନିର୍ମାଣ କରୁଛି ବୋଲି ଚୀନ କହୁଛି । କିନ୍ତୁ ପ୍ରକୃତରେ ଚୀନ ଏହି ବନ୍ଧ ନିର୍ମାଣ କରି ବ୍ରହ୍ମପୁତ୍ରର ନଦୀକୁ ରୋକିବାକୁ ଚାହୁଁଛି । ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ଏହି ବିଶାଳ ପ୍ରକଳ୍ପ ନିର୍ମାଣ କରୁଛି । ଏହି ନଦୀ ଭାରତରେ ବ୍ରହ୍ମପୁତ୍ର ଓ ବାଂଲାଦେଶରେ ଯମୁନା ନଦୀ ଭାବେ ପରିଚିତ । ନ୍ୟୁଜ୍ ଏଜେନ୍ସି ସିଏନ୍ଏନ୍ ଦେଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୬୮ ବିଲିଅନ ଡଲାର ବିନିମୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ଦ୍ୱାରା ୩ ଗର୍ଗେଟ ଡ୍ୟାମଠାରୁ ୩ ଗୁଣା ଅଧିକ ବିଦ୍ୟୁତ ନିର୍ମାଣ କରାଯାଇପାରିବ ବୋଲି ଚୀନ୍ ଦାବି କରିଛି । ଚୀନ୍ ଦାବି ଯାହା ହେଉନା କାହିଁକି, ବାସ୍ତବରେ ଏହା ଭାରତ ପାଇଁ ମହା ବିପଦ ସୃଷ୍ଟି କରୁଛି । ଏହି ବନ୍ଧ ସହିତ ଚୀନ୍ ଆଞ୍ଚଳିକ ପରିବେଶ ଓ ଏହାକୁ ଲାଗି ଥିବା ପ୍ରାକୃତିକ କ୍ଷେତ୍ରକୁ ନଷ୍ଟ ତଥା ଧ୍ୱଂସ କରିବ । ପରିବେଶ ଉପରେ ଏହି ବନ୍ଧର ବିନାଶକାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଇଛି । ଏହା ଦ୍ୱାରା ବିରଳ, ପ୍ରାଚୀନ ପରିସଂସ୍ଥା ଏବଂ ସେଠାରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପୈତୃକ ଘର ତଥା ଭିଟାମାଟି ପ୍ରତି ବଡ଼ କ୍ଷତି ପହଞ୍ଚାଇବ ।

ପୁଣି ଭାରତ ଓ ବାଂଲାଦେଶର ତଳମୁଣ୍ଡରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକ ଏହି ନଦୀ ଉପରେ ନିର୍ଭର କରନ୍ତି । ଚୀନ୍‌ର ଏହି ଉଚ୍ଚାଭିଳାଷି ପ୍ରକଳ୍ପକୁ 'ଜଳ ବୋମା' ବୋଲି କୁହାଯାଉଛି । ପ୍ରକଳ୍ପଟି ଯେତିକି ରହସ୍ୟମୟ ଓ ସେତିକି ବିଶାଳ ମଧ୍ୟ । ଭବିଷ୍ୟତରେ ଏହା ଭାରତ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଛି । ଏହି ପ୍ରକଳ୍ପର ଡିଜାଇନ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ । ଏହା ଦ୍ୱାରା ଭୂକମ୍ପର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯିବ ନାହିଁ ବୋଲି ସିଏନ୍ଏନ୍ ତା'ର ରିପୋର୍ଟରେ ଉଲ୍ଲେଖ କରିଛି । କାରଣ ହିମାଳୟକ୍ଷେତ୍ର ତଥା ଏହି ଅଞ୍ଚଳ ସବୁଠାରୁ ଭୂକମ୍ପ ଦୃଷ୍ଟିରୁ ସକ୍ରିୟ ରହିଛି । ଏଠାରେ ଭୂକମ୍ପ ସହିତ ଭୂସ୍ଖଳନ ଓ ହିମସ୍ରୋତ ବିସ୍ଫୋରଣର ଆଶଙ୍କା ସର୍ବଦା ରହିଥାଏ । ଯଦି ବନ୍ଧ ଗଠନ ପ୍ରକ୍ରିୟାରେ ସାମାନ୍ୟ ବିଫଳତା ହୁଏ ଓ ଏହି ବନ୍ଧ ଭାଙ୍ଗିଯାଏ, ତେବେ ଏହାର ପ୍ରଭାବ କେବଳ ଚୀନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଭାରତ ଓ ବାଂଲାଦେଶର କୋଟି କୋଟି ଲୋକ ଏହି ନଦୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ହଠାତ ବନ୍ଧ ଭାଙ୍ଗିଲେ କିମ୍ବା ପାଣି ଛଡ଼ା ଗଲେ ଏହା ଏକ 'ଜଳ ବୋମା' ଭଳି ପରିସ୍ଥିତି ସୃଷ୍ଟି କରିବା ସହ ଧ୍ୱଂସର ତାଣ୍ଡବଲୀଳା ରଚିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ପଶ୍ଚିମବଙ୍ଗରେ ଗାନ୍ଧୀଙ୍କ ନାମରେ ହେବ ରୋଜଗାର ଗ୍ୟାରେଣ୍ଟି ଯୋଜନା: ମମତା


କୋଲକାତା, ୧୮ ।୧୨(ଏଜେନ୍ସି): ରୋଜଗାର ଗ୍ୟାରେଣ୍ଟି ସ୍କିମ୍ 'ମନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଏକ ନୂଆ ଘୋଷଣା କରିଛନ୍ତି । ରାଜ୍ୟର ଚାଲିଥିବାର ରୋଜଗାର ଗ୍ୟାରେଣ୍ଟି ଯୋଜନା 'କର୍ମଶ୍ରୀ'ର ନାମ ପରିବର୍ତ୍ତନ କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମରେ ରଖାଯିବ ବୋଲି ସେ କହିଛନ୍ତି । ୨୦୨୪ରେ ରାଜ୍ୟରେ 'କର୍ମଶ୍ରୀ' ଯୋଜନା ଆରମ୍ଭ ହୋଇଥିଲା । ଗାଁ ଓ ସହରରେ ଥିବା ଗରିବ ଲୋକଙ୍କୁ ରୋଜଗାର ଦେବା ଏହି ଯୋଜାନର ମୁଖ୍ୟ ଲକ୍ଷ୍ୟ ଥିଲା । ଏବେ ଏହାର ନାମ ହେବ 'ମହାତ୍ମା ଗାନ୍ଧୀ କର୍ମଶ୍ରୀ' ଯୋଜନା । ଗୁରୁବାର ଅନୁଷ୍ଠିତ କମର୍ସ ଓ ଇଣ୍ଡଷ୍ଟ୍ରୀ କନକ୍ଲେଭରେ ଯୋଗ ଦେଇ ମମତା ଏ ନେଇ ଘୋଷଣା କରିଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନରେ ଏପରି କରାଯିବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଗାନ୍ଧୀଙ୍କ ନାମ ହଟାଇ ମନରେଗାର ନାମକୁ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ରେ ପରିବର୍ତ୍ତନ କରାଯାଇଛି ଓ ଗୁରୁବାର ଲୋକସଭାରେ ଏ ନେଇ ବିଲ୍ ପାରିତ ହୋଇଛି ।

## ଦଳାଚକଟା ପରେ ବିଜୟଙ୍କ ପ୍ରଥମ ରାଲି



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): କରୁର ଦଳାଚକଟା ପରେ ଗୁରୁବାର ଅଭିନେତା ତଥା ତାମିଲଗା ବେଟ୍ରୀ କାଝଗମ୍ (ଟିଭିକେ) ଦଳ ପ୍ରମୁଖ ବିଜୟ ତାମିଲନାଡୁରେ ତାଙ୍କର ପ୍ରଥମ ରାଜନୈତିକ ରାଲିର ଆୟୋଜନ କରିଛନ୍ତି । ଏଥିରେ ୩୫, ୦୦୦ ଲୋକ ଯୋଗ ଦେଇଥିଲେ । ରାଲି ଅବସରରେ ଜଣେ ସମର୍ଥକ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ । ଫଳରେ କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଦୌଡ଼ାଦୌଡ଼ି ଦେଖିବାକୁ ମିଳିଥିଲା । ବେହୋଶ ହୋଇଥିବା ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କର ଚିକିତ୍ସା ଚାଲିଛି । ରାଲିରେ ନିଜର ବକ୍ତବ୍ୟ ଦେବା ଅବସରରେ ସେ ଡିଏମ୍‌କେକୁ ସମାଲୋଚନା କରିଥିଲେ । ଏବେ ଭଲ ଓ ମନ୍ଦ ଅର୍ଥାତ ଧର୍ମ ଓ ଅଧର୍ମ ମଧ୍ୟରେ ଯୁଦ୍ଧ ହେବ । ମୋ ବିରୋଧରେ ଷଡଯନ୍ତ୍ର ରଚା ଯାଉଛି । କିନ୍ତୁ ସେମାନେ ଏଥିରେ ସଫଳ ହେବେ ନାହିଁ ବୋଲି ବିଜୟ କହିଥିଲେ । କେତୋଟି ସର୍ତ୍ତ ସହ ଏହି ରାଲି ଆୟୋଜନ କରିବାକୁ ଅନୁମତି ଦିଆଯାଇଥିଲା ।

## ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାରଙ୍କ ପରଲୋକ



ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦେଶର ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୂତାର ବୁଧବାର ବିଳମ୍ବିତ ରାତିରେ ନୋଏଡାସ୍ଥିତ ତାଙ୍କ ବାସଭବନରେ ପରଲୋକଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଗୁରୁବାର ତାଙ୍କ ପୁଅ ଅନିଲ ସୂତାର ପିତାଙ୍କ ପରଲୋକ ନେଇ ସୂଚନା ଦେଇଥିଲେ । ୧୯୨୫ ଫେବୃଆରୀ ୧୯ରେ ସେ ମହାରାଷ୍ଟ୍ରର ଧୂଳେ ଜିଲ୍ଲାର ଗୋଣଡୁର ଗାଁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ମୁମ୍ବଇର ଜେଜେ ସ୍କୁଲ ଅଫ୍ ଆର୍ଟ ଆଣ୍ଡ ଆର୍କିଟେକଚରରେ ଅଧ୍ୟୟନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ରାମ ସୂତାର ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି, ଗୁଜରାଟରେ ସ୍ଥାପିତ ଷ୍ଟାଚ୍ୟୁ ଅଫ୍ ୟୁନିଟି (ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି) ଭଳି ସ୍ମାରକୀ ମୂର୍ତ୍ତିର ଡିଜାଇନ୍ କରିଥିଲେ । ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟମଧ୍ୟରେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ଧ୍ୟାନ ପ୍ରତିମୂର୍ତ୍ତି ଓ ଘୋଡ଼ା ଚଢ଼ିଥିବା ଛତ୍ରପତି ଶିବାଜୀ ମହରାଜଙ୍କ ପ୍ରତିମୂର୍ତ୍ତି ଅନ୍ତର୍ଭୁକ୍ତ । ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ ଓ ୨୦୧୬ରେ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ତାଙ୍କୁ ମହାରାଷ୍ଟ୍ରର ସର୍ବୋଚ୍ଚ ନାଗରିକ ସମ୍ମାନ 'ମହରାଷ୍ଟ୍ର ଭୂଷଣ' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ତାଙ୍କ ପରଲୋକରେ ମହରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏକନାଥ ସିନ୍ଦେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଘର ଭଡ଼ା ମାଗିବାରୁ ମାଲିକାଣୀଙ୍କୁ ହତ୍ୟା

ଗାଜିଆବାଦ୍, ୧୮ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଜଣେ ପତି-ପତ୍ନୀ ସାଥିହୋଇ ଘର ମାଲିକାଣୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ବାକିଥିବା ୬ ମାସର ଘର ଭଡ଼ା ମାଗିବାକୁ ଘର ମାଲିକାଣୀ ଦୀପଶିଖା ପହଞ୍ଚିଥିଲେ । ତାଙ୍କୁ ଦେଖି ଉଭୟ ପତି ଓ ପତ୍ନୀ ରାଗିଯାଇଥିଲେ । ଦୀପଶିଖାଙ୍କୁ ଘରକୁ ଡାକି ଦୁହେଁ କୁକର୍‌ରେ ବାଡେଇ ଥିଲେ ଓ ମାଡପିଟ୍ କରିବା ସହ ଦୁପଟ୍ଟାରେ ଗଳା ଭିଡ଼ି ହତ୍ୟା କରିଥିଲେ । ଲୁଚାଇବା ପାଇଁ ଦୁହେଁ ଦୀପଶିଖାଙ୍କ ମୃତଦେହକୁ ଛୋଟ ଛୋଟ ଖଣ୍ଡରେ କାଟି ସୁଟ୍‌କେସ୍‌ରେ ଭର୍ତ୍ତି କରିଥିଲେ ଓ ଏହାକୁ ପଲଙ୍କର ବାକ୍ସରେ ଲୁଚାଇଦେଇଥିଲେ । ଡିସେମ୍ବର ୧୭ରେ ଏହି ଘଟଣା ଘଟିଥିଲା । ବହୁ ସମୟ ଧରି ଦୀପଶିଖା ଘରକୁ ନ ଫେରିବାରୁ ପରିବାର ଲୋକେ ସିସିଟିଭିର ଯାଞ୍ଚ କରି ଅଘଟଣ ଆଶଙ୍କା କରିଥିଲେ ଓ ଏ ନେଇ ପୁଲିସକୁ ସୂଚନା ଦେଇଥିଲେ । ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଭଡାଟିଆ ପତି-ପତ୍ନୀଙ୍କୁ ପଚରା ଉଚରା କରିଥିଲେ । ଦୁହେଁ ତୁରନ୍ତ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଥିଲେ । ଏହାପରେ ବେଡ୍ ବକ୍ସ ତଳୁ ତାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ପୁଲିସର ସୂଚନା ଅନୁସାରେ ଫରିଦାବାଦର ଏକ ଘରୋଇ କମ୍ପାନୀରେ ଉମେଶ ଶର୍ମା ଇଞ୍ଜିନିୟର ଭାବେ କର୍ଯ୍ୟରତ ଅଛନ୍ତି । ତାଙ୍କ ପତ୍ନୀ ୪୦ ବର୍ଷୀୟା ଦୀପଶିଖା ଘରେ ରୁହନ୍ତି । ଅଭିଯୁକ୍ତ ୫ ଦିନ ତଳେ ହତ୍ୟା ପାଇଁ ଯୋଜନା କରିଥିଲେ । ମୃତଦେହ ଥିବା ସୁଟ୍‌କେସକୁ ନଦୀରେ ଭସାଇବାକୁ ଯୋଜନା କରିଥିଲେ କିନ୍ତୁ ଏହା ପୂର୍ବରୁ ଦୁହେଁ ଧରାପଡ଼ିଥିଲେ । ପୁଲିସ ଏହି ମାମଲାରେ ଅଭିଯୁକ୍ତ ପତି-ପତ୍ନୀଙ୍କୁ ଗିରଫ କରି ଯାଞ୍ଚ କରୁଛି ।



## ମୋଦୀଙ୍କୁ ଓମାନର ସର୍ବୋଚ୍ଚ ସମ୍ମାନ

ମସ୍କାଟ: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓମାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଓମାନ'ରେ ସମ୍ମାନିତ କରାଯାଇଛି । ଓମାନର ସୁଲତାନ ହାଇଥମ ବିନ୍ ତାରିକ ଗୁରୁବାର ଦିନ ମସ୍କାଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଭାରତ ଓ ଓମାନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

# ତଥାପି ସୁଧୁରୁନି ଦିଲ୍ଲୀ ପ୍ରଦୂଷଣ

## ଏକ୍ୟୁଆଇ ତଥ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କ ଦାବି ମଧ୍ୟରେ ତାଳମେଳ ନାହିଁ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍‌ରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ପ୍ରଦୂଷଣ କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ଚଳିତବର୍ଷ ପ୍ରଦୂଷଣ ବହୁତ ଗମ୍ଭୀରସ୍ଥିତିକୁ ଯାଇଛି । ଅନେକ କଟକଣା ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣକୁ ଆସୁନାହିଁ । ସମସ୍ତ କାର୍ଯ୍ୟାଳୟ ପାଇଁ ୫୦ ଭାଗ କର୍ମଚାରୀ ୱାର୍କ ଫ୍ରମ୍ ହୋମ କଟକଣା ଲାଗୁ କରାଯାଇଛି । ଏହାସହିତ ଦିଲ୍ଲୀ ଭିତରକୁ ବାହାର ରାଜ୍ୟରୁ ପୁରୁଣା ଗାଡ଼ି ପ୍ରବେଶକୁ ମଧ୍ୟ ଆଜିଠାରୁ ବନ୍ଦ କରି ଦିଆଯାଇଛି । ପୁଣି ପ୍ରଦୂଷଣ ସାର୍ଟିଫିକେଟ ନ ଦେଖାଇଲେ ଗାଡ଼ିକୁ ତେଲ ମିଳିବ ନାହିଁ । ଆଜି ଠାରୁ ଏହିସବୁ କଟକଣା ଲାଗୁ କରାଯାଇଥିବାରୁ ଆଗାମୀ କିଛି ଦିନ ମଧ୍ୟରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଅନୁମାନ କରାଯାଉଛି ।

ସୂଚନାଯୋଗ୍ୟ ଯେ ଚଳିତ ଡିସେମ୍ବର ମାସରେ ଦୁଇଦିନ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା । ଏ ନେଇ ଏନ୍‌ସିଆର ମନିଟରିଂ ଷ୍ଟେସନରୁ ମିଳିଥିବା ସରକାରୀ ତଥ୍ୟ ଓ ସଂସଦରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଦେଇଥିବା ତଥ୍ୟ ରେ ତାଳମେଳ ରହୁନଥିବା ଜଣାଯାଇଛି । ଏକ୍ୟୁଆଇ ନେଇ ମନ୍ତ୍ରୀ ଦେଇଥିବା ତଥ୍ୟ ସହ ମେଳ ଖାଉନି ମନିଟରିଂ ଷ୍ଟେସନରେ ରେକର୍ଡ ହୋଇଥିବା ତଥ୍ୟ । ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି ଯେ, ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନୁଯାୟୀ ଦିଲ୍ଲୀ-ଏନ୍‌ସିଆରରେ ଚଳିତବର୍ଷ ଗୋଟିଏ ବି ଦିନ ଏକ୍ୟୁଆଇ ୪୫୦ ଉପରେ ରେକର୍ଡ ହୋଇନାହିଁ । ନୀତିଗତ ପଦକ୍ଷେପ ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏକ୍ୟୁଆଇରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି ।

କିନ୍ତୁ ବିଭିନ୍ନ ମନିଟରିଂ କେନ୍ଦ୍ରରୁ ମିଳିଥିବା ତଥ୍ୟ ଭିନ୍ନ କଥା କହୁଛି । ଡିସେମ୍ବରରେ ୩ ଦିନ ଏକ୍ୟୁଆଇ ଗମ୍ଭୀର ସ୍ଥିତିରେ ପହଞ୍ଚିଥିଲା ବୋଲି କୁହାଯାଇଛି । ନୋଏଡ଼ାରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୫୫ ଥିଲା ଓ ୧୪ରେ ଏହା ୪୬୬ରେ ପହଞ୍ଚିଥିଲା । ସେହିପରି ୧୫ ତାରିଖରେ ଏହା ୪୩୭ ଥିଲା । ସେହିପରି ଦିଲ୍ଲୀରେ ଡିସେମ୍ବର ୧୩ରେ ଏକ୍ୟୁଆଇ ୪୬୧, ୧୪ରେ ୪୨୭ ଥିଲା । ଜିଆରଏପି ନିୟମ ଲାଗୁ ହେବା ପରେ ଏହା ୪୫୦ ଉପରେ ଥିଲା ଓ ଏହା ଗମ୍ଭୀର ସ୍ଥିତିକୁ ସୂଚାଇଥିଲା । ସେହିପରି ନଭେମ୍ବର ୧୧, ୧୨, ୧୯ ଓ ୨୩ ତାରିଖରେ ଏକ୍ୟୁଆଇ ୪୦୮ ରୁ ୪୨୫ ମଧ୍ୟରେ ଥିଲା ।

## ନୈନୀତାଲରେ ଖାଇକୁ ଖସିଲା ସ୍କର୍ପିଓ; ୩ ମୃତ

ନୈନିତାଲ, ୧୮ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ନୈନୀତାଲରେ ଗୁରୁବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍କର୍ପିଓ ୨୦୦ ଫୁଟ ତଳେ ଥିବା ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗାଡ଼ିରେ ଥିବା ଜଣେ ଯୁବକଙ୍କ ମା, ପତ୍ନୀ ଓ ଶାଳି ମୃତ୍ୟୁବରଣ କରିଛନ୍ତି । ପାଖାପାଖି ସକାଳ ୯ ଟାରେ ଭବାଲି-ଅଲମୋଡ଼ା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା ଓ ଏଥିରେ ୩ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି ବୋଲି ଭବାଲୀ ପୁଲିସ ତରଫରୁ କୁହାଯାଇଛି । ଡ୍ରାଇଭରକୁ ନିଦ ଆସିବା କାରଣରୁ ଆଖି ଲାଗି ଯାଇଥିଲା ଓ ଏଥିପାଇଁ ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି । ସୂଚନା ମିଳିବା ମାତ୍ରେ ପୁଲିସ ଓ ଏସ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଜରିଆରେ ଆହତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିଛି ଆହତଙ୍କୁ ସୁଶୀଳା ତିୱାରୀ ହସ୍ପିଟାଲକୁ ରେଫର କରାଯାଇଥିଲା । ସବୁ ଆହତ ଉତ୍ତରପ୍ରଦେଶ ଓ ଗୁଜରାଟର ବୋଲି କୁହାଯାଇଛି । ଏମାନେ ସବୁ କାଇଞ୍ଚି ଧାମ ଦର୍ଶନ କରିବାକୁ ଯାଉଥିଲେ । କିନ୍ତୁ ୫ କିମି ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା ।

## ଚା' ଦୋକାନ ଉପରେ ଚଢ଼ିଗଲା ଟ୍ରକ; ୨ ମୃତ

ସୁଲତାନପୁର, ୧୮ ।୧୨(ଏଜେନ୍ସି): ସ୍ଥାନୀୟ ଲମ୍ଭୁଆ ଅଞ୍ଚଳରେ ଘନ କୁହୁଡି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଘଟିଛି । କୁହୁଡି କାରଣରୁ ଦୃଶ୍ୟମାନତା କମ୍ ହେବା କାରଣରୁ ଏକ ଟ୍ରକ୍ ଚା ଦୋକାନ ଉପରେ ଚଢ଼ଯାଇଥିଲା । ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଦ୍ରୁତଗତିରେ ଏକ ଟ୍ରକ ଦିୟାରାଠାରୁ ଲମ୍ଭୁଆ ଆଡକୁ ଆସୁଥିବା ବେଳେ ଗୁରୁବାର କୁରମିଆନେ ରାମପୁର ଗାଁରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଚା ଦୋକାନ ମାଲିକର ପୁଅ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପତ୍ନୀ ଆହତ ହୋଇଛନ୍ତି । ଟ୍ରକ ଡ୍ରାଇଭର ମଧ୍ୟ ଏଥିରେ ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି ।

## ଇଣ୍ଡିଗୋ ସେବା ସ୍ୱାଭାବିକ; ପୁଣି ଉଡ଼ିଲା ୨୨୨୦ ବିମାନ

ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ବିମାନ ସେବା ନେଇ ସବୁଠାରୁ ଖରାପ ସମୟ ଚାଲିଯାଇଛି ଓ ଅପରେସନ ଏବେ ସ୍ଥିର ହୋଇଛି ବୋଲି ଇଣ୍ଡିଗୋ ଏୟାର ଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ପିଟର ଏଲବର୍ସ କହିଛନ୍ତି । କମ୍ପାନୀ ଏହାର ନେଟୱର୍କକୁ ୨୨୦୦ ବିମାନ ଉଡାଣ ଦ୍ୱାରା ପୁନଃସ୍ଥାପିତ କରିଛି । ପିଟର ଗୁରୁବାର ନିଜର କର୍ମଚାରୀମାନଙ୍କୁ ବାର୍ତ୍ତା ଦେଇ କହିଛନ୍ତି ଯେ, କଷ୍ଟକର ସମୟ ବିତିଯାଇଛି ଓ ବିମାନ ସେବା ଏବେ ଆହୁରି ଶକ୍ତିଶାଳୀ ହୋଇଛି । କଷ୍ଟକର ସମୟରେ ଏକଜୁଟ ହୋଇ ରହିବା ସହ କାର୍ଯ୍ୟ କରିଥିବାରୁ ସେ ସବୁ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି । ଗତ ଦୁଇ ସପ୍ତାହ ଆମ ପାଇଁ ନିହାତି କଷ୍ଟକର ଓ ଚ୍ୟାଲେଞ୍ଜିଂ ଥିଲା । ଏହି ଅସୁବିଧା ମଧ୍ୟରେ ଆମେ ପୁଣି ଆମର କାର୍ଯ୍ୟକୁ ବାଟକୁ ଆଣିବାରେ ସକ୍ଷମ ହୋଇଛୁ । ଆମେ ଆଜି ଆମର ନେଟୱାର୍କକୁ ୨୨୦୦ ଉଡାଣରେ ପୁନଃସ୍ଥାପିତ କରିଛୁ । ଆମେ ଇଣ୍ଡିଗୋକୁ ଯେଉଁ ଏକାଗ୍ରତାର ସହ ଗଢ଼ି ତୋଳିଥିଲୁ, ସେହିଭଳି ଦେଶର ବିମାନ ସେବାକୁ ଆହୁରି ତ୍ୱରାନ୍ୱିତ କରିବୁ । ନିର୍ଭରଯୋଗ୍ୟତା, ସୁଗମତା, ଶୃଙ୍ଖଳା ଓ ଗ୍ରାହକଙ୍କ ପ୍ରତି ବିଶେଷ ଧ୍ୟାନ ସହ ଆମକୁ ଆହୁରି ଆଗକୁ ଯିବାକୁ ହେବ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ବିମାନ ସେବା ନିମୟରେ ପରିବର୍ତ୍ତନ କାରଣରୁ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇଥିଲା । ଏହି କାରଣରୁ ଡିସେମ୍ବର ୧ରୁ ୧୦ ମଧ୍ୟରେ ଦେଶରେ ୫, ୦୦୦ରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଥିଲା । ଏହି କାରଣରୁ ସେତେବେଳେ ଦେଶରେ ନାହିଁ ନଥିବା ସ୍ଥିତି ଉପୁଜିଥିଲା । ବିମାନ ଯାତ୍ରୀମାନେ ଅପ୍ରତ୍ୟାଶିତ ଭାବେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।




## ଛାଡ଼ପତ୍ର ପାଇଁ ପତି-ପତ୍ନୀ ଏକବର୍ଷ ଅଲଗା ରହିବା ଜରୁରୀ ନୁହେଁ: ଦିଲ୍ଲୀ ହାଇକୋର୍ଟ


ନୂଆଦିଲ୍ଲୀ, ୧୮ ।୧୨(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଛାଡ଼ପତ୍ର ଦେବା ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଆପୋସ ସହମତିରେ ଛାଡ଼ପ୍ରତ ଦେବାକୁ ଚାହୁଁଥିବା ପତି-ପତ୍ନୀଙ୍କ ପାଇଁ ଗୋଟିଏ ବର୍ଷ ଅଲଗା ରହିବାର ସର୍ତ୍ତ ବାଧ୍ୟତାମୂଳକ ନୁହେଁ ବୋଲି କୋର୍ଟ କହିଛନ୍ତି । କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ୍ (ଏଚ୍ଏମ୍ଏ), ୧୯୫୫ ଅନୁଯାୟୀ ଲାଗୁ ହୋଇଥିବା ଏହି ସର୍ତ୍ତକୁ କେତୋଟି ଉଚିତ ମାମଲାରେ ଛାଡ଼ କରାଯାଇପାରିବ । ଏପରିସ୍ଥିତିରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବିବାହ ବନ୍ଧନରୁ ମୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଏକ ଅବିଶ୍ୱସ୍ତ ସମ୍ପର୍କରେ ଫସାଇ ରଖିବା ଭୁଲ ହେବ ଓ ଏହା ଉଭୟଙ୍କ ପାଇଁ ଅନାବଶ୍ୟକ ମାନସିକ ଓ ଭାବନାତ୍ମକ ଚାପ ସୃଷ୍ଟି କରିବ ବୋଲି କୋର୍ଟ କହିଛନ୍ତି । ଆଇନ୍ ଅନୁଯାୟୀ ପରସ୍ପର ସମ୍ମତିରେ ଛାଡ଼ପତ୍ର ଦେବା ପାଇଁ ଆବେଦନ ଦାଖଲ କରିବାର ସମୟସୀମା ସମ୍ପର୍କରେ ମାର୍ଗଦର୍ଶନ ପାଇଁ ଏକ ଡିଭିଜନ ବେଞ୍ଚ୍ ଦେଇଥିବା ଏକ ରାୟର ଜବାବରେ କୋର୍ଟ ଏହି ସ୍ପଷ୍ଟୀକରଣ ଦେଇଛନ୍ତି । ଜଷ୍ଟିସ ନବୀନ ଚାୱାଲା, ଜଷ୍ଟିସ ଅନୁପ ଜୟରାମ ଭାମ୍ଭାନୀ ଓ ଜଷ୍ଟିସ ରେଣୁ ଭଟ୍ଟନାଗରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଏଚ୍ଏଏ ଧାରା ୧୩ବି(୧) ଅନୁଯାୟୀ ଗୋଟିଏ ବର୍ଷ ପାଇଁ ସ୍ୱାମୀ ସ୍ତ୍ରୀ ପୃଥକ ରହିବାର ଆଇନଗତ ସର୍ତ୍ତ ବାଧ୍ୟତାମୂଳକ ନୁହେଁ ।

# ସାଉଦିରେ ପାକ୍ ଭିକାରିଙ୍କ ଉତ୍ପାତ; ତଡ଼ା ଖାଇଲେ ୫୬ ହଜାର

ଇସଲାମାବାଦ୍, ୧୮ ।୧୨(ଏଜେନ୍ସି): ପୂର୍ବରୁ ପାକିସ୍ତାନ ନିଜ ଘରେ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ଅପମାନିତ ହେଉଥିଲା । ଏବେ ମଧ୍ୟପ୍ରାଚ୍ୟର ଇସ୍‌ଲାମିକ ଦେଶଗୁଡିକ ମଧ୍ୟ ପାକିସ୍ତାନକୁ ଅପମାନିତ କରିବାକୁ ପଛାଉ ନାହାନ୍ତି । ନିକଟରେ ମିଳିଥିବା ସୂଚନା ଅନୁଯାୟୀ ସାଉଦି ଆରବ ୫୬ ହଜାର ପାକିସ୍ତାନୀ ଭିକାରିଙ୍କୁ ଦେଶରୁ ପାକିସ୍ତାନକୁ ବିତାଡିତ କରିଛି । ଏମାନଙ୍କୁ ନେଇ ଉଭୟ ପାକିସ୍ତାନ ଏବଂ ସାଉଦି ଆରବ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏମାନେ ଭିକ୍ଷାବୃତ୍ତି ସହିତ ଅନେକ ଅପରାଧିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି ।

ଘରୋଇ ବିମାନରେ ଉଡାଣ ନିଷେଧ ତାଲିକା ଓ ବିଦେଶୀ ସରକାରଙ୍କ କଡ଼ା ଚେତାବନୀ ସତ୍ତ୍ୱେ ହଜାର ହଜାର ପାକିସ୍ତାନୀ କେବଳ ଭିକ୍ଷା ମାଗିବାକୁ ବିଦେଶ ଯାତ୍ରା କରୁଛନ୍ତି । ପାକିସ୍ତାନ ଫେଡେରାଲ ତଦନ୍ତ ଏଜେନ୍ସି (ଏଫ୍ଆଇଏ) ୨୦୨୫ରେ ଭିକ୍ଷାକାରୀ ଦଳକୁ ବିଦେଶ ଯିବାକୁ ରୋକିବା ପାଇଁ ୬୬, ୧୫୪ ଜଣ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିବା ବେଳେ ଏବେ ଏହି ତଥ୍ୟ ସାମ୍ନାକୁ ଆସିଛି । ଗୋଟିଏ ମାସ ତଳେ ସାଉଦି ଆରବ ଭିକ୍ଷାବୃତ୍ତି ଓ ଆପରାଧିକ ଆଚରଣ ପାଇଁ ଅଧିକାଂଶ ପାକିସ୍ତାନ ନାଗରିକଙ୍କୁ ଭିସା ପ୍ରଦାନ କରିବା ପ୍ରକ୍ରିୟାକୁ ବନ୍ଦ କରିଥିଲା । ଭିକ୍ଷାବୃତ୍ତିକୁ ପେସାରେ ପରିଣତ କରିଥିବା ନାଗରିକମାନେ ପାକିସ୍ତାନର ସମ୍ମାନହାନି କରୁଛନ୍ତି । ଏବେ ସାଉଦିରେ ଯେତେ ଭିକାରି ଅଛନ୍ତି ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ହେଉଛନ୍ତି ୯୪ ଭାଗ ।

ଉଲ୍ଲେଖଥାଉ କି, ସାଉଦି ଆରବରେ ଇସଲାମ ଧର୍ମର ଦୁଇଟି ସବୁଠାରୁ ପବିତ୍ର ସ୍ଥଳ ମକ୍କା ଓ ମଦିନା ରହିଛି । ଏହି ଦୁଇଟି ସ୍ଥାନରେ ବହୁ ସଂଖ୍ୟାରେ ପାକିସ୍ତାନୀ ଭିକାରିମାନେ ଡେରା ପକାଇଛନ୍ତି । ଗତବର୍ଷ ମଧ୍ୟ ସାଉଦି ଆରବ ପାକିସ୍ତାନକୁ କହିଥିଲା ଯେ, ଭିକାରିମାନଙ୍କୁ ଉମରା ଭିସା ପ୍ରଦାନ କରାଯାଉଛି । ସେମାନେ ଏହାର ଦୁରୁପଯୋଗ କରି ମକ୍କା ଓ ମଦିନା ଭଳି ପବିତ୍ର ସହରରେ ଭିକ୍ଷା ମାଗୁଛନ୍ତି । ତେଣୁ ଏହି ପ୍ରକ୍ରିୟାକୁ ରୋକିବାପାଇଁ ପାକିସ୍ତାନ ପଦକ୍ଷେପ ଗ୍ରହଣ କରୁ ବୋଲି ସାଉଦି ଆରବ ଚେତାବନୀ ଦେଇ କହିଥିଲା । କେବଳ ସେତିକି ନୁହେଁ, ପାକିସ୍ତାନ ଭିକାରିମାନେ ବିଦେଶୀ ତୀର୍ଥଯାତ୍ରୀଙ୍କୁ ସମସ୍ୟାରେ ମଧ୍ୟ ପକାଉଥିବା ଅଭିଯୋଗ ହେଉଛି । ୨୦୨୪ରେ ଗିରଫ ହୋଇଥିବା ମୋଟ ଭିକାରିଙ୍କ ମଧ୍ୟରେ ୯୦ ପ୍ରତିଶତ ପାକିସ୍ତାନ ନାଗରିକ ଥିଲେ ବୋଲି ଜଣାପଡ଼ିଥିଲା ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

- ୧୯୩୨- ବିବିସି( ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍) ବିଦେଶରେ ପ୍ରସାରଣ ଆରମ୍ଭ କଲା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୧୯୬୬- ଏସୀୟ ବିକାଶ ବ୍ୟାଙ୍କର ଆରମ୍ଭ ହେଲା।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇଅର୍' ଘୋଷଣା କଲା।
- ୨୦୧୮ - ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।



# ବରଫରେ ଶୋଇ ରହି ବିଶ୍ୱ ରେକର୍ଡ

ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର୍, ମଫଲର୍, ଜ୍ୟାକେଟ୍ ଆଦି ପିନ୍ଧନ୍ତି। ଏହାବାଦ୍ ଅନେକ ଲୋକ ଏହିଦିନେ ଥଣ୍ଡା ପାଣି ବଦଳରେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୁହଁ ବ୍ୟତୀତ ପୂରା ଶରୀର ବରଫରେ ଢାଙ୍କି ହୋଇଥିବାର ଦେଖାଯାଇଛି। ଏହି ବ୍ୟକ୍ତିଙ୍କ ନାମ ଲୁକାଜ ସ୍କୁନାର। ଲୁକାଜ କେବଳ ହ୍ୟାଫ୍ ପ୍ୟାଣ୍ଟଟିଏ ପିନ୍ଧିଛନ୍ତି। ଏଭଳି ଅବସ୍ଥାରେ ସେ ବରଫ ଉପରେ ଶୋଇ ଯାଉଛନ୍ତି। ଏହାପରେ କିଛି ଲୋକ ଆସି ତାଙ୍କ ଉପରେ ବରଫ ଲଦୁଛନ୍ତି। ତେବେ ଏଥିରେ କେବଳ ତାଙ୍କ ମୁହଁ ଓ ବେକ ଦେଖାଯାଉଛି। ପୂରା ଶରୀର ବରଫ ମଧ୍ୟରେ ଢାଙ୍କି ହୋଇ ରହୁଛି। ଭିଡିଓରେ ଲୁକାଜ ଅତ୍ୟଧିକ ଥଣ୍ଡା କାରଣରୁ ଥରୁଥିବାର ମଧ୍ୟ ଦେଖାଯାଉଛି। ତଥାପି ସେ ହାର୍ ମାନୁନାହାନ୍ତି। ଏଭଳି ଅବସ୍ଥାରେ ସେ ଅଢ଼େଇ ଘଣ୍ଟା ବିତାଇ ଦେଉଛନ୍ତି। ଏହାପରେ ଲୁକାଜଙ୍କ ନାମ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଗିନିଜ୍ ବିଶ୍ୱ ରେକର୍ଡର ଅଫିସିଆଲ ସାଇଟ୍‌ରେ ଲୁକାଜଙ୍କ ରେକର୍ଡ କରିବାର ଭିଡିଓ ସେୟାର କରାଯାଇଥିଲା। ଏହି ଭିଡିଓକୁ ଏବେ ସୁଦ୍ଧା ୪୫ ଲକ୍ଷ ଥର ଦେଖାଯାଇଛି। ଲୋକେ ଲୁକାଜଙ୍କର ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିଛନ୍ତି।


# 'ଅବତାର ୩'ରେ 'ରାମାୟଣ'ର ପ୍ରୋମୋ



ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହା ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ ହେବ ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଏହାର ପ୍ରଥମ ଝଲକ ଜାରି ହୋଇଥିଲା। ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶକ ନିତେଶ ତିୱାରୀ ଏବେ ଏହାର ପ୍ରୋମୋକୁ ଥ୍ରୀଡିରେ ଆଣିବା ପାଇଁ ଯୋଜନା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଜେମସ୍ କ୍ୟାମରୁନ୍‌ଙ୍କ 'ଅବତାର: ଫାୟାର ଆଣ୍ଡ ଆଶ୍' ସହ 'ରାମାୟଣ'ର ଥ୍ରୀଡି ପ୍ରୋମୋକୁ ଥିଏଟର୍‌ରେ ରିଲିଜ୍ କରାଯିବ। ତେବେ ଫିଲ୍ମ ରିଲିଜ୍ ପୂର୍ବରୁ ଏହାର ପ୍ରୋମୋକୁ ସିନେମାହଲ୍‌ରେ ରିଲିଜ୍ କରିବା ଏକ ଐତିହାସିକ ପଦକ୍ଷେପ ହେବ। ଡିସେମ୍ବର ୧୯ରେ ଦର୍ଶକେ 'ଅବତାର ୩' ଦେଖିବା ପୂର୍ବରୁ ସେମାନଙ୍କୁ ପ୍ରଥମେ 'ରାମାୟଣ'ର ପ୍ରୋମୋ ଦେଖାଯିବ। ଆଠ ଥର ଓସ୍କାର ଜିତିଥିବା ଭିଜୁଆଲ ଇଫେକ୍ଟ୍ସ ଷ୍ଟୁଡିଓ 'ଡିଏନ୍‌ଇଜି' ଏହାର ପ୍ରୋମୋ ଭିଜୁଆଲ ପ୍ରସ୍ତୁତ କରିଛି। 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏଥିରେ ରଣବୀର କପୁର ଭଗବାନ ଶ୍ରୀରାମ, ସାଇପଲ୍ଲବୀ ମାତା ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। 'ରାମାୟଣ'ର ବଜେଟ୍ ୪୦୦୦ କୋଟି ରହିଛି।

## ଅଣ୍ଡା ବି ହୋଇଯାଏ ଖରାପ

ପ୍ରୋଟିନ୍‌ର ଉତ୍ତମ ଉତ୍ସ ହେଉଛି ଅଣ୍ଡା। ଅନେକ ଲୋକ ଏକାଥରକେ ୧୦-୧୫ ଅଣ୍ଡା କିଣି ସାଇତି ରଖନ୍ତି। ଏହାଦ୍ୱାରା ବାରମ୍ବାର ଅଣ୍ଡା ଆଣିବା ଚିନ୍ତା ଦୂର ହୁଏ। ସେହିପରି ଲୋକେ ଅଣ୍ଡାକୁ ଫ୍ରିଜ୍‌ରେ ସାଇତି ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରନ୍ତି। ହେଲେ ଅନ୍ୟ ଜିନିଷ ଭଳି ଅଣ୍ଡାର ମଧ୍ୟ ଏକ୍ସପାୟାରି ଡେଟ୍ ଅଛି। ଏକ୍ସପାୟାରି ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ବିପଜ୍ଜନକ ହୋଇଥାଏ। ଏପରିକି ଏହାକୁ ଖାଇବା ଦ୍ୱାରା ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି। ତେବେ ଅଣ୍ଡା ସାଲମୋନେଲା ଜୀବାଣୁ ଯୋଗୁଁ ଖରାପ ହୋଇଥାଏ। ଏହି ଜୀବାଣୁ ଯୋଗୁ ଫୁଡ୍ ପଏଜନିଂ ହୋଇଥାଏ। ଯେତେଯେତେ ଏହି ଜୀବାଣୁ ବୃଦ୍ଧି ପାଏ, ଅଣ୍ଡା ଖରାପ ବା ନଷ୍ଟ ହେବା ଆରମ୍ଭ କରେ। ସମୟ ସହିତ ଅଣ୍ଡାର ଗୁଣବତ୍ତା ମଧ୍ୟ ହ୍ରାସ ପାଏ। ଏଭଳି ସ୍ଥିତିରେ ଅଣ୍ଡା ଭିତରେ ପବନର ମାତ୍ରା ଅଧିକ ହୋଇ ଅଣ୍ଡା ଶୁଷ୍କ ହୋଇଯାଏ। ତେବେ ଯଦି ଅଣ୍ଡାଟି ଭାଙ୍ଗି ନାହିଁ, ତେବେ ସମ୍ପୂର୍ଣ୍ଣ ଅଣ୍ଡାଟି ୩ ରୁ ୫ ସପ୍ତାହ ପର୍ଯ୍ୟନ୍ତ ଖାଇବା ସୁରକ୍ଷିତ। ଯଦିଓ



ଅଣ୍ଡାକୁ ଫ୍ରିଜରରେ କିଛି ସମୟ ପାଇଁ ରଖାଯାଇପାରିବ, ତଥାପି ଏକ ନିର୍ଦ୍ଦିଷ୍ଟ ସମୟ ପରେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣ୍ଡା ସାଇତି ରଖୁଥିଲେ ଏବଂ ଏହା ଖରାପ ହେବା ସନ୍ଦେହ କରୁଥିଲେ ଏହାକୁ ପାଣିରେ ପକାଇ ଜାଣି ହେବ ଅଣ୍ଡା ଭଲ ଅଛି କି ନାହିଁ। ପାଣିରେ ଭାସୁଥିବା ଅଣ୍ଡା ଖରାପ ହୋଇଥାଏ। ଏହାବାଦ୍ ଅଣ୍ଡାକୁ ହଲାଇବା ବେଳେ ସେଥିରୁ ଶବ୍ଦ ହେଲେ ଏହା ନଷ୍ଟ ହୋଇଯାଇଥିବା ଦିଗକୁ ଇଙ୍ଗିତ କରେ। ଅନ୍ୟପଟେ ଅଣ୍ଡା ଖୋଳପାର ରଙ୍ଗ ବଦଳିଥିଲେ ଅଣ୍ଡା ଖରାପ ହୋଇଯାଇଥିବା ସ୍ପଷ୍ଟ ହୋଇଥାଏ। ସେହିପରି ଅଣ୍ଡା ଖରାପ ହୋଇଯାଇଥିଲେ ଏଥିରୁ ଏକ ଅଜବ ଦୁର୍ଗନ୍ଧ ଆସେ। ତେଣୁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ରଖିବା ପାଇଁ ଅଣ୍ଡାକୁ ତା'ର କାର୍ଟୁନ ସହିତ ଥଣ୍ଡା ଓ ଆଲୋକ ପଡୁ ନ ଥିବା ସ୍ଥାନରେ ରଖିବା ଉଚିତ। ସେହିଭଳି ଅଣ୍ଡାକୁ ଫ୍ରିଜ୍‌ରେ ୩-୫ ସପ୍ତାହ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇ ପାରିବ।

## ସଞ୍ଜୀବନୀ

# ବନ୍ ପରୀକ୍ଷା

**ବୃକ୍କ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ରକ୍ତ ସଫା କରିବା ସହ ଶରୀରର ବର୍ଜ୍ୟକୁ ବାହାର କରେ। କୌଣସି କାରଣରୁ ବୃକକ୍ କାମ ନ କଲେ ସ୍ୱାସ୍ଥ୍ୟସମସ୍ୟା ଦେଖାଦିଏ। ବୃକ୍କଜନିତ ସମସ୍ୟାର ଜଟିଳତାକୁ ବୁଝିବାକୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ସେମିତି ଏକ ପରୀକ୍ଷା ହେଉଛି ବନ୍ (BUN)ଟେଷ୍ଟ।**



ବନ୍ ବା ବିୟୁଏନ୍ ଟେଷ୍ଟର ଅର୍ଥ 'ବ୍ଲଡ୍ ୟୁରିୟା ନାଇଟ୍ରୋଜେନ୍' ପରୀକ୍ଷା। ଏହି ରକ୍ତ ପରୀକ୍ଷାରେ ରକ୍ତରେ ୟୁରିୟା ନାଇଟ୍ରୋଜେନ୍ ସ୍ତର ମପାଯାଏ। ୟୁରିୟା ନାଇଟ୍ରୋଜେନ୍ ଏକ ବର୍ଜ୍ୟ ଉତ୍ପାଦ। ଏହା ଶରୀରରେ ପ୍ରୋଟିନ୍ ଭାଙ୍ଗିବା ପରେ ସୃଷ୍ଟି ହୋଇଥାଏ। ସାଧାରଣତଃ ବୃକ୍କ ରକ୍ତରୁ ୟୁରିୟା ନାଇଟ୍ରୋଜେନ୍‌କୁ ବାହାର କରି ଦେଇଥାଏ। ଯେତେବେଳେ ବୃକ୍କ୍ ଠିକ୍ ଭାବେ କାମ ନ କରେ ବିୟୁଏନ୍ ସ୍ତର ବଢ଼ିଯାଏ। ବିୟୁଏନ୍ ସ୍ତର ଜାଣିବାକୁ ରକ୍ତ ପରୀକ୍ଷା କରାଯାଏ। ଡିହାଇଡ୍ରେସନ୍, ବୃକ୍କ ଅଚଳ ଆଦି ବିଷୟରେ ଜାଣିବାକୁ ଏହି ପରୀକ୍ଷା ମଧ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ବୟସ, ଲିଙ୍ଗ ଅନୁସାରେ ବିୟୁଏନ୍‌ସ୍ତର ବଦଳୁଥାଏ। ବିୟୁଏନ୍ ପରୀକ୍ଷା ଫଳାଫଳକୁ ଏମ୍‌ଜି/ଡିଏଲ୍‌ରେ ମପାଯାଏ। ବୃକ୍କର ସୁସ୍ଥତା ପାଇଁ ରକ୍ତଚାପ ସନ୍ତୁଳିତ ରଖିବା ଜରୁରି। ବୃକ୍କ ଜନିତ ସମସ୍ୟା ଥିଲେ ମନ ଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ସହ ଉଚିତ ପରିମାଣର ପାଣି ପିଇବା ଆବଶ୍ୟକ।

# ରେଟିନା ଜଣାଇବ ରୋଗ

ଅଧୁନା ପ୍ରତ୍ୟେକ କ୍ଷେତ୍ରରେ ଏଆଇର ଉପଯୋଗ କରାଯାଉଛି। ଏହି କ୍ରମରେ ଅଷ୍ଟ୍ରେଲିଆର ବୈଜ୍ଞାନିକ ଏକ ଏଆଇ ଟୁଲ ବିକଶିତ କରୁଛନ୍ତି। ଯାହାକି ଆଖିରୁ ରୋଗ ବିଷୟରେ ଜଣାପଡ଼ିବ। ଏହି ଏଆଇ ଟୁଲ ଆଖି ରେଟିନାର ଫଟୋକୁ ବିଶ୍ଳେଷଣ କରି ହୃତ୍‌ପିଣ୍ଡ ଏବଂ ବୃକ୍କ ସହିତ ଜଡିତ ରୋଗକୁ ଚିହ୍ନଟ କରିବ। ଏହି ଟୁଲ୍‌ଟିକୁ ବନାଇବାର ନେତୃତ୍ୱ ମୋନାଶ ବିଶ୍ୱବିଦ୍ୟାଳୟ ନେଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, 'ଉନ୍ନତ ଏଆଇ ମଡେଲ' ତିଆରି କରିବା। ଏହି ସ୍ୱତନ୍ତ୍ର ଏଆଇ ମଡେଲ ରେଟିନାର ଫଟୋକୁ ସ୍କାନ୍ କରିବ। ରେଟିନା ଛବି ମାଧ୍ୟମରେ ଯେଉଁ ରୋଗ ପୂରା ଶରୀରକୁ ପ୍ରଭାବିତ କରେ ତାହାକୁ ଚିହ୍ନଟ କରିବ। ହୃତ୍‌ପିଣ୍ଡ ଓ ବୃକ୍କର ରୋଗ ଚିହ୍ନଟରେ ସାହାଯ୍ୟ କରିବ। ଫଳରେ ସଠିକ୍ ସ୍କ୍ରିନିଂ ସହ ରୋଗର ଚିକିତ୍ସା ଓ ନିୟନ୍ତ୍ରଣ କରାଯାଇପାରିବ। ଏନେଇ ଗବେଷକମାନେ ଏଆଇ କୌଶଳ ଉପଯୋଗରେ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ତଥ୍ୟ ଓ ରେଟିନା ଫଟୋ ଉପରେ ଅଧ୍ୟୟନ କରିଥିଲେ। ଏହି କୌଶଳଟି ପାରମ୍ପରିକ ପରୀକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ମୋନାଶ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଝୋଙ୍ଗୟୁଆନ୍ କୁହନ୍ତି, ଏହି ମଡେଲଟି ଦଶନ୍ଧିଧରି ଚିହ୍ନଟ ନ ହୋଇଥିବା ତଥ୍ୟ ପାଇଁ ନୂତନତମ ଏଆଇ ପଦ୍ଧତିଗୁଡିକ ପ୍ରୟୋଗ କରିବ। ଏହା ଆଧାରରେ ମଲ୍ଟିମଡେଲ ଏଆଇ ମଡେଲ ତିଆରି କରାଯାଉଛି। ଯାହା ଗୋଟିଏ ସମୟରେ ଅନେକ ରୋଗ ଚିହ୍ନଟ କରିବାରେ ସକ୍ଷମ ହେବ। ଏହି ପରୀକ୍ଷଣ ଦ୍ୱାରା ରେଟିନା ଫଟୋରୁ ସହଜରେ କମ୍ ସମୟରେ ରୋଗର ପ୍ରାରମ୍ଭିକ ସ୍ଥିତି ବିଷୟରେ ଜଣାପଡ଼ିବ। ହୃତ୍‌ପିଣ୍ଡ ଏବଂ ବୃକ୍କର ସ୍ଥିତିକୁ ଆକଳନ କରାଯିବାକୁ ଏହି ପରୀକ୍ଷା ବ୍ୟବହାର କରାଯିବ। ଭବିଷ୍ୟତରେ ଏହି ଏଆଇ ଦ୍ୱାରା ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।



## 'ସକାଳ'ର ସ୍ୱାସ୍ଥ୍ୟ

# ଜିଭ କର୍କଟ



**ଜିଭରେ ହେଉଥିବା କର୍କଟକୁ ଜିହ୍ୱା ବା ଜିଭ କର୍କଟ କୁହାଯାଏ। ଏହି କର୍କଟ ଜିଭ କୋଷରୁ ଆରମ୍ଭ ହୋଇଥାଏ। ଜିଭର ପୃଷ୍ଠଭାଗରେ ସଂକ୍ରମିତ ହୋଇ ପାଟିରେ ବ୍ୟାପି ଯାଇପାରେ। ଜିଭକୁ ଅନେକ ପ୍ରକାରର କର୍କଟ ରୋଗ ଆକ୍ରାନ୍ତ କରିପାରେ। ତେଣୁ ପ୍ରାଥମିକ ଅବସ୍ଥାରୁ ଜିଭ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇବା ନିହାତି ଆବଶ୍ୟକ।**

**କେଉଁମାନଙ୍କୁ ଅଧିକ ବିପଦ:** ଧୂମପାନ, ମଦ୍ୟପାନ, ତମାଖୁ ସେବନ, ବଂଶାନୁଗତ, ଏଚ୍‌ପିବି ସମ୍ପର୍କରେ ଆସିବା ଦ୍ୱାରା ଜିଭ କର୍କଟ ହେବା ଆଶଙ୍କା ଅଧିକ ଥାଏ। ମହିଳାଙ୍କ ତୁଳନାରେ ପୁରୁଷ ଏହି କର୍କଟରେ ଅଧିକ ଆକ୍ରାନ୍ତ ହୁଅନ୍ତି। ବୟସ୍କ, ମୁଖଗହ୍ୱରର ଅସ୍ୱଚ୍ଛତା, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ଜିଭ କର୍କଟ ହେବାର ବିପଦ ଅଧିକ ଥାଏ।

**ଲକ୍ଷଣ:** ଜିଭ କର୍କଟର ଆରମ୍ଭରୁ ଲକ୍ଷଣଗୁଡ଼ିକ ସାଧାରଣ ସମସ୍ୟା ପରି ଦେଖାଯାଏ। ତେଣୁ ଏହାକୁ ଚିହ୍ନିବା ସହଜ ହୋଇ ନ ଥାଏ। ଏହି ରୋଗ ଆରମ୍ଭରୁ ଜିଭରେ ଧଳା ଦାଗ, ଗଳା ଦରଜ, କଥା ଅସ୍ପଷ୍ଟ ଶୁଭିବା, କହିବାରେ ସମସ୍ୟା, ଜିଭ ବାହାର କରିବାରେ ଅସୁବିଧା, ତଣ୍ଟିରେ ଅଟକି ଯିବା ପରି ଲାଗିବା, ଜିଭ ଝିମ୍ ଝିମ୍ ଲାଗିବା, ଢୋକିବା ସମୟରେ ଜିଭ କାମ ନ କରିବା, ସ୍ୱର ପରିବର୍ତ୍ତନ, ମାଢ଼ି ଫୁଲିବା, କାଶରେ ରକ୍ତ ପଡ଼ିବା କିମ୍ବା କାନ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଇପାରେ। ରୋଗର ସ୍ତର ଯଦି ତୃତୀୟ କିମ୍ବା ଚତୁର୍ଥସ୍ତରରେ ଥାଏ, ଜିଭ କର୍କଟ ସହ ବେକ ଫୁଲା ହୋଇପାରେ। ତେଣୁ ଜିଭ ପୃଷ୍ଠଭାଗରେ ପରିବର୍ତ୍ତନ ଦେଖାଗଲେ କିମ୍ବା ଜିଭରୁ ରକ୍ତ କ୍ଷରଣ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

**ଚିକିତ୍ସା:** ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ ହେଲେ, ସର୍ଜରୀ, କେମୋଥେରାପି, ବିକିରଣ ଚିକିତ୍ସା, ବ୍ରାକିଥେରାପି ଏବଂ କିଛି ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା କରାଯାଇଥାଏ। ଯଦି ଜିଭ କର୍କଟ ବିଳମ୍ବରେ ଚିହ୍ନଟ ହୁଏ, ଡାକ୍ତର ଜିଭରେ କର୍କଟ ଅଂଶକୁ ବାହାର କରିଦେଇଥାନ୍ତି। ଏହି ପ୍ରଣାଳୀକୁ ଗ୍ଲୋସେକ୍ଟମି କୁହାଯାଏ। ଯଦି ଜିଭର ଏକ ଛୋଟ ଅଂଶ କଢ଼ାଯାଏ, ସର୍ଜନ ଜିଭ ପୁନଃନିର୍ମାଣ ସର୍ଜରୀ କରିଥାନ୍ତି। ତେଣୁ ତମାଖୁ, ଗୁଟ୍‌ଖା, ମଦ୍ୟପାନ, ଧୂମପାନରୁ ଦୂରେଇ ରହିବା ଦରକାର। ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ।



# ସ୍ୱାସ୍ଥ୍ୟପ୍ରଦ ପୁଦିନା


**ପୁଦିନାରେ ମେନ୍ଥଲ, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍-ସି', ଆଦି ରହିଛି। ଆୟୁର୍ବେଦ ଅନୁସାରେ, ପୁଦିନା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସାହାଯ୍ୟ କରେ। ତେଣୁ ଶୀତଦିନେ ପୁଦିନା ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର।**

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ ପୁଦିନା ପତ୍ର କିମ୍ବା ପୁଦିନା ଜୁସ୍ ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଭୋକ ବଢ଼େ। ପୁଦିନାରେ ମେନ୍ଥଲ ଥିବାରୁ କାଶ ଦୂର ହୁଏ। ଥଣ୍ଡା, ନାକ ଖୋଲିବା, ଗଳା ଦରଜ ଆଦିରୁ ଉପଶମ ମିଳିଥାଏ।
- ଶୀତଦିନେ ସାଧାରଣତଃ ପାଚନ ଶକ୍ତି ଧୀମା ହୁଏ। ଗ୍ୟାସ୍, ହାକୁଡି, ବଦହଜମି ଆଦି ଦେଖାଯାଏ। ତେଣୁ ପୁଦିନା ପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ହୁଏ। ଏହାର ଜୁସ୍ ପିଇଲେ ପେଟ ଥଣ୍ଡା ରୁହେ। ଚର୍ମଜନିତ ସମସ୍ୟା ଦୂର ହୁଏ।

# ମାଇସୋଫୋବିଆ

ଫୋବିଆ ଏକ ପ୍ରକାର ମାନସିକ ଅବସ୍ଥା। ଯେଉଁଥିରେ ଜଣେ ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଅବସ୍ଥା ପ୍ରତି ନିରନ୍ତର ଭୟ କରିଥାନ୍ତି। ଫୋବିଆ ରୋଗ ବିଭିନ୍ନ ପ୍ରକାରର ରହିଛି। ତନ୍ମଧ୍ୟରୁ ମାଇସୋଫୋବିଆରେ ଅନେକ ପୀଡ଼ିତ। ଏହି ରୋଗରେ ପୀଡ଼ିତ କୀଟାଣୁ, ମଇଳାରୁ ବଞ୍ଚିବାକୁ ଚେଷ୍ଟା କରନ୍ତି। ଯେକୌଣସି ସାମଗ୍ରୀରୁ କୀଟାଣୁ ଏବଂ ମଇଳା ଥିବା ଅନୁଭବ କରି ତାହାକୁ ବାରମ୍ବାର ସଫା କରନ୍ତି।

- ପୀଡ଼ିତ ବ୍ୟକ୍ତି କୌଣସି ବସ୍ତୁ ବା ସାମଗ୍ରୀକୁ ଅଧିକବାର ସଫା କରନ୍ତି। କାହା ସହିତ ହାତ ମିଶାଇବା ପରେ ବି ଧାତକୁ ବାରମ୍ବାର ଧୁଅନ୍ତି। କୀଟାଣୁରୁ ରୋଗ ବ୍ୟାପିବାକୁ ନେଇ ଚିନ୍ତା, ଏକାଧିକ ଥର ହାତ ଧୋଇବା ଏହି ରୋଗର ଲକ୍ଷଣ। ଭୟ, ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡ ବୁଲାଇବା, ତୀବ୍ର ହୃଦ୍‌ସ୍ପନ୍ଦନ ଆଦି ଶାରୀରିକ ଲକ୍ଷଣ ଦେଖାଯାଏ। ରୋଗର ତୀବ୍ରତା ବଢ଼ି ସେମାନଙ୍କ ଦୈନନ୍ଦିନ ଏବଂ ସାମାଜିକ ଜୀବନରେ ବାଧା ସୃଷ୍ଟି ହୁଏ।
- ମନୋସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ଏହି ରୋଗ ନିୟନ୍ତ୍ରଣ ହୁଏ। ହାତ ମିଶାଇବାର ୫ରୁ ୧୦ ମିନିଟ୍ ଯାଏଁ ହାତ ନ ଧୋଇବାକୁ ବ୍ୟାୟାମ କରାଯାଇଥାଏ। ସିବିଟି ଏବଂ ଏକ୍ସପୋଜର ଥେରାପିର ସାହାଯ୍ୟ ନିଆଯାଏ। କେତେକ ମାମଲାରେ ଔଷଧ ଦିଆଯାଏ।




ସକାଳ
THE SAKALA
www.sakalaepaper.com

### ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଟି-୨୦ ଆଜି

# ବୁମ୍‌ରା ଫେରିଲେ, ଗିଲ୍‌ଙ୍କୁ ନେଇ ସନ୍ଦେହ

ଅହମ୍ମଦାବାଦ୍,୧୮ ।୧୨(ଏଜେନ୍ସି):



ଆୟୋଜକ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟୁର୍‌ର ଶେଷ ମୁକାବିଲା ବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଶେଷ ଲଢ଼େଇ ଆସନ୍ତାକାଲି ଏଠାରେ ଖେଳାଯିବ। ଏହା ପୂର୍ବରୁ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ପ୍ରବଳ କୁହୁଡ଼ି ଯୋଗୁ ବାତିଲ କରିବାକୁ ପଡ଼ିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୨-୧ ଆଗୁଆ ରହିବା ସହ ଏହି ସିରିଜ୍‌ରେ ଦଳ ଆଉ ହାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତ ଖେଳିଥିବା ଗତ ୧୪ଟି ସିରିଜ୍‌ରେ ଦଳ ମାତ୍ର ଥରେ ସିରିଜ୍‌କୁ ସମାନସ୍ତରରେ ରଖିବାରେ ସମର୍ଥ ହୋଇଛି। ଏଠାରେ ବିଜୟୀ ହେଲେ ଭାରତର ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ଠିକଣା ବାଟରେ ରହିବ। କେବଳ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିବା ଚିନ୍ତାର କାରଣ ହୋଇଛି। ଅନ୍ୟ ପକ୍ଷରେ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିବା, ଶେଷ ଦିନିକିଆ ସିରିଜରେ ଦଳର ଜବରଦସ୍ତ ବିଜୟ ପରେ ଏବେ ସଫଳତା ଓ ସମ୍ମାନର ସହ ଟି-୨୦ ସିରିଜ୍‌କୁ ବରାବର ସ୍ଥିତିରେ ରଖି ସ୍ୱଦେଶ ଫେରିବାକୁ ଦକ୍ଷିଣ ଆଫ୍ରିକା ନିଶ୍ଚିତ ଚେଷ୍ଟା କରିବ।

ଖେଳାଳିମାନଙ୍କ ସମ୍ପର୍କରେ ସୂଚନାଅନୁଯାୟୀ ଯଶପ୍ରୀତ୍ ବୁମ୍‌ରା ନିଜ ହୋମ୍‌ଟାଉନ୍‌ରେ ଖେଳିବା ଲାଗି ଦଳକୁ ଫେରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଚତୁର୍ଥ ମ୍ୟାଚ୍ ଲାଗି ଅନୁପସ୍ଥିତ ଥିଲେ। ପାଦରେ ଆଘାତ ଲାଗିବା କାରଣରୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚତୁର୍ଥ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ତାଙ୍କ ଫିଟ୍‌ନେସ ଉପରେ କୌଣସି ଅପ୍‌ଡେଟ କେହି ଦେଇ ନାହାନ୍ତି। ସେ ଯଦି ଅନ୍‌ଫିଟ ରୁହନ୍ତି, ତେବେ ସଞ୍ଜୁ ସାମସନଙ୍କୁ ଖେଳିବା ଲାଗି ଦ୍ୱିତୀୟ ସୁଯୋଗ ମିଳିବାରେ। ଘନ କୁହୁଡ଼ି ଯୋଗୁ ସେ ପ୍ରଥମ ମ୍ୟାଚ୍ ଖେଳିବା ସୁଯୋଗ ହରାଇଥିଲେ। ଭାରତର ସବୁଠାରୁ ବଡ଼ ଚିନ୍ତାହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତା। ଗତ ଅକ୍ଟୋବର ପରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଗତ ୨୦ଟି ଇନିଂସରେ ସେ ୨୩୯ ରନ ସଂଗ୍ରହ କରିଛନ୍ତି। ଭାରତ ମ୍ୟାଚ୍ ଜିତୁଥିବାରୁ ତାଙ୍କ ଫର୍ମକୁ ନେଇ ବିଶେଷ ଆଲୋଚନା ହେଉନାହିଁ। ତଥାପି ଫର୍ମହୀନତା ଯୋଗୁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଚିନ୍ତାରେ ରହିଛି।

### କୁହୁଡ଼ି ଓ ଟସ୍‌ର ପ୍ରଭାବ ପଡ଼ିବ ନାହିଁ

ଦେଶର ଅନ୍ୟଭାଗ ଭଳି ଏଠାରେ ଘନ କୁହୁଡି ଦେଖିବାକୁ ମିଳିନାହିଁ। ଦିନରେ ସର୍ବାଧିକ ତାପମାତ୍ର ୩୦ ଡିଗ୍ରୀଯାଏ ରହୁଛି। ଏଠାରେ କାକରର ପ୍ରଭାବ ସେପରି ନାହିଁ। ଏଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ନୁହେଁ। ସୂଚନାଯୋଗ୍ୟ ଏଠାରେ ଖେଳାଯାଇଥିବା ଗତ ୭ଟି ଦିବାରାତ୍ର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୬ଥର ମ୍ୟାଚ୍ ଜିତିଛି। ଏଣୁ ଟସ୍ କିମ୍ବା କାକରର ପ୍ରଭାବ ଏତେ ଅନୁଭୂତ ହେବ ନାହିଁ ବୋଲି ଆଶା କରାଯାଉଛି। ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମୁକାବିଲା ଏକତରଫା ହୋଇଛି। ଶେଷରେ କଡ଼ାମୁକାବିଲା ହେଉ ବୋଲି ସମସ୍ତେ ଆଶା କରୁଛନ୍ତି।

### ବିସିସିଆଇ ନୁହେଁ; ଟିକଟ ଅର୍ଥ ଫେରାଇବ ୟୁପି କ୍ରିକେଟ ସଂଘ

ନୂଆଦିଲ୍ଲୀ,୧୮ ।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ଟି ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ବାତିଲ କରାଯାଇଥିଲା। ଘନ କୁହୁଡି ଯୋଗୁ ଏପରି କରିବାକୁ ପଡ଼ିଥିଲା। କିନ୍ତୁ ବିସିସିଆଇ ନିୟମ ଅନୁଯାୟୀ ଏହି ମ୍ୟାଚ୍ ଦେଖିବାକୁ ଟିକଟ କିଣିଥିବା ଦର୍ଶକମାନେ ସମସ୍ତ ଅର୍ଥ ଫେରିପାଇବା କଥା। କିନ୍ତୁ ଏସମ୍ପର୍କରେ କେହି କିଛି ଘୋଷଣା କରିନାହାନ୍ତି। କିନ୍ତୁ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ମତରେ ଏହି ଅର୍ଥ ଆୟୋଜକ ସଂଘ ଫେରସ୍ତ କରିବ। ଏହାର ଅର୍ଥ ଲକ୍ଷ୍ନୌରେ ଖେଳାଯିବାକୁ ଥିବା ମ୍ୟାଚର ଆୟୋଜନ ୟୁପି କ୍ରିକେଟ ସଂଘ ଉପରେ ଥିଲା ଓ ଗୋଟିଏ ବଲ ବୋଲିଂ ନ ହୋଇ ମ୍ୟାଚ୍ ବାତିଲ ହୋଇଥିବାରୁ ଏହି ଅର୍ଥ ୟୁପି ସଂଘ ଫେରାଇବ ବୋଲି ସାଇକିଆ ସ୍ପଷ୍ଟ କରିଛି। ୟୁପି ସଂଘ କେବେ ଏହି ଟିକଟ ଅର୍ଥ ଫେରାଇବ ତାହାକୁ ସମର୍ଥକମାନେ ଅପେକ୍ଷା କରି ରହିଛନ୍ତି।

### ଫିଫା ବିଶ୍ୱକପ୍-୨୦୨୬

# ଚାମ୍ପିଅନ ଦଳକୁ ୪୫୧ କୋଟି

ଜୁରିକ, ୧୮ ।୧୨ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଆରମ୍ଭ ହେବାକୁ ଆହୁରି ୧୭୪ ଦିନ ବାକି ରହିଛି। କିନ୍ତୁ ୬ ମାସ ପୂର୍ବରୁ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ପକ୍ଷରୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ପୁରସ୍କାର ରାଶି ବଢ଼ିଛି। ଆଗାମୀ ବିଶ୍ୱକପ୍‌ରେ ପୁରସ୍କାର ଆକାରରେ ମୋଟ୍ ୬୫୫ ମିଲିୟନ ଡଲାର ପ୍ରଦାନ କରାଯିବ। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୫,୯୦୮ କୋଟି ଟଙ୍କା ହେବ। ଚାମ୍ପିଅନ ଦଳ ପୁରସ୍କାର ବାବଦକୁ ୫୦ ମିଲିୟନ ଡଲାର (ପାଖାପାଖି ୪୫୧ କୋଟି) ଘରକୁ ନେବ। ଯାହାକି ୨୦୨୨ ଓ ୨୦୧୮ ସଂସ୍କରଣ ତୁଳନାରେ ଢେର ଅଧିକ। ୨୦୨୨ ଓ ୨୦୧୮ ସଂସ୍କରଣରେ ଯଥାକ୍ରମେ ୪୨ ମିଲିୟନ ଓ ୩୮ ମିଲିୟନ ଡଲାର ଚାମ୍ପିଅନ ଦଳକୁ ମିଳିଥିଲା। ସେହିଭଳି ଯଦି ମୋଟ୍ ପୁରସ୍କାର ଉପରେ ନଜର ପକାଯାଏ ତେବେ ୨୦୨୨ରେ ୪୪୦ ମିଲିୟନ ଡଲାର ପୁରସ୍କାର ଆକାଦରରେ ଦିଆଯାଇଥିଲା। ଅପରପକ୍ଷରେ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ୪୮ ଟି ମହାସଂଘକୁ ପୂର୍ବ ପ୍ରସ୍ତୁତି ସକାଶେ ୧.୫ ମିଲିୟନ ଦିଆଯିବ।



**ପୁରସ୍କାର ରାଶି (କୋଟିରେ)**

| | |
|---|---|
| ମୋଟ୍ ପୁରସ୍କାର | ୫,୯୦୮ |
| ଚାମ୍ପିଅନ | ୪୫୧ |
| ରନର୍ସଅପ୍ | ୨୯୭ |
| ତୃତୀୟ ସ୍ଥାନ | ୨୬୧ |
| ଚତୁର୍ଥ ସ୍ଥାନ | ୨୪୩ |
| କ୍ୱାର୍ଟର ଫାଇନାଲିଷ୍ଟ | ୧୬୧ |
| ପ୍ରି-କ୍ୱାର୍ଟର | ୧୩୫ |
| ରାଉଣ୍ଡ- ୩୨ | ୯୯ |
| ଗ୍ରୁପ୍ ପର୍ଯ୍ୟାୟ | ୮୧ |
| ପ୍ରସ୍ତୁତି ଲାଗି | ୧୩ |

### ସୟଦ ମୁସ୍ତାକ ଅଲି ଟି-୨୦
# ଝାଡ଼ଖଣ୍ଡକୁ ପ୍ରଥମ ଟାଇଟଲ୍

**ଇଶାନଙ୍କ ଶତକ**

ପୁଣେ,୧୮ ।୧୨(ଏଜେନ୍ସି): ଓପନର ତଥା ଅଧିନାୟକ ଇଶାନ କିସାନଙ୍କ ବିସ୍ଫୋରକ ଶତକ ବଳରେ ଝାଡଖଣ୍ଡ ଚଳିତବର୍ଷର ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କିଶାନ ୬ ଚୌକା ଓ ୧୦ ଛକା ସହ ୪୯ ବଲ୍‌ରେ ୧୦୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଝାଡ଼ଖଣ୍ଡ ୩ ୱିକେଟରେ ୨୬୨ ରନ୍ କରିଥିଲା। ଜବାବରେ ହରିଆଣା ୧୮.୩ ଓଭରରେ ୧୯୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ୱିକେଟ ରକ୍ଷକ ଯଶବର୍ଦ୍ଧନ ଦଲାଲ ୫୩, ସାମନ୍ତ ଝାକଡ଼ ୩୮ ଓ ନିଶାନ୍ତ ସିନ୍ଧୁ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ବିଜୟୀ ଝାଡ଼ଖଣ୍ଡ ପକ୍ଷରୁ ବାଲ କିଶୋର ଓ ସୁଶାନ୍ତ ମିଶ୍ର ୩ଟି ଲେଖାଏଁ, ଉତ୍କର୍ଷ ସିଂ ଓ ଅନୁକୂଳ ରୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଇଶାନ କିଶାନଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅନୁକୂଳ ରୟଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ମନ୍ନତା ମିଶ୍ରଙ୍କୁ ରୌପ୍ୟ

ଭୁବନେଶ୍ୱର,୧୮ ।୧୨(ସମିସ): ଚେନ୍ନଇର ଆଜି ଆରମ୍ଭ ହୋଇଥିବା ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍‌ର



ମନ୍ନତା ମିଶ୍ର ରୌପ୍ୟ ପଦକ ପାଇଛନ୍ତି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌କୁ ସେ ୨ମିନିଟ୍ ୪୪.୦୫ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ କେହି ଓଡ଼ିଆ ପ୍ରଥମ ଦିନରେ ପଦକ ଜିତିବାରେ ସମର୍ଥ ହୋଇ ନାହାନ୍ତି।

## ସନ୍ତୋଷ ଟ୍ରଫି ଓଡ଼ିଶା ଦଳ ଘୋଷିତ

କଟକ,୧୮ ।୧୨(ସମିସ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ଆରମ୍ଭ ହେବାକୁ ଯାଉଛି। ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଛତିଶଗଡ ନାରାୟଣପୁରରେ ଗ୍ରୁପ-ଏଫ'ର ସମସ୍ତ ମ୍ୟାଚ୍ ଖେଳାଯିବ। ଏହି ଗ୍ରୁପରେ ସାମିଲ ହୋଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ଭେଟିବ। ଏହି ପରିପ୍ରେକ୍ଷୀରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ଜଣିଆ ରାଜ୍ୟ ଦଳ ଆଜି ଘୋଷଣା କରାଯାଇଛି। **ଓଡ଼ିଶା ଦଳ:** ସୌମ୍ୟରଞ୍ଜନ ଦାସ, ସିଦ୍ଧାନ୍ତ ପ୍ରଧାନ, ରାକେଶ ଓରାମ, ଅଶୋକ ବାଗ, ବିଶାଲ ଟିଗା, ଅବିନାଶ ମୁଦୁଲି, ପିଣ୍ଟୁ ସାମଲ, ହରିଶଙ୍କର ନାୟକ, ଅର୍ପଣ ଲାକ୍ରା, ରଞ୍ଜନ ସୋରେନ, ଚନ୍ଦ୍ରମୋହନ ମୁର୍ମୁ, ଗୌରବ ନେଗୀ, ମହେଶ ହାଁସଦା, ଗଣେଶ ସେଠୀ, ସୁରେଶ ଖାଡିଆ, ଅରବିନ ଲାକ୍ରା, ଜିତୁ ମୁଦୁଲି, କାର୍ତ୍ତିକ ହାନ୍ତାଳ, ଶ୍ରୀକାନ୍ତ ଗଡବ, ରାଇସେନ ଟୁଡୁ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍-ଅକ୍ଷୟ ଦାସ, ସହକାରୀ କୋଚ-ଚିତ୍ତରଞ୍ଜନ ବେହେରା, ମ୍ୟାନେଜର-ଗଙ୍ଗାଧର ବେହେରା, ଫିଜିଓ-ସରୋଜ କୁମାର ଦାସ।

## ବିବାଦରେ ପାକିସ୍ତାନ କବାଡ଼ି ଖେଳାଳି ରାଜପୁତ

### ଭାରତର ଏକ ଟିମ୍ ପକ୍ଷରୁ ଖେଳି ଫଶିଲେ

ନୂଆଦିଲ୍ଲୀ, ୧୮ ।୧୨ (ଏଜେନ୍ସି): ପାକିସ୍ତାନ ତାରକା କବାଡ଼ି ଖେଳାଳି ଉବେଦୁଲ୍ଲା ରାଜପୁତ ବିବାଦ ଘେରରେ ଫଶିଯାଇଛନ୍ତି। ବାହାରିନରେ ଗତ ୧୬ ତାରିଖରେ ଅନୁଷ୍ଠିତ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତର ଏକ ଦଳ ପକ୍ଷରୁ ପ୍ରତିନିଧିତ୍ୱ



କରିଥିଲେ। ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଉବେଦୁଲ୍ଲାଙ୍କ ବିରୋଧରେ ପାକିସ୍ତାନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍)ର ସମ୍ପାଦକ ରାଣା ସରୱାର କହିଛନ୍ତି, 'ଏହି ଘଟଣାକୁ ଗୁରୁତର ସହ ନିଆଯାଇ ଆସନ୍ତା ୨୭ ତାରିଖରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଛି। ଯେଉଁଥିରେ ରାଜପୁତ ଓ ଅନ୍ୟକିଛି ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଆଲୋଚନା ହେବ'। ସମ୍ପାଦକ ରାଣା ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଏହା ଏକ ପ୍ରାଇଭେଟ ଟୁର୍ଣ୍ଣାମେଣ୍ଟ ଥିଲା। ଯେଉଁଥିରେ ବିଭିନ୍ନ ଦେଶର ଖେଳାଳିଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଆୟୋଜକଙ୍କ ଦ୍ୱାରା ଏହି ଟିମଗୁଡ଼ିକୁ ଭାରତ, ପାକିସ୍ତାନ, କାନାଡା, ଇରାନ ଆଦି ନାମିତ କରାଯାଇଥିଲା। ନାମକରଣ ଅନୁସାରେ ସମସ୍ତ ଦେଶରେ ମୂଳ ଖେଳାଳି ଥିଲେ। କିନ୍ତୁ ଆବେଦୁଲ୍ଲା ଭାରତୀୟ ଜର୍ସି ପରିଧାନ କରି ଭାରତ ପକ୍ଷରୁ ଖେଳିଥିଲେ। ଯାହାକି ଗ୍ରହଣୀୟ ନୁହେଁ।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ
## ସେମିରେ ତମାଣ୍ଡୋ

ଭାପୁର,୧୮ ।୧୨(ସମିସ): ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବସଂଘ ଆନୁକୂଲ୍ୟରେ ନାଳିସାଗର ଖେଳ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୫ ୱିକେଟରେ ଭାଇଜାଗ୍‌ର ନଭସିପ ଚାମ୍ପିଅନ୍ସକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ କ୍ୱାର୍ଟରରେ ବିଜୟ ହାସଲ କରି କଳାହାଣ୍ଡି କ୍ରିକେଟ ଆସୋସିଏସନ ସେମିରେ ପ୍ରବେଶ କରିଥିଲା। ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ତମାଣ୍ଡୋ ସହ କଳାହାଣ୍ଡିର ମୁକାବିଲା ହେବ।

ଆଜିର କ୍ୱାର୍ଟର ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୦ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୫୨ ରନ୍ ସଂଗ୍ରହ କରିନେଇଥିଲା। ଭାଇଜାଗ୍‌ର ପ୍ରଥମ ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ତମାଣ୍ଡୋର ନମନ ଧ୍ରୁବ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜିର ଅତିଥିଭାବେ ମନୋଜ କୁମାର ପ୍ରଧାନ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ।




## ଇକ୍ୟୁଡର ଫୁଟ୍‌ବଲ ଖେଳାଳି ପିନୈଦାଙ୍କୁ ଗୁଳି କରି ହତ୍ୟା

କ୍ୱିଟୋ, ୧୮ ।୧୨ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ଫୁଟ୍‌ବଲ ଦଳର ଡିଫେଣ୍ଡର ମାରିଓ ପିନୈଦାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗତକାଲି ଗୁୟାକ୍ୱେଲ ସହରରେ ଏକ ଦୋକାନ ସାମ୍ନାରେ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ମାରିଓ, ତାଙ୍କ ମା ଓ ଅନ୍ୟଜଣେ ମହିଳାଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଯେଉଁଥିରେ ୩୩ ବର୍ଷୀୟ ପିନୈଦାଙ୍କ ମୃତ୍ୟୁ ଘଟିଥିବା ନେଇ ଇକ୍ୱେଡର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ପୁଲିସ ୟୁନିଟ୍ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି। ମାରିଓ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଇକ୍ୱେଡର ଜାତୀୟ ଦଳ ପକ୍ଷରୁ ୯ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

## କୁଚ୍ ବିହାର ଟ୍ରଫି: ଓଡ଼ିଶା ଅଗ୍ରଣୀ

କଟକ,୧୮ ।୧୨(ସମିସ): କ୍ରମାଗତ ୪ଟି ମ୍ୟାଚ୍‌ରେ ପରାଜୟ ବରଣ କରି କୁଚ୍ ବିହାର ଟ୍ରଫିରେ ଅଭିଯାନ ଶେଷ କରିଥିବା ଓଡ଼ିଶା ଦଳ ହିମାଚଳପ୍ରଦେଶ ବିପକ୍ଷରେ ପାଳି ଅଗ୍ରଣୀ ହାସଲ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍ ଡ୍ର ଅଭିମୁଖେ ଗତି କରୁଛି। ହିମାଚଳପ୍ରଦେଶର ପ୍ରଥମ ପାଳି ୧୮୧ରନ ଜବାବରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ଅଧିନାୟକ ସମ୍ବିତ ବେଜା ୧୦୦ ରନ୍‌ର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆଦିତ୍ୟ ଆନନ୍ଦ ୭୩ ରନ ସଂଗ୍ରହ କରିଥିଲେ। ତେବେ ୧୭୭ ରନରେ ପଛୁଆ ରହିବା ପରେ ଭ୍ରମଣକାରୀ ହିମାଚଳପ୍ରଦେଶ ଦ୍ୱିତୀୟ ଇନିଂସରେ ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ୱିକେଟ ବିନିମୟରେ ୨୧୨ରନ କରିଛି। ହିମାଚଳପ୍ରଦେଶ ୩୫ ରନର ଅଗ୍ରଣୀ ହାସଲ କରିଛି।

### ରେକର୍ଡ ତ୍ରି-ଶତକୀୟ ଭାଗୀଦାରି

**କନୱେ- ୧୭୮, ଲାଥମ- ୧୩୭**

ମାଉଣ୍ଟ ମାଉଙ୍ଗନୁଇ, ୧୮ ।୧୨ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁରୁବାର ଆରମ୍ଭ ହୋଇଥିବ ଅନ୍ତିମ ତଥା ୩ୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ମଜଭୁତ ସ୍ଥିତିରେ ରହିଛି। ଦୁଇ ଓପନର୍ ଟମ୍ ଲାଥମ ଓ ଡେଭନ କନୱେଙ୍କ ଦମ୍‌ଦାର ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପ ସୁଦ୍ଧା ୯୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୩୪ ରନର ସମ୍ମାନଜନକ ସ୍କୋର କରିଛି। ଷ୍ଟମ୍ପବେଳକୁ କନୱେ ୨୫ ଚୌକା ସହ ୨୭୯ ବଲରୁ ୧୭୮ ରନ ଓ ଜାକବ ଡଫି ୯ ରନ କରି ଅପରାଜିତ ରହିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅଧିନାୟକ ଲାଥମ ୨୪୬ ବଲରେ ୧୩୭ ରନ କରି କେମାର ରୋଚ୍‌ଙ୍କ ବଲରେ ଆଉଟ୍ ହୋଇଛନ୍ତି। ଆଉଟ୍ ହେବା ପୂର୍ବରୁ କନୱେଙ୍କ ସହ ଲାଥମ ଓପନିଂ ୱିକେଟ୍‌ରେ ୫୨୦ ବଲରୁ ୩୨୩ ରନର ଭାଗୀଦାରି ଗଢ଼ିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ଓପନିଂ ୱିକେଟ୍ ଯୋଡ଼ିରେ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍। ଏଥିପୂର୍ବରୁ ୧୯୭୨ରେ ସମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗ୍ଲେନ ଟର୍ଣ୍ଣର ଓ ଟେରୀ ଜାର୍ଭିସ ୩୮୭ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ।



### ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

# ସହରାଞ୍ଚଳ ସେମିରେ ଫୁଲବାଣୀ-ଢେଙ୍କାନାଳ

ନନ୍ଦନକାନନ/ବାରଙ୍ଗ,୧୮ ।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସରେ ସହରାଞ୍ଚଳ ବିଭାଗରେ ଢେଙ୍କାନାଳର ମା ମଙ୍ଗଳା କ୍ଲବ ୩-୧ ଗୋଲରେ ୟୁନାଇଟେଡ଼ ସି-୧କ୍ଲବ ବିହାରକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ଖେଳରେ ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମା ମଙ୍ଗଳା କ୍ଲବ ଗୋଠପୁର ୪-୩ ଟାଇ ବ୍ରେକର ଗୋଲ ଜରିଆରେ ବଜରଙ୍ଗ କ୍ଲବ ଘାଟିକିଆକୁ ହରାଇ ସେମିଫାଇନାଲକୁ ଯାଇଛି। ଦ୍ୱିତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ ବଉଳକୁଦ ୨-୦ ଗୋଲରେ ମଦନ ମୋହନକ୍ଲବ ଉଷୁମାକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଗ୍ରାମାଞ୍ଚଳ-ବି'ବିଭାଗରେ ବାରଙ୍ଗ ବେୟାର ୫-୪ ଟାଇ ବ୍ରେକର ଜରିଆରେ ଆଲାମ ଗିରି କ୍ଲବ ସାଇଁଷୋକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ, ଦ୍ୱିତୀୟ କୃଷକ ବନ୍ଧୁ କ୍ଲବ ତଣ୍ଡିକଣା ୫-୪ଟାଇ ବ୍ରେକର ଗୋଲରେ ଉତ୍ତମାପୁରକୁ ହରାଇ ସେମିରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଭାସ୍କର ଚନ୍ଦ୍ର ରାଉତ,ଜିତେନ୍ଦ୍ର ସେନାପତି,ମନୋଜ ଦାସ,କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡିକୁ ରେଫରୀ ସୁଦୀପ୍ ଦାସ,ଟୁଟୁ ବାହିନୀପତି,ବ୍ରହ୍ମାନନ୍ଦ ଭୋଇ,ସଂଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍ଗନିଧି ରାଉତ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ସହରାଞ୍ଚଳ ବିଭାଗରେ ସୁରଜ ଏଫସି ଫୁଲବାଣୀ ଓ ମା ମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ। ଗ୍ରାମାଞ୍ଚଳ ଏ ବିଭାଗରେ ମୁଣ୍ଡୁମାଣ -ବାରାହୀପୁର, ପ୍ରତାପନଗରୀ-ମଇନ୍ଦିପୁର ଏବଂ ଗ୍ରାମାଞ୍ଚଳ-ବି ବିଭାଗରେ ଟାଙ୍ଗିବନ୍ତ -ଆମଣ, ବୋଧପୁର -ସିଆରଆରଆଇ କଟକ ମଧ୍ୟରେ କ୍ୱାଟର ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବା ନେଇ ଆୟୋଜକ ୟୁନାଇଟେଡ଼ ୟୁଥ ସ୍ପୋର୍ଟ୍ସ୍ କ୍ଲବ ଗଣ୍ଡରପୁର ପକ୍ଷରୁ ହିରୋ ରାଉତ ଜଣାଇଛନ୍ତି।



# ଆଡିଲେଡ୍ ଟେଷ୍ଟ: ବ୍ୟାକ୍‌ଫୁଟ୍‌ରେ ଇଂଲଣ୍ଡ

ଆଡିଲେଡ୍, ୧୮ ।୧୨ (ଏଜେନ୍ସି):

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଆଡିଲେଡ୍ ଓଭାଲରେ ଚାଲିଥିବା ଆସେସ୍ ସିରିଜର ୩ୟ ଟେଷ୍ଟରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌ରେ ରହିଛି। ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୭୧ ରନ ଜବାବରେ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୨୧୩ ରନ ସଂଗ୍ରହ କରିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ୪୫ ଓ ଜୋଫ୍ରା ଆର୍ଚର ୩୦ ରନରେ ଅପରାଜିତ ରହି ଦଳକୁ ପାଳି ପଛୁଆରୁ ବଞ୍ଚାଇବା ଲାଗି ସଂଘର୍ଷ ଜାରି ରଖିଛନ୍ତି। ଦୁଇଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ପାଳି ପଛୁଆକୁ ଏଡ଼ାଇବା ଲାଗି ଆହୁରି ୧୫୮ ରନ ଆବଶ୍ୟକ କରୁଛି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ ୪୫, ବେନ ଡକେଟ୍‌ ୨୯, ଜୋ ରୁଟ ୧୯ ରନ କରିଥିଲେ। ବୋଲିଂରେ ଘରୋଇ ଦଳ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ୩ ଏବଂ ନାଥନ ଲିଅନ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ଜୋଫ୍ରା ଆର୍ଚର ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆକୁ ୩୭୧ ରନରେ ଅଟକାଇଦେଇଥିଲେ। ଆଲେକ୍ସ କାରୀ ୧୦୬ ଓ ମିଚେଲ ଷ୍ଟାର୍କ ୫୪ ରନ କରିଥିଲେ।



### ପିଲାଦିନର ହିରୋ ମ୍ୟାକ୍‌ଗ୍ରାଙ୍କୁ ଟପିଲେ ଲିଅନ

ଅଷ୍ଟ୍ରେଲୀୟ ଭେଟେରାନ ସ୍ପିନର ନାଥନ ଲିଅନଙ୍କ ଟେଷ୍ଟ ୱିକେଟ୍ ସଂଖ୍ୟା ୫୬୪ରେ ପହଞ୍ଚିଛି। ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାରେ ସେ ପିଲାଦିନର ହିରୋ ଗ୍ଲେନ ମ୍ୟାକଗ୍ରା (୧୨୪ ଟେଷ୍ଟରୁ ୫୬୩ ୱିକେଟ)ଙ୍କୁ ପଛରେ ପକାଇ ଦେଇଛନ୍ତି। ୩୮ ବର୍ଷୀୟ ଲିଅନ ୧୪୧ତମ ଟେଷ୍ଟରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ସର୍ବାଧିକ ଟେଷ୍ଟ ୱିକେଟ୍ ନେଇଥିବା ଅଷ୍ଟ୍ରେଲୀୟ ବୋଲର ତାଲିକାରେ ଶେନ ୱର୍ଣ୍ଣ (୭୦୮)ଙ୍କ ପଛକୁ ଏବେ ଲିଅନ ରହିଛନ୍ତି। ସେହିଭଳି ବ୍ରେଟ୍ ଲି (୩୧୦ ୱିକେଟ)ଙ୍କୁ ପଛରେ ପକାଇ କମିନ୍ସ (୩୧୨) ତାଲିକାର ୭ମ ସ୍ଥାନକୁ ଉଠିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS